
ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net

email: pratidhwani.dhwani@gmail.com

ଯା ଦେବୀ ସର୍ବଭୂତେଷୁ............


ଅପେକ୍ଷାର୍ ଅବସାନ ଘଟାଇ ପ୍ରକାଶ ପାଉଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଶୁକ୍ରବାର ୨୬ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 26 MARCH 2021

Vol.No. 32 ■ No. 81 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


## ୨୮, ୨୯ରେ ବନ୍ଦ ରହିବ ସ୍କୁଲ

ଭୁବନେଶ୍ୱର,୨୫/୦୩ (ନି.ପ୍ର): ଆସନ୍ତା ୨୮ ଓ ୨୯ ତାରିଖ ଦୋଳପୂର୍ଣ୍ଣିମା ଓ ହୋଲି ଲାଗି ସ୍କୁଲ ବନ୍ଦ ରହିବ। ଛୁଟି ଘୋଷଣା କଲା ଗଣଶିକ୍ଷା ବିଭାଗ। ଗଣଶିକ୍ଷା ଅଧିନରେ ଥିବା ସମସ୍ତ ସରକାରୀ , ସରକାରୀ ଅନୁଦାନ ପ୍ରାପ୍ତ ଓ ଘରୋଇ ସ୍କୁଲ ୨ ଦିନ ଛୁଟି ରହିବ। ଗୁରୁବାର ଏ ସଂକ୍ରାନ୍ତରେ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ଲେଖିଛନ୍ତି ଅତିରିକ୍ତ ଶାସନ ସଚିବ ପ୍ରତାପ କୁମାର ମିଶ୍ର।

## ଗୋଟିଏ ଦିନରେ ୨୧୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୫/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୧୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୯୪୬୦ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୩୬୩୩୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୧୧୫୧ ରହିଛି । ଆଜି ଚିହ୍ନଟ ହୋଇଥିବା ୨୧୪ ଜଣଙ୍କ ମଧ୍ୟରୁ ୧୨୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୮୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ▶▶ପୃଷ୍ଠା ୭

# ଆଜି ଭାରତ ବନ୍ଦ

## ରାଜ୍ୟରେ ସ୍କୁଲ, କଲେଜ, ବିଶ୍ୱ ବିଦ୍ୟାଳୟ ସବୁ ବନ୍ଦ ରହିବ



ଭୁବନେଶ୍ୱର,୨୫/୦୩ (ନି.ପ୍ର): ଗତବର୍ଷ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ୩ ଟି କୃଷି ବିଲକୁ ବିରୋଧ କରି କୃଷକ ମାନେ ଆନ୍ଦୋଳନ ଜାରି ରଖିଛନ୍ତି । ଆସନ୍ତା କାଲି ଏହି ଆନ୍ଦୋଳନକୁ ୪ ମାସ ପୁରିବାକୁ ଯାଉଥିବା ବେଳେ ଭାରତ ବନ୍ଦର ଡାକରା ଦେଇଛି ସଂଯୁକ୍ତ କିଷାନ ମୋର୍ଚ୍ଚା । ଆସନ୍ତା କାଲି ସକାଳ ୬ ରୁ ସନ୍ଧ୍ୟା ୬ ଟା ଯାଏ ଏହି ବନ୍ଦ ପାଳନ କରାଯିବ । ବନ୍ଦ ବେଳେ ପୁରା ଦେଶରେ ସଡକ, ରେଳ ପରିବହନ ସହ ବଜାର ବନ୍ଦ ରହିବ ବୋଲି କୁହାଯାଇଛି । କୃଷକ ନେତା ଦର୍ଶନ ପାଲ କହିଛନ୍ତି କି 'ଏହି ଆନ୍ଦୋଳନକୁ ସଫଳ କରିବାକୁ ଆମେ ଦେଶବାସୀଙ୍କୁ ଅନୁରୋଧ କରୁଛୁ' । ଅନ୍ୟପଟେ କୃଷକ ନେତା ବୁଟାସିଂ ବୁର୍ଜଗିଲ କହିଛନ୍ତି କି ଆନ୍ଦୋଳନକୁ ୪ ମାସ ପୁରିଲାଣି । ସରକାର ଏନେଇ କିଛି ବିଚାର କରୁଥିବା ଭଳି ମନେ ହେଉନାହିଁ ତେଣୁ ଆମେ ଭାରତ ବନ୍ଦର ଡାକରା ଦେଇଛୁ । ଏହି ଭାରତ ବନ୍ଦ ପାଳନ ବେଳେ ଶାନ୍ତି ବଜାୟ ରଖିବାକୁ ସେ କୃଷକ ମାନଙ୍କୁ କହିଛନ୍ତି । ଏହାସହ ମାର୍ଚ୍ଚ ୨୮ ତାରିଖ ଦିନ ହୋଲିକା ଦହନ ଅବସରରେ କୃଷି ଆଇନର ପ୍ରତୀକାତ୍ମକ ଛବି ଦହନ କରାଯିବ ବୋଲି ସେ କହିଛନ୍ତି । କାଲି ଭାରତବନ୍ଦକୁ କୃଷକ ସଂଗଠନ ସହ ଅନ୍ୟାନ୍ୟ ସଂଗଠନ ମାନେ ସମର୍ଥନ ଜଣାଇଥିବା ବେଳେ ପ୍ରଥମଥର ପାଇଁ ଆନ୍ଧ୍ରପ୍ରଦେଶର ଜଗନମୋହନ ରେଡ୍ଡି ସରକାର ଏହି ବନ୍ଦକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ରେଡ୍ଡି କହିଛନ୍ତି କି ଏହି ବନ୍ଦ ପାଳନ ଦିନ ୧ ଟା ପର୍ଯ୍ୟନ୍ତ ପାଳନ କରାଯିବ । ଦିନ ୧ ଟା ପରେ ସବୁ ସରକାରୀ ସଂସ୍ଥାନ ଖୋଲା ରହିବ ଓ ଆରଟିସି ବସ୍ ଚାଲିବ । ଅପରପକ୍ଷରେ ଭାରତ ବନ୍ଦକୁ ଦୃଷ୍ଟିରେ ରଖି ଶୁକ୍ରବାର ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ସ୍କୁଲ ବନ୍ଦ ରହିବ । ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ରାଜ୍ୟର ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ ମଧ୍ୟ ବନ୍ଦ ରଖିବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି।

## ତାଳଚେରରେ ଖୋଲିପାରେ ନୂଆ ତାପଜ ବିଦ୍ୟୁତ୍ କେନ୍ଦ୍ର

## ପ୍ରକଳ୍ପ ବନ୍ଦ ହେବ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିଶ୍ରୁତି



ନୂଆଦିଲ୍ଲୀ/ଭୁବନେଶ୍ୱର,୨୫/୦୩ (ନି.ପ୍ର): ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ର(ଟିଟିପିଏସ)ର ତୃତୀୟ ପର୍ଯ୍ୟାୟ ସଂପ୍ରସାରଣକୁ ତ୍ୱରାନ୍ୱିତ କରାଯିବ ଏବଂ ଭବିଷ୍ୟତରେ ଏହି ପ୍ରକଳ୍ପ ବନ୍ଦ ହେବ ନାହିଁ ବୋଲି କେନ୍ଦ୍ର ଶକ୍ତି ରାଷ୍ଟ୍ରମନ୍ତ୍ରୀ ଆର.କେ ସିଂହ ପ୍ରତିଶ୍ରୁତି ଦେଇଥିବା ଟ୍ୱିଟ୍ କରି ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ତାଳଚେରରେ ଆଉ ଏକ ନୂଆ ତାପଜ ବିଦ୍ୟୁତ୍ କେନ୍ଦ୍ରର ପ୍ରତିଷ୍ଠା ପାଇଁ ମଧ୍ୟ କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂହଙ୍କୁ ଅନୁରୋଧ କରିଛନ୍ତି ଶ୍ରୀ ପ୍ରଧାନ । ତେବେ ଓଡ଼ିଶା ସରକାର ଏଥିପାଇଁ ଆବଶ୍ୟକୀୟ ସହଯୋଗ ଯୋଗାଇଦେଲେ ନୂଆ ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ଆର.କେ ସିଂହ ପ୍ରତିଶ୍ରୁତି ଦେଇଥିବା ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ପୂର୍ବୋଦୟ କଳ୍ପନାରେ ଏହି ବିକାଶ ହେବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରି ସୂଚନା ଦେବା ଧନ୍ୟବାଦ ଜଣାଇଛନ୍ତି । ସୂଚନାଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ▶▶ପୃଷ୍ଠା ୭

## ୨୮ ଓ ୨୯ରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୫/୦୩ (ନି.ପ୍ର): ଆସନ୍ତା ୨୮ ଓ ୨୯ ତାରିଖରେ ପୂର୍ବ ଓ ଉତର ଓଡ଼ିଶାର କିଛି ସ୍ଥାନରେ ଝଡବର୍ଷା ସହ ବଜ୍ରପାତ ହୋଇପାରେ । ଭୁବନେଶ୍ୱର ଆଂଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଆସନ୍ତା ୨୮ ତାରିଖ ସକାଳ ୮.୩୦ରୁ ୨୯ ତାରିଖ ସକାଳ ୮ଟା ୩୦ ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ାର କିଛି ସ୍ଥାନରେ ଝଡବର୍ଷା ସାଙ୍ଗକୁ ବଜ୍ରପାତ ହୋଇପାରେ । ସେହିପରି ୨୯ ତାରିଖ ସକାଳ ୮ଟା ୩୦ରୁ ୩୦ ତାରିଖ ସକାଳ ୮ଟା ୩୦ ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ ଜଗତସିଂହପୁରରେ ମଧ ବଜ୍ରପାତ ସହ ଝଡବର୍ଷା ହେବାର ଆଶଙ୍କା ରହିଛି ।

## ଯୁବ କଂଗ୍ରେସର ଯୁବ ଆକ୍ରୋଶ ସମାବେଶ

## ବିଧାନସଭା ଘେରାଉ ବେଳେ କଂଗ୍ରେସ କର୍ମୀ-ପୋଲିସ୍ ଧସ୍ତାଧସ୍ତି



ଭୁବନେଶ୍ୱର,୨୫/୦୩ (ନି.ପ୍ର): ବେକାରୀ ସମସ୍ୟା ନେଇ ଓଡିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ "ଯୁବ ଆକ୍ରୋଶ ସମାବେଶ" କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ସମାବେଶ ପରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କାଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରାବାହାରି ବିଧାନସଭା ଘେରାଉ ଉଦ୍ୟମ କରାଯାଇଥିଲା। ଲୋୟର ପିଏମଜି ଠାରୁ ବିଧାନସଭା ଆଡକୁ ଅଗ୍ରସର ହେବା ବେଳେ ପୋଲିସ୍ ସେମାନଙ୍କୁ ଅଟକାଇଥିଲା ।ଫଳରେ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଯୁବ କର୍ମୀମାନେ ପୋଲିସ୍ ବ୍ୟାରିକେଟ୍ ଡେଇଁବାକୁ ଉଦ୍ୟମ କରୁଥିବାବେଳେ ଯୁବ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଗିରଫ ହୋଇଥିଲେ। ଏପରିକି ଅଖିଳ ଭାରତ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବି.ଭି ମଧ୍ୟ ଗିରଫ କରିଥିଲା ପୋଲିସ୍। ▶▶ପୃଷ୍ଠା ୭

## କରୋନା ଟିକା ରପ୍ତାନୀ ସାମୟିକ ଭାବେ ସ୍ଥଗିତ




ନୂଆଦିଲ୍ଲୀ,୨୫/୦୩: ଭାରତରେ କରୋନା ସଂକ୍ରମଣ ପୁଣି ବଢୁଥିବାରୁ କେନ୍ଦ୍ର ସରକାର ସାମୟିକ ଭାବେ କୋଭିସିଲଡ ଟିକା ରପ୍ତାନିକୁ ସ୍ଥଗିତ ରଖିଛନ୍ତି । ଦେଶରେ କରୋନା ଟିକା ଚାହିଦା ପୂରଣ କରିବା ପରେ ପରବର୍ତ୍ତିକାଳରେ ବିଦେଶକୁ ରପ୍ତାନି କରିବା ସମ୍ପର୍କରେ ନିଷ୍ପତ୍ତି ନିଆଯିବ । କେନ୍ଦ୍ର ସରକାର ଆସନ୍ତା ଏପ୍ରିଲ ପହିଲାରୁ ୪୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକମାନଙ୍କୁ କରୋନା ଟିକା ଦେବା ପାଇଁ ଘୋଷଣା କରିଛନ୍ତି । ଏହାପରେ ଦେଶରେ ଟିକା ଚାହିଦା ଆହୁରି ବୃଦ୍ଧି ପାଇବ । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି । ଗତ କାଲି କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା ଯେ ଭାରତରେ ଯେତିକି ଲୋକଙ୍କୁ ଟିକା ଦିଆଯାଇଛି, ତାଠାରୁ ଅଧିକ ଟିକା ରପ୍ତାନି କରାଯାଇଛି । ଏହାକୁ ନେଇ କେତେକ ମହଲରେ ସରକାରଙ୍କୁ ସମାଲୋଚନା କରାଯାଇଥିଲା । ଭାରତରେ ଗତ କିଛି ଦିନ ହେଲା ପୁଣି କରୋନା ସଂକ୍ରମଣ ଚିନ୍ତାଜନକଭାବେ ବୃଦ୍ଧି ପାଇଚାଲିଛି । ଗତ ୨୪ ଘଣ୍ଟାରେ ଦେଶରେ ୫୩,୪୭୬ଟି ନୂଆ କରୋନା ମାମଲା ଦେଖାଦେଇଛି । ଭାରତରେ ପୁଣି ଗତ ବର୍ଷ ପରି କରୋନା ସଂକ୍ରମଣ ବଢିଚାଲିଥିବାବେଳେ ବିଦେଶକୁ ଟିକା ରପ୍ତାନିକୁ ନେଇ କେତେକ ମହଲରେ ପ୍ରଶ୍ନ ଉଠିଥିଲା । ସୂଚନାଯୋଗ୍ୟ ଯେ ପୁଣେ ସ୍ଥିତ ସେରମ ଇନଷ୍ଟିଚ୍ୟୁଟ ଅକ୍ସଫୋର୍ଡ-ଆଷ୍ଟ୍ରାଜେନିକା ଟିକାକୁ ଭାରତରେ କୋଭିସିଲଡ ନାମରେ ଉତ୍ପାଦନ କରୁଛି ।

## ଓଡ଼ିଶାରେ ପରିସ୍ଥିତି ଠିକ୍ ଅଛି : ଆଇଏଲଏସ ନିର୍ଦ୍ଦେଶକ

ଭୁବନେଶ୍ୱର,୨୫/୦୩ (ନି.ପ୍ର): ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଓଡ଼ିଶାରେ ପରିସ୍ଥିତି ଠିକ୍ ଅଛି ବୋଲି ଆଇଏଲଏସ ନିର୍ଦ୍ଦେଶକ ଅଜୟ ପରିଡ଼ା କହିଛନ୍ତି। ତଥାପି ହୋଲି ଭଳି ପର୍ବପର୍ବାଣୀରେ ସତର୍କ ରହିବାକୁ ପଡ଼ିବ। ଆବଶ୍ୟକସ୍ଥଳେ ମାଇକ୍ରୋ କଂଟେନମେଂଟ ଜୋନ କରି ନିୟନ୍ତ୍ରଣ କରାଯାଇପାରିବ। କେଉଁ ମ୍ୟୁଟେସନ ଅଧିକ ସଂକ୍ରାମକ, ତାହା ଅଧ୍ୟୟନ କଲେ ଜଣାପଡ଼ିବ। ଆଉ ଏକ ସପ୍ତାହ ଭିତରେ ଆଇଏଲଏସରେ ଆଉ ୩୨୦ଟି ନମୂନା ଟେଷ୍ଟ କରାଯିବ। ସେ କହିଛନ୍ତି ଯେ ମହାରାଷ୍ଟ୍ର ଓ ପଞ୍ଜାବରେ ଦେଖାଯାଉଥିବା ଷ୍ଟ୍ରେନର

## ବନ୍ଦ ହେଲା ଲୋକସଭା ଅଧିବେଶନ

ଭୁବନେଶ୍ୱର,୨୫/୦୩ (ନି.ପ୍ର): ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରେ ବିଧାନସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବାକୁ ଥିବାରୁ ୧୪ ଦିନ ଆଗରୁ ଲୋକସଭା ଅଧିବେଶନକୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ମୁତଲତବି ଘୋଷଣା କରାଯାଇଛି । ମାର୍ଚ୍ଚ ମାସ ୮ ତାରିଖରୁ ଆରମ୍ଭ ହୋଇଥିବା ଲୋକସଭା ଅଧିବେଶନ ଏପ୍ରିଲ ୮ ତାରିଖ ଯାଏଁ ଚାଲିବାକୁ ଥିଲା । ଆଜି ଲୋକସଭା ଅଧିବେଶନ ଚାଲିଥିବା ବେଳେ ଅନେକ ଦଳର ସାଂସଦ ମାନେ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଓ ବାଚସ୍ପତି ଓମ୍ ବିର୍ଲା ଓ ରାଜ୍ୟସଭା ଅଧ୍ୟକ୍ଷ ଭେଙ୍କୟା ନାଇଡୁଙ୍କ ନିକଟକୁ ଯାଇ ଅଧିବେଶନକୁ ବନ୍ଦ କରିବାକୁ ଅନୁରୋଧ କରିଥିଲେ । ଏହାସହ ତୃଣମୂଳ କଂଗ୍ରେସ ସାଂସଦ ନେତା ସୁଦୀପ ବନ୍ଦୋପାଧ୍ୟାୟ ଓ ଡେରେକ ଓବ୍ରାଇନ ଲୋକସଭା ବାଚସ୍ପତି ଓ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଚିଠି ଲେଖି ଚଳିତ ଅଧିବେଶନକୁ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ । କହିରଖୁ କି ବଜେଟ୍ ଅଧିବେଶନର ପ୍ରଥମ ଭାଗ ଜାନୁଆରୀ ୨୯ ରୁ ଆରମ୍ଭ ହୋଇ ଫେବୃଆରୀ ୨୯ ରେ ଶେଷ ହୋଇଥିଲା । ହେଲେ ମାର୍ଚ୍ଚ ୨୭ ରୁ ଏପ୍ରିଲ ୨୯ ମଧ୍ୟରେ ତାମିଲନାଡୁ, କେରଳ, ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରୀରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ସାଂସଦ ମାନଙ୍କ ଅନୁରୋଧକୁ ଗ୍ରହଣ କରି ଉଭୟ ଲୋକସଭା ଓ ରାଜ୍ୟସଭା ଅଧିବେଶନକୁ ଅନିର୍ଦ୍ଧିଷ୍ଟକାଳ ପାଇଁ ମୁଲତବି ରଖାଯାଇଛି ।

## ସିଆରପିଏଫ୍ ପାଟ୍ରୋଲିଂ ଗାଡି ଉପରେ ଆତଙ୍କବାଦୀ ଆକ୍ରମଣ

## ୨ ଯବାନ ସହିଦ୍, ୨ ଜଣ ଗୁରୁତର




ଶ୍ରୀନଗର,୨୫/୦୩ ଶ୍ରୀନଗର ଠାରେ ସିଆରପିଏଫ୍ ର ପାଟ୍ରୋଲିଂ ଗାଡି ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି । ଏହି ଆକ୍ରମଣରେ ପାଟ୍ରୋଲିଂ ଗାଡିରେ ଥିବା ଯବାନମାନଙ୍କ ମଧ୍ୟରୁ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି । କହିରଖୁ କି ଶ୍ରୀନଗରର ଲାବାପୋରା ଇଲାକାରେ ଗୁରୁବାର ଦ୍ୱିପ୍ରହର ସମୟରେ ସିଆରପିଏଫ୍ ର ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ହଠାତ୍ ଆତଙ୍କବାଦୀମାନେ ପାଟ୍ରୋଲିଂ ଗାଡି ଉପରେ ଆକ୍ରମଣ କରିଥିଲେ । ଶ୍ରୀନଗର ଆଇଜିଙ୍କ ସୂଚନା ମୁତାବକ ଏହି ଆକ୍ରମଣରେ ୨ ଜଣ ଯବାନ ସହିଦ ହୋଇଛନ୍ତି ଓ ୨ ଜଣ ଗୁରୁତର ହୋଇଛନ୍ତି । ଗୁରୁତର ୨ ଜଣଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା କରାଯାଉଛି । ଏହି ଆକ୍ରମଣ ସିଆରପିଏଫ୍ ର ୭୩ (ବି) ବାଟାଲିୟନ ଉପରେ ହୋଇଛି । ସିଆରପିଏଫ୍ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଆତଙ୍କବାଦୀମାନେ ଗାଡି ଉପରକୁ ଆକ୍ରମଣ କରିଥିଲେ ।




BJP



## ବିଶିଷ୍ଟ ସମାଜସେବୀ ଓ ସାମ୍ବାଦିକ

## ଶାନ୍ତନୁ ପାଣିଗ୍ରାହୀ ବିଜେପିରେ ଯୋଗଦେଲେ

ବିଶିଷ୍ଟ ଆଇନଜୀବି ବିଜୟ ପାଣିଗ୍ରାହୀଙ୍କ ସାନଭାଇ ତଥା ବିଶିଷ୍ଟ ସାମ୍ବାଦିକ ଓ ସମାଜସେବୀ ଶ୍ରୀ ଶାନ୍ତନୁ ପାଣିଗ୍ରାହୀ ଓଡ଼ିଶା ପ୍ରଭାରୀ ଡ. ଡି ପୁରନ୍ଦେଶ୍ୱରୀଙ୍କ ନେତୃତ୍ୱ ଉପରେ ଦୃଢ଼ ଆସ୍ଥା ସ୍ଥାପନ କରି ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ବିଶିଷ୍ଟ ଶିଳ୍ପପତି ଶିବୁ ପୋଦ୍ଦାର ତଥା ପିଣ୍ଟୁ ପୋଦ୍ଦାରଙ୍କ ଆଦର୍ଶରେ ଉତ୍ସାହିତ ଓ ଅନୁପ୍ରାଣିତ ହୋଇ ବିଜେପିରେ ଯୋଗ ଦେଇଛନ୍ତି । ତାଙ୍କ ସହ ତାଙ୍କର ସହସ୍ରାଧିକ ସମର୍ଥକ ମଧ ବିଜେପିରେ ଯୋଗଦାନ କରିଥିବା ସେ ପ୍ରକାଶ କରିଛନ୍ତି ।


# ଭୁବନେଶ୍ୱରରୁ ସ୍ୱତନ୍ତ୍ର ଟ୍ରେନ୍ ଚାଲିବାକୁ ନିଷ୍ପତ୍ତି

ଭୁବନେଶ୍ୱର,୨୫/୦୩ (ନି.ପ୍ର): ବ୍ରହ୍ମପୁର ଓ ବିଜୟନଗରମ୍ ମାର୍ଗ ଦେଇ ଭୁବନେଶ୍ୱର ଜୁନାଗଡ଼ ରୋଡ୍ ଏବଂ ଜଗଦଲପୁରକୁ ବିଶେଷ ଚଳାଚଳ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ନିଷ୍ପତି ନିଆଯାଇଥିବା ବେଳେ ଭୁବନେଶ୍ୱରଠାରୁ ନୟାଗଡ଼ ଟାଉନ ମଧ୍ୟରେ ବିଶେଷ ଟ୍ରେନ୍ ଚଳାଚଳ କରାଯିବାକୁ ପୂର୍ବତଟ ରେଳପଥ ପକ୍ଷରୁ ନିଷ୍ପତି ଗ୍ରହଣ କରାଯାଇଅଛି । ଭୁବନେଶ୍ୱରରୁ ଜୁନାଗଡ଼ ରୋଡ୍ ବିଶେଷ ଟ୍ରେନ୍ - ଏପ୍ରିଲ ମାସ ୧୦ ତାରିଖ ଠାରୁ ଭୁବନେଶ୍ୱର ଠାରୁ ୦୨୦୯୭ ଭୁବନେଶ୍ୱର-ଜୁନାଗଡ଼ ରୋଡ୍ ବିଶେଷ ଟ୍ରେନ୍ ଛାଡ଼ିବାକୁ ଥିବା ବେଳେ ଜୁନାଗଡ଼ ରୋଡ଼ଠାରୁ ୦୨୦୯୮ ଜୁନାଗଡ଼ ରୋଡ଼-ଭୁବନେଶ୍ୱର ବିଶେଷ ଟ୍ରେନ୍ ଏପ୍ରିଲ ମାସ ୧୧ ତାରିଖ ଠାରୁ ପରବର୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବାକୁ ରେଳବାଇ ପକ୍ଷରୁ ନିଷ୍ପତି ନିଆଯାଇଛି । ଏହି ଟ୍ରେନ୍ ଭୁବନେଶ୍ୱରରୁ ରାତ୍ର ୯ଘ.୪୦ମି.ରେ ଛାଡ଼ି ଜୁନାଗଡ଼ ରୋଡ଼ରେ ତା ପରଦିନ ପୂର୍ବାହ୍ନ ୯ଘ.୧୦ମିରେ ପହଂଚିବ । ଫେରିବା ମାର୍ଗରେ ଏହି ଟ୍ରେନ୍ ଜୁନାଗଡ଼ ମଧ୍ୟରେ ଖୋର୍ଦ୍ଧାରୋଡ଼, ବାଲୁଗାଁ, ଛତ୍ରପୁର, ବ୍ରହ୍ମପୁର, ଇଚ୍ଛାପୁରମ୍, ପଲାସା, ଶ୍ରୀକାକୁଲମ ରୋଡ଼, ବିଜୟନଗରମ୍, ବବିଲି, ପାର୍ବତୀପୁରମ୍, ରାୟଗଡ଼ା, ବିଷମକଟକ, ମୁନିଗୁଡ଼ା, ଆମ୍ଭୋଦଲା ଏବଂ ଭବାନୀପାଟଣା ଷ୍ଟେସନ ମାନଙ୍କରେ ରହଣି କରିବ । ଭୁବନେଶ୍ୱର-ଜଗଦଲପୁର ବିଶେଷ ଟ୍ରେନ୍ - ୨୦ ଏପ୍ରିଲ, ୨୦୨୧ ଠାରୁ ୦୮୪୪୭ ଭୁବନେଶ୍ୱର-ଜଗଦଲପୁର ସ୍ପେଶାଲ ଭୁବନେଶ୍ୱରରୁ ଛାଡ଼ିବାକୁ ଥିବା ବେଳେ ଜଗଦଲପୁରରୁ ୦୮୪୪୮ ଜଗଦଲପୁର-ଭୁବନେଶ୍ୱର ସ୍ପେଶାଲ ▶▶ପୃଷ୍ଠା ୭

# ରାଜନଗରବାସୀଙ୍କ ଦୁଃଖ ସୁବର୍ଣ୍ଣରେଖାର ନଦୀଖାଳ : ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଜଳେଶ୍ୱର,୨୫।୩ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ରାଇବଣିଆର ଆଦିବାସୀ ବହୁଳ ରାଜନଗର ଗ୍ରାମକୁ ପୂର୍ବ ଓ ଉତ୍ତରପଟୁ ସୁବର୍ଣ୍ଣରେଖା ନଦୀ ଘେରି ରହିଛି । ନଦୀଟି ପଶ୍ଚିମବଂଗରୁ ପ୍ରଥମେ ଓଡିଶାର ରାଜନଗର ଗାଁର ବିଳାସପୁର ମୌଜା ମଧ୍ୟଦେଇ ୧୦ କିମି ଗତକରି ସମୁଦ୍ର ସହିତ ମିଶିଛି । ଏହି ମୌଜାର ପ୍ରାୟ ୪୦୦ଏକର ଚାଷଜମି ନଦୀ ଗର୍ଭରେ ଲିନ ହୋଇଛି । ଗ୍ରାମର ଅବଶିଷ୍ଟ ୫୦ଏକର ଚାଷ ଜମିକୁ ଯିବାଲାଗି ଏକ ନଦୀଖାଳ ପ୍ରତିବନ୍ଧକ ସୃଷ୍ଟି କରିଛି । ଗ୍ରାମର ୭୦ ଭାଗ ଲୋକ ଅଶିକ୍ଷିତ ଓ ଜନଜାତି ଶ୍ରେଣୀର ଚାଷୀ ଅଟନ୍ତି । ସେମାନଙ୍କର ବର୍ଷଯାକର ପରିବା, ଧାନ ଏହି ୫୦ଏକର ଚାଷ ଜମିରୁ ଆସିଥାଏ । ଏଠାରେ ପଶ୍ଚିମବଂଗ ଓ ଓଡିଶା ସୀମା ବିବାଦ ଲାଗି ରହିଛି । ମାତ୍ର ୧ କିମି ଦୂରରେ ପଶ୍ଚିମବଂଗର ଭୂଖଣ୍ଡ ଜମିରାପାଳ ସହିତ ଏହା ସଂଲଗ୍ନ । ବର୍ଷାଦିନେ ଏହି ନାଳରେ ପାଣି ଭର୍ତ୍ତି ହୋଇଗଲେ ଓଡିଶା ସୀମାରୁ ବିଚ୍ଛିନ୍ନ ହୋଇଯାଏ । ଏହାର ସୁଯୋଗରେ ପଶ୍ଚିମବଂଗର ଦୁବୃତ୍ତମାନେ ଓଡିଶା ଚାଷୀଙ୍କ ଉତ୍ପନ୍ନ ଫସଲ ଚୋରେଇ ନେଇଯା'ନ୍ତି । ବଡବଡ ଗଛ ଓ ବାଉଁଶ ଇତ୍ୟାଦି କାଟି ନେବା ସହିତ ଆମ୍ବ, ପଣସ ତୋଳି ନେଇଯା'ନ୍ତି । ଜଳେଶ୍ୱର ବ୍ଲକ ପକ୍ଷରୁ ଏହି ଗ୍ରାମ ନିକଟ ନଦୀର ଓପର ପାର୍ଶ୍ୱ ପଶ୍ଚିମବଂଗ ଗୋପିବଲ୍ଲଭପୁରକୁ ଯିବାଲାଗି ଏକ ଫେରିଘାଟ ନିଲାମ ଦିଆଯାଏ । ୨୦୧୯-୨୦ରେ ଏହି ଫେରିଘାଟକୁ ୧୫୧୦୦ଟଙ୍କାରେ ନିଲାମ ଦିଆଯାଇଥିବା ବେଳେ ଚଳିତ ବର୍ଷ ଏହି ଫେରିଘାଟକୁ ନିଲାମ ଦିଆଯାଇନାହିଁ ବୋଲି ବ୍ଲକ କାର୍ଯ୍ୟାଳୟରୁ ଜଣାଯାଇଛି । ଏହି ଫେରିଘାଟ ଦେଇ ପଶ୍ଚିମବଂଗର ଖଡିକା, ଆମ୍ବଜାନ, ଧାନଶୋଳା, ଓଡିଶାର ମାକିଡଡିଆ, ଓଲମରା, ରାଇବଣିଆ ପ୍ରଭୃତି ଅଂଚଳର ଲୋକମାନେ ନିତିଦିନ ଯିବା ଆସିବା କରିଥାନ୍ତି । ଏହି ଫେରିଘାଟକୁ ଯିବାଲାଗି ସେପରି କୌଣସି ରାସ୍ତା ନଥିବାରୁ ଗ୍ରାମର ଗୌରାଙ୍ଗ ଦାସ, କେଦାର ବେହେରା, ନିତ୍ୟାନନ୍ଦ ଦାସ ପ୍ରମୁଖଙ୍କ ସ୍ଥିତିବାନ୍ ଜମି ମଧ୍ୟଦେଇ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇ ଥାଏ । ଏ ବାବଦରେ ବର୍ଷକୁ ୮୦ହଜାର ଟଙ୍କା ଜମି ମାଲିକଙ୍କୁ ଦେବାକୁ ପଡିଥାଏ । ଫେରିଘାଟ ଓ ଚାଷ ଜମିକୁ ଯିବାଲାଗି ପ୍ରତିବନ୍ଧକ ସୃଷ୍ଟି କରିଥିବା ନଦୀଖାଳ ଉପରେ ଗ୍ରାମପକ୍ଷରୁ ଏକ ଅସ୍ଥାୟୀ କାଠପୋଲ ନିର୍ମାଣ କରାଯାଇ ପଣ୍ୟଦ୍ରବ୍ୟ ଅଣାଯାଉଥିଲା । ପୋଲଟି ଭଂଗିଯିବାପରେ ସେଠାରେ ଏକ ପକ୍କା ପୋଲ ନିର୍ମାଣ ଲାଗି ଗ୍ରାମବାସୀ ଦାବି କରି ଆସୁଥିଲେ । ତାହା ନହେବାରୁ ଗ୍ରାମବାସୀଙ୍କ ନିଜସ୍ୱ ଅର୍ଥରେ ଏକ ପକ୍କା ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସୋମବାର ଦିନ ଏହାକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି । ତାହା ବିରୋଧରେ ଶହ ଶହ ଗ୍ରାମବାସୀ ଜଳେଶ୍ୱର ତହସିଲଦାରଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ କରି ଦାବିପତ୍ର ପ୍ରଦାନ କରିଥିଲେ । ଏହି ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯାଇଥିଲେ ମଧ୍ୟ ଏହାର ସେପରି ବିକାଶ ହୋଇନଥିବା ଗ୍ରାମର ଅଜିତ୍ ଅଠୀ, ବସନ୍ତ ମିଶ୍ର, ଗୁହିନା ମଣ୍ଡଳ, ବଟକୃଷ୍ଣ ବେହେରା, ସୁନୀଲ ଅଠୀ,



ବାଦଲଲ ନାୟକ, ପ୍ରମିଳା ବଡା, କୁକୁମଣି ମାଠିକା, ଆରତୀ ଦେହୁରୀ, ଜ୍ୟୋସ୍ନା ଦେହୁରୀ, ଅମିତ ସାନ୍ତଡା, କଟି ମାଠିକା, ନିଳକଣ୍ଠ ନାୟକ. ଅତୁଲ ନାୟକ, ପ୍ରଦୀପ ସାହୁ ପ୍ରମୁଖ କ୍ଷୋଭ ପ୍ରକାଶ କରିଛନ୍ତି । ଗ୍ରାମଟିର ୨ ପାର୍ଶ୍ୱରେ ନଦୀ ପ୍ରବାହିତ ହେଉଥିବାରୁ ପ୍ରତିବର୍ଷ ଅତଡା ଖସୁଛି । ସେଠାରେ ପଥର ପେଚିଂ ଓ ସ୍ଲୋର ନିର୍ମାଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି । ଏ ସଂପର୍କରେ ଜଳେଶ୍ୱର ତହସିଲଦାରଙ୍କୁ ପଚାରିବାରୁ ବର୍ତ୍ତମାନ ମାର୍ଚ୍ଚମାସ ଥିବାରୁ ସେ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ, ପରବର୍ତ୍ତୀ ସମୟରେ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି କହିଥିଲେ ।

# ଜୟପୁର ବନଖଣ୍ଡ ଦ୍ୱାରା ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ ଓ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର,୨୫।୩ (ନି.ପ୍ର): ଜୟପୁର ବନଖଣ୍ଡ ଦ୍ୱାରା ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ ଓ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମଟି ଜୟପୁର ବନାଂଚଳ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡିଏଫ୍‌ଓ ଜେ.ପି. ସିଂ, ସମ୍ମାନିତ ଅତିଥି ଭାବେ ଏସିଏଫ୍ ହିଂମାସୁ ପ୍ରଭୁଦତ ମିଶ୍ର, ସୁରେଶ ମଲ୍ଲିକ, ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ମା, ବୈଜ୍ଞାନିକ କାର୍ତ୍ତିକଶ୍ୱର ଲେଙ୍କା, ଫାୟାର ଆଫିସର ଚିତରଞ୍ଜନ ସେଠି, ଆର୍‌ଡବ୍ଲ୍ୟୁଏସ୍ କନିଷ୍ଠ ଯନ୍ତ୍ରୀ ରଞ୍ଜିତା ପଣ୍ଡା, ପାଟନର ଏନଜିଓ ମୁଖ୍ୟ ଇଶ୍ୱର ସାବତ ମଂଚାସିନ ଥିବାବେଳେ ଜୟପୁର ବନାଂଚଳ ଅଧିକାରୀ ରଶ୍ମିରଞ୍ଜନ ସ୍ୱାଇଁ ମଂଚ ପରିଚାଳନା କରିଥିଲେ । ଜୟପୁର, ବୋରିଗୁମ୍ମା ଓ କୁନ୍ଦୁରା ବନାଂଚଳର ଅଧିକାରୀ, ବନ କର୍ମଚାରି ଓ ଭିଏସ୍‌ଏସ୍‌ମାନେ ଉପସ୍ଥିତ ଥିଲେ । ବନ ସୁରକ୍ଷା ସମିତି ଜୟପୁର ରେଞ୍ଜର ୧୩ଟି ଭିଏଏସ, ବୋରିଗୁମ୍ମା ୧୪, କୁନ୍ଦୁରା ୮ଟି ଭିଏସଏସ ଉପସ୍ଥିତ ଥିଲେ । ଏଥିମଧ୍ୟରୁ ୬ଟି ଭିଏସଏସକୁ ପୁରସ୍କୃତ କରାଯାଇଥିଲା । ଗତବର୍ଷ ନିଜ ଅଂଚଳରେ ଜଙ୍ଗଲରେ ନିଆଁ ଲାଗିନଥିବା ଓ ନିଆଁ ଲାଗିବାକ୍ଷଣି ଲିଭାଇ ଥିବାରୁ ୬ ଭିଏସଏସଙ୍କୁ ସମ୍ମାନିତ କରାଯାଇଥିଲା । ସେଗୁଡ଼ିକ ହେଲା କଞ୍ଚେଇ ମାଳିଗୁଡ଼ା ନିଳଦୁଜ୍ୟ ମାଳି, ବିନ୍ଧାଣିଗୁଡ଼ାର ବଳରାମ ନାୟକ, ଧଉଡ଼ାପଦର ସ୍ୟାମ ସୁନ୍ଦର ମୁଦୁଲି, ଦିସାରିଗୁଡା ପଦଲାମ ଗୌଡ, ଭୁମିଆଗୁଡାର ନାରାୟଣ ନାୟକ, କାଣ୍ଟୁଲଗୁଡାର ରାମ ସାନ୍ତା । ଆତିଥିମାନେ ଉପସ୍ଥିତ ରହି ଜଙ୍ଗଲେ ନିଆଁ ନଲଗାଇବା, ଜଙ୍ଗଲେ ନିଆଁ ଲାଗିବା କ୍ଷଣି କପରି ଲିଭାଇବା ଓ ପଶୁ ପକ୍ଷୀ ଶୀକାର ନକରିବା, ଗାଁ ପାଖରେ ଥିବା ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ଜଙ୍ଗଲରେ ନିଆଁ ଲଗାଇବା ପାଇଁ ନିଜ ଗ୍ରାମବାସୀଙ୍କୁ ତଥା ପଡୋଶି ଗ୍ରାମବାସୀଙ୍କୁ ସଚେତନ କରିବା ଓ ସଙ୍ଗେ ସଙ୍ଗେ ନିକଟସ୍ଥ ବନ ବିଭାଗର କର୍ମଚାରିଙ୍କୁ ଭବର ଦିଅନ୍ତୁ । ଜଙ୍ଗଲରେ ନିଆ ଲାଗିଲେ ନିଆଁ ଲିଭାଇବାରେ ସାହାଯ୍ୟ କରନ୍ତୁ । ଯାହା ଦ୍ୱାରା କୋଟି କୋଟି ଜୀବଜନ୍ତୁଙ୍କର ଜୀବନ ରକ୍ଷା ସହ ସାଧାରଣ ଜନତାଙ୍କ ଜୀବନ ସୁଦୃଢ଼ କରିବା, ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ଦେଇ ଜଙ୍ଗଲ ବୃଦ୍ଧି କରିବାରେ ସହାୟକ ହେବା, ଔଷଧିୟ ବୃକ୍ଷଗୁଡ଼ିକୁ ଜଙ୍ଗଲର ନିଆଁ ଦାଉରୁ ସୁରକ୍ଷା ଦେଇ ମାନବ ଜାତିର ଜୀବନକୁ ବଂଚାଇବା ନିମନ୍ତେ ବ୍ୟବହୃତ ହେଉଥିବା ଔଷଧକୁ ନିର୍ମାଣ କରିବାରେ ସହାୟକ ହୋଇ ମାନବ ଜୀବନକୁ ମୃତ୍ୟୁ ମୁଖରେ ରକ୍ଷା କରିବା, ଜଙ୍ଗଲ ନିଆଁରୁ ଉତ୍ପନ ହେବାକୁ ଥିବା ଧୂଆଁକୁ ବାୟୁ ମଣ୍ଡଳରେ ନ ମିଶାଇ ପରିବେଶକୁ ପ୍ରଦୁଷଣ ମୁକ୍ତ ରଖିବାକୁ ସଚେତନ କରାଯାଇଥିଲା । ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ କରାଯାଇଥିଲା । ବନ କର୍ମଚାରି ଓ ଭିଏସଏସମାନେ ତାଲିମ ନେଇଥିଲେ । ବନାଗ୍ନି ଉପରେ ନାଟକ ମାଧ୍ୟମରେ ସଚେତନତା ମଧ୍ୟ କରାଯାଇଥିଲା ।

# ପୁରୀର ଦୁଃଖ ବାଙ୍କିମୁହାଣ : ନର୍ଦ୍ଦମାପାଣି ସିଧା ମିଶୁଛି ସମୁଦ୍ରକୁ

ପୁରୀ,୨୫।୩ (ନି.ପ୍ର): ବିଶ୍ୱ ପର୍ଯଟନ କ୍ଷେତ୍ର ଓ ତୀର୍ଥକ୍ଷେତ୍ର ପୁରୀ ସହରର ସବୁଠାରୁ ବଡ଼ ଦୁଃଖ ହେଉଛି ବାଙ୍କି ମୁହାଣ ନର୍ଦ୍ଦମା ଜଳ । ସହରର ସମସ୍ତ ଡ୍ରେନପାଣି ସିଧାସଳଖ ସମୁଦ୍ରରେ ମିଶୁଛି । ସମୁଦ୍ର ପ୍ରଦୂଷିତ ହେବା ସହ ପର୍ଯ୍ୟଟକମାନେ ଘୋର ବିରକ୍ତି ପ୍ରକାଶ ପାଉଛି । ଭିଆଇପି ରୋଡ଼ କନଭେଂଟ ସ୍କୁଲ ଠାରୁ ନର୍ଦ୍ଦମାଜଳ ବାଙ୍କିମୁହାଣ ପୂର୍ବ ଓ ପରେ ଥିବା ନର୍ଦ୍ଦମା ପୋଖରୀରେ ଗଚ୍ଛିତ ହେଉଛି । ସେଠାରେ ପାଣିକୁ ଟ୍ରିଟମେଂଟ କରାଯାଉଛି ବୋଲି କୁହାଯାଉଥିଲେ ମଧ ପ୍ରକୃତପକ୍ଷେ ବିଶୋଧନ କରାଯାଉନାହିଁ । ପାଣିରେ ଡ଼ିଓଡ଼ି ମାତ୍ରା ଅଧିକ ରହୁଥିବା ଯୋଗୁ ପାଣି ନେଳି ପଡ଼ି ବିଷାକ୍ତ ହେଉଛି । ବ୍ରିଜ୍ ପରେ ଥିବା ନର୍ଦ୍ଦମା ପୋଖରୀର ଦୁଇ ପାର୍ଶ୍ୱରେ ବସ୍ତି ଗଢି ଉଠିଛି । ପ୍ରାୟ ୨ଶହ ଘରୁ ଅପରିଷ୍କାର ଜଳ ସହ ପାଇଖେନା ଟାଙ୍କିରେ ସଂଯୁକ୍ତ ହୋଇଥିବା ପ୍ଲାଷ୍ଟିକ ପାଇପ ଗୁଡ଼ିକ ସିଧା ସଳଖ ନର୍ଦ୍ଦମା ପୋଖରୀରେ ମିଶୁଛି । ଯାହା ଫଳରେ ପୋଖରୀ ପ୍ରଦୂଷିତ ହେବା ସହ ସମୁଦ୍ର ପ୍ରଦୂଷିତ ହେଉଛି ।

# ଗାଁ କଲ୍ୟାଣ ସମିତିର ୨ ଦିନିଆ ତାଲିମ ଶିବିର

ଖଇରା,୨୫।୩ (ନି.ପ୍ର): ଖଇରା ବ୍ଲକ ତୁଡିଗଡିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଗାଁ କଲ୍ୟାଣ ସମିତିର ତାଲିମ ଶିବିର ସୋମ ଓ ମଙ୍ଗଳବାର ୨ଦିନ ଧରି ଅନୁଷ୍ଠିତ ହୋଇଥିଲା । ଏହି ତାଲିମ ଶିବିରରେ ଭାଟପଡା, ଦୁର୍ଗାପୁର, ଖିରିପଦା, ଅନନ୍ତପୁର ଶାସନ ଗାଁ କଲ୍ୟାଣ ସମିତିର ସଭ୍ୟାସଭ୍ୟ ମାନେ ଅଂଶ ଗ୍ରହଣ କରିଥିଲେ । ଖଇରା ଗୋଷ୍ଠି ଜନସମ୍ପ୍ରସାରଣ ଅଧିକାରିଣୀ ସଂଯୁକ୍ତା ପଣ୍ଡା ଅଧ୍ୟକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରରେ ସ୍ୱାସ୍ଥ୍ୟ, ପରିମଳ, ପୁଷ୍ଟିହୀନତା, ସ୍ୱଚ୍ଛ ଭାରତ ମିଶନ, ଡ୍ରେନେଜ ବ୍ୟବସ୍ଥା ଓ ଗାଁ କଲ୍ୟାଣ ସମିତିର ଭୂମିକା ଉପରେ



ଆଲୋଚନା କରାଯାଇଥିଲା । ବର୍ତ୍ତମାନ ସଂକ୍ରମିତ ଓ ଅଣସଂକ୍ରମିତ ରୋଗ ଉପରେ ବିଶେଷ ଧ୍ୟାନ ଦେବା ପାଇଁ ଆଶା, ଅଙ୍ଗନଓ୍ୱାଡିକର୍ମୀ ଓ ଅନ୍ୟ ସଦସ୍ୟାମାନଙ୍କୁ ଶ୍ରୀମତୀ ପଣ୍ଡା ପରାମର୍ଶ ଦେଇଥିଲେ । ମେଡିକାଲର ଏଲ.ଏଚ୍.ଭି. ଶାନ୍ତିଲତା ଶିଅଳଙ୍କ ସମେତ ଅଙ୍ଗନଓ୍ୱାଡିକର୍ମୀ ସୁକାନ୍ତି ଦାସ, ସ୍ନେହଲତା ପୁଟି, ପଙ୍କଜିନି ଦାସ, ଉଷାରାଣୀ ମିଶ୍ର ଆଶା ବବିତାରାଣୀ ଶିଅଳ, ମଞ୍ଜୁଲତା ସେଠୀ, ବିଜୟା ରଥ, କିଶୋର କୁମାର ବେହେରା, ଜଗଦିଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ୨୬ ମାର୍ଚ୍ଚ ଭାରତ ବନ୍ଦକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନର ଦୃଢ଼ ସମର୍ଥନ

ଭୁବନେଶ୍ୱର,୨୫।୩ (ନି.ପ୍ର): ମିଳିତ କୃଷକ ସଂଗଠନ ତରଫରୁ ତିନୋଟି କୃଷି ଆଇନକୁ ପ୍ରତ୍ୟାହାର ଓ ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ପାଇଁ କୃଷକମାନଙ୍କ ଆନ୍ଦୋଳନ ୧୨୦ଦିନରେ ପହ ଥିଲେ ସୁଦ୍ଧା ବିଜେପି ସରକାର କୌଣସି ନିଷ୍ପତି ଗ୍ରହଣ କରିନଥିବାରୁ ମିଳିତ କୃଷକ ସଂଗଠନ ତରଫରୁ ୨୪.୦୩.୨୦୨୧ରୁ ୨୬.୦୩.୨୦୨୧ ପର୍ଯ୍ୟନ୍ତ ପ୍ରତିବାଦ ଓ ୨୬ ମାର୍ଚ୍ଚରେ ଭାରତ ବନ୍ଦ ଡ଼ାକରା ଦିଆଯାଇଛି । ୨୬ ତାରିଖ ବନ୍ଦ ଡ଼ାକରାକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନେ ଦୃଢ ସମର୍ଥନ କରି ବନ୍ଦ ଡ଼ାକରାକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି । କୃଷକମାନଙ୍କର ଦାବୀକୁ ସମର୍ଥନ କରିବା ସହିତ ଚାରୋଟି ଶ୍ରମ କୋଡକୁ ପ୍ରତ୍ୟାହାର କରିବା ଓ ଆଗାମୀ ଏପ୍ରିଲ ୧ ତାରିଖରେ ପ୍ରତ୍ୟେକ ଶିଳ୍ପାଂଚଳ ଓ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ଲେବର କୋଡ଼କୁ ପୋଡ଼ିବା, ରେଳ, ପରିବହନ, ପ୍ରତିରକ୍ଷା ଉତ୍ପାଦନ, କୋଇଲା, ବ୍ୟାଙ୍କ, ବିଦ୍ୟୁତ୍ ଓ ସରକାରୀ ଉଦ୍ୟୋଗକୁ ଘରୋଇକରଣ କରିବା ପ୍ରତିବାଦରେ ଏବଂ ଚାଷୀମାନଙ୍କ ଆନ୍ଦୋଳନକୁ ଦୃଢ ସମର୍ଥନ କରିବା ପାଇଁ ଓଡ଼ିଶାର ସମସ୍ତ ଜନସାଧାରଣଙ୍କୁ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ପକ୍ଷରୁ ନିବେଦନ କରାଯାଉଛି ।

# କୁମ୍ଭାରୀରେ ବିଜେଡିର ମିଶ୍ରଣ ପର୍ବ

ବାଲିଆପାଳ,୨୫।୩ (ନି.ପ୍ର): ବାଲିଆପାଳ ବ୍ଲକ କୁମ୍ଭାରୀ ପଂଚାୟତରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । କୁମ୍ଭାରୀ ପଂଚାୟତ ନୂଆସାହି ଗ୍ରାମର କେଶବ ସାହୁଙ୍କ ବାସଭବନରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ପଂଚାୟତର ବିଜେଡି ସଭାପତି ରାଧାକୃଷ୍ଣ ଦାସ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ୨୧ ନଂ ଯୋନ ଜିଲ୍ଲା ପରିଷଦ ସଦସ୍ୟ ରବିନ୍ଦ୍ରନାଥ ଅଣ୍ଡିଆ ଯୋଗ ଦେଇ ନବାଗତ କର୍ମୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କୁମ୍ଭାରୀ ସରପଂଚ ଜୟନାରାୟଣ ମହାପାତ୍ର ସମସ୍ତ ନବାଗତ କର୍ମୀଙ୍କୁ ସବୁ କାର୍ଯ୍ୟରେ ସହେଯାଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଏହି ବୈଠକରେ କେଶବ ସାହୁ, ରାମଚନ୍ଦ୍ର ସାହୁ, ରବିନ୍ଦ୍ର ସାହୁ, ଦାମୋଦର ସାହୁ, ଉମାକାନ୍ତ ସାହୁ, ଅନନ୍ତ ଦାସ, ବାବୁଧର ଦାସ ପ୍ରମୁଖ ଅନ୍ୟଦଳ ଛାଡି ବିଜେଡିରେ ମିଶିଥିବା ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଜିଲ୍ଲା ସାଧାରଣ ସମ୍ପାଦକ ଉଜ୍ଜଳ କୁମାର ଗିରି, ରବିନ୍ଦ୍ର ସାହୁ, ଗୌରାଙ୍ଗ ଜେନା, ମଧୁସୁଦନ ନନ୍ଦି, ମୁକୁନ୍ଦ ନନ୍ଦି, ଚକ୍ରଧର ପାତ୍ର ବରେନ୍ଦ୍ର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଅନାଥ ଶିଶୁ ଥଇଥାନ ବ୍ଲକସ୍ତରୀୟ ଶିବିର

ବାଲେଶ୍ୱର,୨୫।୩ (ନି.ପ୍ର): ପିତୃମାତୃ ତଥା ଅଭିଭାବକ ନଥିବା ଅନାଥ ପିଲାଙ୍କର ଥଇଥାନ ସମ୍ପର୍କରେ ଜିଲା ଶିଶୁ ମଙ୍ଗଳ କମିଟିର ଏକ କ୍ୟାମ୍ପ କମିଟି ଶିବିର ବାଲେଶ୍ୱର ସଦର ବ୍ଲକ ଅଫିସରେ ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ ନିର୍ଦ୍ଦେଶ କ୍ରମେ ଅଙ୍ଗନବାଡ଼ି ତଥା ଆଶାକର୍ମୀଙ୍କ ସହାୟତାରେ ହୋଇଥିବା ସର୍ଭେରେ ଅନାଥ ୩୪ଜଣ ପିଲାଙ୍କୁ ଉଦ୍ଧାର ସହ ଏହି ଶିବିରରେ ଉପସ୍ଥାନ କରାଯାଇଥିଲା । ସମସ୍ତ ପିଲାମାନଙ୍କର କାଗଜପତ୍ର ତନଖି କରାଯାଇ ସେମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସକାଶ ଆଦେଶ ପ୍ରଦାନ କରାଯାଇଥିଲା । ଉକ୍ତ ଶିବିରରେ ଜିଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଭାଗିରଥି ବାରିକ, ସଦସ୍ୟ ପଦ୍ମଲୋଚନ ଦତ୍ତ, ଗଣେଶ୍ୱର ରାଉତ, ସଦସ୍ୟା ଗୌରୀରାଣୀ ଉପାଧ୍ୟାୟ ଓ ଅଫିସ ସହାୟକ ଦେବାଶିଷ ବେହେରା ତଥା ଜିଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝୀ, ଜିଲା ଶିଶୁ ସୁରକ୍ଷା କମିଟିର କର୍ମକର୍ତ୍ତା ସତ୍ୟରଞ୍ଜନ ସ୍ୱାଇଁ, ମୁକ୍ତିକାନ୍ତ ପଣ୍ଡା, ସଂଯୁକ୍ତା ରାଉତ, ପୁଷ୍ପଲତା ଜେନା, ଓରମାସ ତରଫରୁ ଭାରପ୍ରାପ୍ତ କର୍ମଚାରୀ ଏବଂ ବାଲେଶ୍ୱର ଚାଇଲ୍ଡ ଲାଇନ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ରାଉତ ଉପସ୍ଥିତ ଥିଲେ । ପୂର୍ବରୁ ବାଲିଆପାଳ, ନୀଳଗିରି, ଔପଦା, ବାହାନଗା ଓ ଜଳେଶ୍ୱର ବ୍ଲକରେ ମଧ୍ୟ ଅନୁରୂପ ଶିବିର ଆୟୋଜନ ହୋଇ ଶତାଧିକ ଅନାଥ ପିଲାଙ୍କ ଥଇଥାନ କରାଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ବନ ବିଭାଗ ଦ୍ୱାରା ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

ମାଲକାନଗିରି,୨୫।୩ (ନି.ପ୍ର): ମାଲକାନଗିରି ବନବିଭାଗ ସମ୍ମିଳନୀ କକ୍ଷରେ ବନସୁରକ୍ଷା ସମିତି ଗୁଡିକୁ ଦକ୍ଷତା ବିକାଶ ତାଲିମ ପ୍ରଦାନ ଶିବିର ଆୟୋଜିତ ହୋଇଯାଇଛି । ଖଣ୍ଡୀୟ ବନାଧିକାରୀ ପ୍ରଦୀପ ଦେବିଦାସ ମିରାସେ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ସମସ୍ତ ବନାଞ୍ଚଳର ଅଧିକାରୀ ସମେତ ପ୍ରାୟ ୪୦ ରୁ ଉର୍ଦ୍ଧ୍ୱ ବନ ସୁରକ୍ଷା ସମିତି ରୁ ସଭାପତି ଏବଂ କାର୍ଯ୍ୟରତ ଏନିମିଟର ଯୋଗ ଦେଇଥିଲେ । ନୂତନ ଭାବେ ଗାଁ ଗୁଡିକରେ ଗଠିତ ହୋଇଥିବା ବନ ସୁରକ୍ଷା ସମିତି ଗୁଡିକ ଦ୍ୱାରା ଗ୍ରାମର ବିଭିନ୍ନ ସମସ୍ୟା କୁ ଶୁଣିବା ସହ ଗାଁରେ ହେଉଥିବା ନାନାପ୍ରକାର ଅସୁବିଧା ଗୁଡିକ ର ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

# 'ସ୍ରଷ୍ଟା'ପକ୍ଷରୁ ବାଲେଶ୍ୱରରେ 'ଗାନ୍ଧିଙ୍କ ଓଡିଶା' ନାଟକ



ବାଲେଶ୍ୱର,୨୫।୩ (ନି.ପ୍ର): ମହାତ୍ମାଗାନ୍ଧିଙ୍କ ଓଡିଶା ଆଗମନର ୧୦୦ ବର୍ଷ ପୂର୍ତି ଉପଲକ୍ଷେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରାଜ୍ୟର ୩୦ଟି ଜିଲ୍ଲାରେ ଏକ ସଙ୍ଗେ ଏକ ସମୟରେ ଗାନ୍ଧିଙ୍କ ଓଡିଶା ଶୀର୍ଷକ ନାଟକ ପରିବେଶିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସହରର ଗାନ୍ଧୀସ୍ମୃତି ଭବନରେ ସ୍ରଷ୍ଟା ନାଟ୍ୟାନୁଷ୍ଠାନ ପକ୍ଷରୁ ନାଟକ ପରିବେଷଣ କାର୍ଯ୍ୟକ୍ରମକୁ ଶିକ୍ଷାବିତ ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି ଉଦ୍‌ଘାଟନ କରିଥିଲେ । ରେବତୀ ପ୍ରତିକାର ସମ୍ପାଦିକା ତଥା ସମାଜସେବୀ ସୁବାସିନୀ ଜେନା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗାନ୍ଧିଜୀଙ୍କ ଓଡିଶା ଆଗମନକୁ ସ୍ମରଣୀୟ ରଖିବା ପାଇଁ ସ୍ରଷ୍ଟାର କଳାକାରମାନଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଆମେ ସମସ୍ତେ ପରସ୍ପରକୁ ଭଲପାଇବା ସହ ହିଂସା, ଦ୍ୱେଷ ଓ ଅହଙ୍କାରକୁ ଜଳାଞ୍ଜଳି ଦେଇ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ ବୋଲି ଶ୍ରୀମତୀ ଜେନା ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ସ୍ରଷ୍ଟାର ସଭାପତି ଆଲୋକ କୁମାର ସାହୁ ଓ ଉପ-ସଭାପତି ଗୌରୀଶଙ୍କର ସାହାଣୀ ଏଥିରେ ମଂଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସୁଶ୍ରୀ ବେହେରା ଏଥିରେ ମଂଚ ପରିଚାଳନା କରିଥିଲେ । ପରେ ସ୍ରଷ୍ଟାର ସମ୍ପାଦକ ବିଶିଷ୍ଟ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ୪୨ ଜଣ କଳାକାରଙ୍କୁ ନେଇ ଗାନ୍ଧିଙ୍କ ଓଡିଶା ନାଟକ ମଂଚସ୍ଥ ହୋଇଥିଲା । ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ଗବେଷକ, ସାହିତ୍ୟିକ ଓ ଐତିହାସିକମାନଙ୍କୁ ନେଇ ଏକ କମିଟି ଗଠନ ସହ ଗାନ୍ଧିଜୀଙ୍କ ଓଡିଶା ଆଗମନର ଐତିହାସିକ ତଥ୍ୟ ସଂଗ୍ରହ କରାଯାଇଥିଲା । ଏହି ତଥ୍ୟ ଆଧାରରେ ପୁରୀର ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଦ୍ୱାରା ରଚିତ ଗାନ୍ଧିଙ୍କ ଓଡିଶା ନାଟକକୁ ୩୦ ଗୋଟି ଜିଲ୍ଲାରେ ସ୍ଥାନୀୟ କଳାକାରମାନେ ନିର୍ଦ୍ଦିଷ୍ଟ ସମୟରେ ପରିବେଷଣ କରିଥିଲେ । ତେବେ ବାଲେଶ୍ୱରରେ ସ୍ରଷ୍ଟା ଦ୍ୱାରା ପରିବେଷିତ ନାଟକରେ ସୁଲଳିତ କର, ସଂଗ୍ରାମ କେଶରୀ ମହାନ୍ତି, ଅଜୟ ଆଚାର୍ଯ୍ୟ, ଦିବାକର ମହାନ୍ତି, ରଶ୍ମିରଞ୍ଜନ ଦାସ, ରତିକାନ୍ତ ମଲ୍ଲିକ, ସଂଜୀବ କୁମାର ଜେନା, ବ୍ରହ୍ମନାଥ ରଥ, ପ୍ରଦୀପ ଶତପଥୀ, ଭୀମ ବାରିକ, ଅମିତାଭ ଭଟ୍ଟାଚାର୍ଯ୍ୟ, ଅଜୟ ଆଚାର୍ଯ୍ୟ, ଶ୍ୟାମାରାୟ କର, ରଞ୍ଜନ ଦାସ, ପ୍ରିତିପର୍ଣ୍ଣା ମହାନ୍ତି, ବର୍ଷା ପରିଡା, ଦେବେଶ କୁମାର ବେହେରା, ପ୍ରଶାନ୍ତ କୁମାର ସାହୁ, ରଞ୍ଜିତା ଦାସ ଅଧିକାରୀ, ଜ୍ୟୋସ୍ନା ପରମାଣିକ, ସୁସ୍ମିତା ମିଶ୍ର, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ କଳାକାରମାନେ ଉଚ୍ଚକୋଟିର ଅଭିନୟ କରିଥିଲେ ।

# ମହାତ୍ମା ଗାନ୍ଧିଙ୍କ ଓଡ଼ିଶା ଆଗମନର ଶତବାର୍ଷିକରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ତରଫରୁ ଭଦ୍ରକରେ ନାଟକ 'ଗାନ୍ଧିଙ୍କ ଓଡ଼ିଶା' ମଞ୍ଚସ୍ଥ

ଭଦ୍ରକ,୨୫।୩ (ନି.ପ୍ର): ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ନିର୍ଦ୍ଦେଶରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ତରଫରୁ ଗାନ୍ଧିଙ୍କର ଓଡ଼ିଶାରେ ରହିଥିବା ଗରିମାମୟ ଇତିହାସର ଘଟଣାବଳୀ ଉପରେ ପର୍ଯ୍ୟବେସିତ ନାଟକ 'ଗାନ୍ଧିଙ୍କ ଓଡ଼ିଶା' ଭଦ୍ରକ ଜିଲ୍ଲା ପ୍ରଶାସନ ସହାୟତାରେ ସଫଳତାର ସହିତ ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ମଞ୍ଚସ୍ଥ ହୋଇଯାଇଛି । ଏହି ନାଟକ ଉତ୍ସବକୁ ମୁଖ୍ୟ ଅତିଥି ଭାବେ ଭଦ୍ରକ ସଂସଦ ମଞ୍ଜୁଲତା ମଣ୍ଡଳ, ବରେଣ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଂଜିବ କୁମାର ମଲ୍ଲିକ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଅତିରିକ୍ତ ଜିଲ୍ଲାପାଳ ଇନ୍ଦ୍ରମଣି ନାୟକ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ଲୋକ ସମ୍ପର୍କ ଅଧିକାରୀ ଗୋଲେଖ ଚନ୍ଦ୍ର ବେହେରା, ସଂସ୍କୃତି ଅଧିକାରିଣୀ ମନସ୍ୱିନୀ ରାଉତ, ନଟରାଜ ସାଂସ୍କୃତିକ ଅନୁଷ୍ଠାନର ସଭାପତି ଅଧିବକ୍ତା ରାୟ ରାମାନନ୍ଦ ମହାପାତ୍ର ଯୋଗ ଦେଇଥିଲେ । ଓଡ଼ିଶାରେ ଗାନ୍ଧି ଦର୍ଶନ ସମ୍ପର୍କୀତ ବିଭିନ୍ନ ଦିଗ ଉପରେ ଆଲୋଚିତ ତଥା ସ୍ୱରାଜ, ଅସହଯୋଗ, ଲବଣ ସତ୍ୟାଗ୍ରହ, ବିଦେଶୀ ଦ୍ରବ୍ୟ ବର୍ଜନ ସହ ସତ୍ୟ, ଧର୍ମ, ଅହିଂସାର ସାର୍ବଜନୀନ ପ୍ରଚାର ପ୍ରସାର ଦିଗରେ ତତ୍‌କାଳୀନ ଓଡ଼ିଶାର ଜନନେତା ଓ ସଂଗ୍ରାମୀମାନଙ୍କୁ ଦେଇଥିବା ଗାନ୍ଧିଙ୍କର ଉପଦେଶର ଓଡ଼ିଶା ଗରିମାମୟ ଇତିହାସର ଘଟଣାବଳୀ ଉପରେ ପର୍ଯ୍ୟବେସିତ ନାଟକ 'ଗାନ୍ଧିଙ୍କ ଓଡ଼ିଶା' ନଟରାଜ ସାଂସ୍କୃତି ଅନୁଷ୍ଠାନ ଭଦ୍ରକ ଦ୍ୱାରା ସଫଳତାର ସହ ମଞ୍ଚସ୍ଥ ହୋଇଥିଲା । ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଦ୍ୱାରା ଭଦ୍ରକ ଜିଲ୍ଲା ପ୍ରଶାସନର ସହାୟତା କ୍ରମେ




ଓଡ଼ିଶାର ବରିଷ୍ଠ ନାଟ୍ୟକାର ଶଙ୍କର ତ୍ରିପାଠୀ ଉକ୍ତ ନାଟକ ରଚନା କରିଥିବା ବେଳେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କୃତ ନାଟ୍ୟକାର ଡ. ସୁଧାଂଶୁ ନାୟକ ନିର୍ଦ୍ଦେଶନା ଦେଇଥିଲେ । ମୁଖ୍ୟ ବ୍ୟବସ୍ଥାପକ ଭାବେ ନଟରାଜ ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ନରେନ୍ଦ୍ର ପରିଡ଼ା ନାଟକର ପରିଚାଳନା କରିଥିବା ବେଳେ ନିରଂଜନ ସ୍ୱାଇଁ ଓ କଳାକାର କାଳନ୍ଦୀ ମଲ୍ଲିକ ସହଯୋଗ କରିଥିଲେ । ସଂଗୀତରେ ପ୍ରଶାନ୍ତ ନାୟକ ଏବଂ ମାମୁନୀ ପଣ୍ଡା, ଶବ୍ଦ, ଆଲୋକ ଓ ରୂପସଜ୍ଜାରେ ବିରଜା ଚିତ୍ରାଳୟ, ଭୂମିକାରେ ବରିଷ୍ଠ କଳାକାର ନରେନ୍ଦ୍ର ପରିଡ଼ା, ଶିବ ପ୍ରସାଦ ମହାନ୍ତି, କାଳନ୍ଦୀ ମଲ୍ଲିକ, ନିର୍ମଳ ପରିଡ଼ା, ବୃନ୍ଦାବନ ସାହୁ, ଗଜେନ୍ଦ୍ର ପାତ୍ର, ସରୋଜ ସିଂହ, ସନ୍ତୋଷ କର, ଦେବବ୍ରତ ମହାନ୍ତି, ଭବେଶ ସାହୁ, ଅଜୟ ନାୟକ, ରାଧାକାନ୍ତ ସାହୁ, କମଳ ଲୋଚନ ପଣ୍ଡା, ରମାକାନ୍ତ ବାରିକ, ପ୍ରଦୀପ ବାରିକ, ଜଗନ୍ନାଥ ମହାରାଜ, ତେଜସ ମହାନ୍ତି, ଦେବକଲ୍ୟାଣ ସାହୁ, ମନୋଜ ମିଶ୍ର, ରାଜେନ୍ଦ୍ର ପତି, ଉମେଶ ସାହୁ, ଜ୍ୟୋତିରଂଜନ ବେହେରା, ସୁମତି ପଣ୍ଡା, ସୀତାରାଣି ସାହୁ, ରଂଜିତା ଦାସ ଅତି ହୃଦୟସ୍ପର୍ଶୀ ଅଭିନୟ କରି ଉପସ୍ଥିତ ଦର୍ଶକମାନଙ୍କଠାରେ ଉଚ୍ଚ ପ୍ରଶଂସିତ ହୋଇଥିଲେ । ଅତିଥିଭାବେ ଯୋଗ ଦେଇଥିବା ସମ୍ମାନସ୍ପଦ ବକ୍ତାମାନେ ଗାନ୍ଧିଙ୍କ ଓଡ଼ିଶା ଆଗମନର ଆଜି ଏକଶତ ବର୍ଷ ପୂର୍ତ୍ତି ଅବସରରେ ନାଟକ 'ଗାନ୍ଧିଙ୍କ ଓଡ଼ିଶା' ପ୍ରଦର୍ଶନ ହେଉଛି ଓଡ଼ିଶାବାସୀଙ୍କର ଗାନ୍ଧିଙ୍କ ମହାନ ଆତ୍ମା ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି କହିଥିଲେ ।

## ୨୪ପ୍ରତିଶତ ମହିଳା ଚାହାଁନ୍ତି ଦ୍ୱିତୀୟ ସନ୍ତାନ



ଭାରତର ମାତ୍ର ୨୪ ପ୍ରତିଶତ ବିବାହିତ ମହିଳା ଦ୍ୱିତୀୟ ସନ୍ତାନ ଚାହାଁନ୍ତି । ଏକ ସର୍ଭେରୁ ଏହା ଜଣାପଡ଼ିଛି । ସରକାରୀ ତଥ୍ୟ ଅନୁସାରେ ଗତ ୧୦ବର୍ଷ ମଧ୍ୟରେ ଏଥିରେ ୬୮ ପ୍ରତିଶତର ହ୍ରାସ ଦେଖିବାକୁ ମିଳିଛି । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରଣାଳୟ ନ୍ୟାସନାଲ ଫ୍ୟାମିଲି ହେଲଥ ସର୍ଭେରୁ ଏହା ଜଣାପଡ଼ିଛି । ୧୫ ରୁ ୪୯ ବର୍ଷ ବୟସର ବିବାହିତ ମହିଳାଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା । ଏହି ମହିଳାଙ୍କ ମଧ୍ୟରୁ ମାତ୍ର ୨୪ ପ୍ରତିଶତ ମହିଳା ଦ୍ୱିତୀୟ ସନ୍ତାନ ଚାହୁଁଥିଲା ବେଳେ ୨୭ ପ୍ରତିଶତ ପୁରୁଷ ଦ୍ୱିତୀୟ ସନ୍ତାନ ଚାହୁଁଥିବା ଜଣାପଡ଼ିଛି । ବିଶେଷଜ୍ଞମାନଙ୍କ ମତରେ ଏହାର କାରଣ ହେଉଛି ଭଲ କ୍ୟାରିୟର, ସୁନ୍ଦର ଭାବେ ଜୀବନ ବିତାଇବା ଏବଂ ବିଳମ୍ବରେ ମାଆ ହେବା । ସହରରରେ ରହୁଥିବା ଦମ୍ପତିମାନେ ୩୦ରୁ ୪୦ ବର୍ଷ ମଧ୍ୟରେ ଡାକ୍ତରଙ୍କ ପାଖକୁ ଯାଇ ସନ୍ତାନ ଜନ୍ମର ପ୍ଲାନିଂ କରିଥାନ୍ତି । ଅନେକ ମହିଳା ବିଳମ୍ବରେ ସନ୍ତାନ ଜନ୍ମ ଦେବାକୁ ପସନ୍ଦ କରିଥାନ୍ତି । କାରଣ ସେମାନେ ନିଜ କ୍ୟାରିୟର ଉପରେ ଅଧିକ ଜୋର ଦେଇଥାନ୍ତି । ଆଉ ବିଳମ୍ବରେ ବିବାହ କରିବାର ନିଷ୍ପତ୍ତି ନେଇଥାନ୍ତି । ଭାରତରେ ୫୪ ପ୍ରତିଶତ ମହିଳାଙ୍କର ଦୁଇଟି ସନ୍ତାନ ଥିଲାବେଳେ ୨୫ରୁ ୨୯ ବର୍ଷ ମଧ୍ୟରେ ୧୬ ପ୍ରତିଶତ ମହିଳାଙ୍କର ଗୋଟିଏ ବି ସନ୍ତାନ ନଥିଲା । ସେହିପରି ପିଲାଙ୍କ ଭଲ ଭବିଷ୍ୟତକୁ ଦୃଷ୍ଟିରେ ରଖି ଅନେକ ମହିଳା ଦ୍ୱିତୀୟ ସନ୍ତାନ ଚାହୁଁନଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ମ୍ୟାକ୍ସିମାଲିଷ୍ଟ ଫ୍ୟାଶନ୍





ଅଧିକ ହେଲେ କ୍ଷତି ନାହିଁ । ମ୍ୟାକ୍ସିମାଲିଷ୍ଟ ଫ୍ୟାଶନ୍ କହିଲେ ଏହାକୁ ହିଁ ବୁଝାଏ । ସାଜସଜ୍ଜାରେ ପୂର୍ଣ୍ଣତା ବଜାୟ ରଖିବା ହେଉଛି ମ୍ୟାକ୍ସିମାଲିଷ୍ଟ ଫ୍ୟାଶନର ପରିଭାଷା । ଦିନକୁ ଦିନ ବଦଳୁଛି ସାଜସଜ୍ଜାର ସଂଜ୍ଞା । ତାହା ସହିତ ତାଳ ମିଳାଇ ବଦଳିବାରେ ଲାଗିଛି ଲୁକ୍, ଷ୍ଟାଇଲ୍ ଆଉ ଫ୍ୟାଶନ୍ । ଦିନ ଥିଲା ମିନିମାଲିଷ୍ଟ ଫ୍ୟାଶନ୍ ଥିଲା ଫ୍ୟାଶନିଷ୍ଟାମାନଙ୍କର ପ୍ରିୟ । ଏବେ ସେହି ସ୍ଥାନ ନେଉଛି ମ୍ୟାକ୍ସିମାଲିଷ୍ଟ ଫ୍ୟାଶନ୍ ।

### ମ୍ୟାକ୍ସିମାଲିଷ୍ଟ ଫ୍ୟାଶନ୍ କ'ଣ

ହାର, ଇୟରରିଂ, ଚୁଡ଼ି, ଗାଢ଼ ଲିପଷ୍ଟିକ୍... ଏଇ ସମସ୍ତ ନେଇ ସୃଷ୍ଟି ମ୍ୟାକ୍ସିମାଲିଟ୍ଟେ ଫ୍ୟାଶନ୍ । ସୁନ୍ଦର ଶାଢ଼ି ସହିତ କାନରେ ସାଣ୍ଡେଲିୟର ପିନ୍ଧିଲେ ସାଜ ସଂପୂର୍ଣ୍ଣ ହୋଇଯାଉଥିଲା । କିନ୍ତୁ ଏବେ ଦରକାର ଆହୁରି ଅଧିକ । ଏଇଠି ବଦଳି ଯାଉଛି ସାଜସଜ୍ଜାର ସଂଜ୍ଞା କେବଳ ଇୟରରିଂ ବା ଗଳାର ଷ୍ଟେଟମେଣ୍ଟ ପିସ୍ ନୁହେଁ । ସବୁ କିଛି ମଧ୍ୟରେ ସମାନତା ବଜାୟ ରଖିବାକୁ ହେବ । ତେବେ ଯାଇ ପରିପୂର୍ଣ୍ଣ ହେବ ମ୍ୟାକ୍ସିମାଲିଟ୍ଟେ ଫ୍ୟାଶନ୍ ।

### କିଭଳି କରିବେ କମ୍ବିନେସନ୍

କେବଳ ଗହଣାରେ ଏହି ସାଜ ସରିଗଲା ବୋଲି ଭାବିବା ଠିକ୍ ନୁହେଁ । ଇଚ୍ଛା କଲେ ଓ୍ୱେଷ୍ଟର୍ଣ୍ଣ ଆଉଟଫିଟରେ ମଧ୍ୟ ଏହି ଲୁକ୍ ଆଣିପାରିବେ । ସେଥିପାଇଁ ହ୍ୟାଟ, ବେଲ୍ଟ, ସ୍କାର୍ଫ, ଜୁଏଲାରୀ, ଜ୍ୟାକେଟ୍ ବ୍ୟବହାର କରିବାକୁ ହେବ ।

### ଓ୍ୱେଷ୍ଟର୍ଣ୍ଣ ଆଉଟଫିଟରେ

ସର୍ଟ ଡ୍ରେସ୍ ସହିତ ସ୍କାର୍ଫ, ମୁଣ୍ଡରେ ଟୋପି ଓ ଆଖିରେ ମାନୁଥିବା ସନଗ୍ଲାସ୍ । କାନରେ ଲମ୍ବା ଇଅରରିଂ । ଏକାଧିକ ଆକସେସୋରି ବ୍ୟବହାର କରୁଥିବାରୁ ରଙ୍ଗ ଠିକ୍ ବାଛିବାକୁ ପଡ଼ିବ । ସବୁ କିଛି ଗାଢ଼ ରଙ୍ଗର ହେଲେ ଆପଣଙ୍କର ଫ୍ୟାଶନ୍ ବିଷୟରେ ଧାରଣା ନାହିଁ । ବୋଲି ମନେ ହେବ । ତେଣୁ ଏକାଧିକ ଆକ୍ସେସରି ବ୍ୟବହାର କରୁଥିଲେ ରଙ୍ଗର କନଷ୍ଟ୍ରାଟ ଆଗରୁ ବାଛି ନିଅନ୍ତୁ ।



### ପ୍ରିଣ୍ଟ ପରଫେକ୍ଟ

ସାଧାରଣତଃ ପ୍ରିଣ୍ଟ୍ ବଟମଓ୍ୱେୟର ସହିତ ସଲିଡ୍ କଲରର ଟପ୍ ଓ ପ୍ରିଣ୍ଟେଡ୍ ଟପ୍ ସହିତ ପ୍ଲେନ୍ ବଟମ୍ ଓ୍ୱିୟର ବାଛିନିଅନ୍ତି ଅନେକେ । କିନ୍ତୁ ମ୍ୟାକ୍ସିମାଲିଟ୍ଟେ ଫ୍ୟାଶନରେ ବଟମ୍ ଓ ଟପ୍ ଓ୍ୱିୟର ଦୁଇଟି ଯାକ ସମାନ ପ୍ରିଣ୍ଟର ପିନ୍ଧି ପାରିବେ । ତେବେ ଦେଖିବାକୁ ହେବ ଯେଉଁ ପ୍ରିଣ୍ଟ ପିନ୍ଧୁଛନ୍ତି ସେଇଟା ଆପଣଙ୍କୁ ମାନୁଛି କି ନାହିଁ ।

### ହାଲୁକା ଶାଢ଼ି, ଭାରୀ ଗହଣା

ସିଫନ୍ ବା ହାଲୁକା ଶାଢ଼ି ସହିତ ଛୋଟ ମୁକ୍ତାର ଇୟର ଷ୍ଟଡ ଓ ହାର ବଢ଼ିଆ ଲାଗେ । କିନ୍ତୁ ଭାରୀ ଗହଣାର ସାଜସଜ୍ଜାରେ ମଧ୍ୟ ସିଫନ ବେଶ ଭଲ ଲୁକ୍ ଦେଇଥାଏ । ଯେମିତିକି ଇୟର ଷ୍ଟଡ୍, ହାର ସହିତ ହାତ ପାଇଁ ଷ୍ଟେଟମେଣ୍ଟ ବ୍ରେସଲେଟ୍ ଭଲ ଲାଗିବ ।

### ଗୋଲ୍ଡେନ୍ ଟଚ୍

ଶାଢ଼ିର ଧଡ଼ି ସୁନେଲି ରଙ୍ଗର ହୋଇଥିଲେ ସୁନାର ଅଳଙ୍କାର ପିନ୍ଧନ୍ତୁ । ସିଲଭର ଜରି କାମ ଥିଲେ ରୂପା ଅଳଙ୍କାର ଭଲ ଲାଗିବ । କିନ୍ତୁ ରୂପା ଗହଣା ସହିତ ସୁନେଲି ଧଡ଼ି ଥିବା ଶାଢ଼ି କିମ୍ବା ସୁନେଲି ଧଡ଼ିରେ ରୂପା ଗହଣା ଭଲ ମାନିବ ନାହିଁ । ଏହି ଧାରଣାକୁ ଅନେକାଂଶରେ ବଦଳାଇ ଦେଇଛନ୍ତି ମ୍ୟାକ୍ସିମାଲିଷ୍ଟ ଫ୍ୟାଶନରେ ବିଶ୍ୱାସ ରଖୁଥିବା ଫ୍ୟାଶନିଷ୍ଟାମାନେ ।

## ପୋଥି-ବିଦ୍ୟା



ଏକଦା ଗୁରୁକୁଳରେ ଶିକ୍ଷାଲାଭ କରୁଥିଲେ ଚାରି ବନ୍ଧୁ। ଶାସ୍ତ୍ର ପଠନ ଶେଷ କରି ସେମାନେ ଉପାର୍ଜନ ପାଇଁ ହରକୁ ବାହାରିଲେ। ସେମାନଙ୍କ ଜ୍ଞାନ ଥିଲା ପୋଥି-ସର୍ବସ୍ୱ। ସହରକୁ ଯାଇଥିବା ବାଟ ଜଣା ନ ଥିଲା। ସେମାନେ ଅଗ୍ରସର ହେଉଥିବା ପଥ ଗୋଟିଏ ସ୍ଥାନରେ ଦୁଇ ଆଡକୁ ଯାଇଥିବା ଦେଖି ଅଟକିଗଲେ। ଠିକ୍ ସେହି ସମୟରେ ଚାରି ଜଣ ଲୋକ କୋକେଇରେ ଶବ କାନ୍ଧେଇ ସେଠାରେ ପହଞ୍ଚିଲେ। ସେମାନଙ୍କ ପଛରେ ଥିଲେ ସମ୍ମାନସ୍ପଦ ଦିଶୁଥିବା ଦଳେ ଲୋକ। ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାରୁ ତାଙ୍କ ଶବ ଶ୍ମଶାନକୁ ନିଆଯାଉଥିଲା। ଚାରି ବନ୍ଧୁ ଚାହିଁଥିଲେ ସହରକୁ ପଡିଥିବା ପଥ ପଚାରି ବୁଝିପାରିଥାଆନ୍ତେ। ତେବେ ସେମାନେ ତାହା ନ କରି ପୋଥି-ବିଦ୍ୟା ପ୍ରୟୋଗ କରି ବାଟ ବାଛିବାକୁ ନିଷ୍ପତ୍ତି ନେଲେ। ଜଣେ କହିଲା, 'ବିଶିଷ୍ଟ ଲୋକେ ଯାଉଥିବା ପଥରେ ଯିବା ଶ୍ରେୟସ୍କର।' ପରିଣାମ ସ୍ୱରୂପ ପହଞ୍ଚିଗଲେ ଶ୍ମଶାନରେ। ଶ୍ମଶାନରେ ଲୋକେ ଶବଦାହ କାମରେ ଲାଗିଲେ। ଚାରି ବନ୍ଧୁଙ୍କ ପ୍ରତି କେହି ଧ୍ୟାନ ଦେଲେ ନାହିଁ। ହଠାତ୍ କେଉଁଠୁ ଗଧଟିଏ ଆସି ସେମାନଙ୍କ ନିକଟରେ ପହଞ୍ଚିଲା। ଜଣେ ବନ୍ଧୁ କହିଲା, 'ଯିଏ ସୁଖଦୁଃଖରେ ପାଖରେ ଥାଏ, ସେ ପ୍ରକୃତ ବନ୍ଧୁ।' ତହୁଁ ଚାରି ବନ୍ଧୁ ଗଧକୁ ଆଉଁସି ପକାଇଲେ। ଗଧ ଚାଲିବାରୁ ତା' ପଛରେ ଚାଲିଲେ। ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିଲା ଓଟଟିଏ। ଓଟକୁ ଦେଖି ଆଉ ଜଣେ କହିଲା, 'ଜୋର୍‌ରେ ଆସୁଥିବା ପ୍ରାଣୀ ନୀତିବାନ୍' ଶେଷ ଜଣକ କହିଲା, 'ନୀତିବାନ୍‌ଙ୍କ ମାର୍ଗରେ ବନ୍ଧୁଙ୍କୁ ନେବା ବୁଦ୍ଧିମାନ୍‌ର କର୍ତ୍ତବ୍ୟ'। ଚାରି ବନ୍ଧୁ ଏଥର ବଳପୂର୍ବକ ଓଟକୁ ଅଟକାଇ ତା' ସହ ଗଧକୁ ବାନ୍ଧିଦେଲେ। ଦୁଇ ପ୍ରାଣୀଙ୍କର ବନ୍ଧନ ଅଭ୍ୟାସ ନ ଥିଲା। ଦୁହେଁ ଚିତ୍କାର କଲେ। ଦୁହିଁଙ୍କର ମାଲିକ ଘଟଣା ସ୍ଥଳୀରେ ପହଞ୍ଚିବ, ସେମାନଙ୍କ ପୋଷା ପ୍ରାଣୀଙ୍କୁ ଚୋର ନେଇଯାଉଥିବା ଭାବି ମାଡ଼ ଚଢ଼ାଇଲେ। ଚାରି ବନ୍ଧୁଙ୍କୁ ଜୀବନ ବଞ୍ଚାଇ ଦୌଡିବାକୁ ପଡିଲା।

## ହଥିଆ ଦେବାଲ୍ ମନ୍ଦିରରେ ପୂଜା କରିବା ମନା



ପରମ୍ପରା ଅନୁଯାୟୀ ସଂକ୍ରାନ୍ତି, ପୂର୍ଣ୍ଣିମା କମ୍ବା କୌଣସି ଓଷାବାରର ଭଗବାନ ଶଙ୍କରଙ୍କ ପୂଜାର ପରମ୍ପରା ରହିଛି। କିନ୍ତୁ ଆମ ଦେଶର ଉତ୍ତରାଖଣ୍ଡରେ ଏଭଳି ଏକ ଶିବ ମନ୍ଦିର ରହିଛି ଯେଉଁଠି ଶିବଲିଙ୍ଗଙ୍କୁ ପୂଜାା କରିବା ମନା। ପିଥୋରଗଡ଼ରୁର ଧାରଚୁଲା ଆଡ଼କୁ ଯିବା ରାସ୍ତାରେ ୧୭କିମି. ଭିତରକୁ ଅବସ୍ଥିତ। ଏହାର ନାମ ହଥିଆ ଦେବାଲ ଶିବ ମନ୍ଦିର। ଏହି ପ୍ରସିଦ୍ଧ ଶୈବପୀଠକୁ ଅଭିଶପ୍ତ ଶିବାଳୟ ମଧ୍ୟ କୁହାଯାଏ। ରାଜା କତୁରୀଙ୍କ ଶାସନ କାଳରେ ଏହି ମନ୍ଦିରଟି ନିର୍ମିତ ହୋଇଥିଲା। ଏଠାରେ ବହୁ ଗ୍ରନ୍ଥ ଓ ଅଭିଲେଖ ରହିଛି। ରାଜାଙ୍କର ସ୍ଥାପତ୍ୟ କଳା ପ୍ରତି ଖଉବ ଆନ୍ତରିକତା ଥିବାରୁ ଏକ କୁଶଳ କାରିଗର ଦ୍ୱାରା ଗୋଟିଏ ଦିନରେ ମନ୍ଦିର ନିର୍ମାଣ କରାଯାଇଥିଲା। କାରିଗର ଗୋଟିଏ ହାତରେ ମନ୍ଦିରଟିକୁ ନିର୍ମାଣ କରିଥିଲେ। ରାଜାଙ୍କ ଇଚ୍ଛାଥିଲା ଏହି ମନ୍ଦିର ସଦୃଶ ଅନ୍ୟ ମନ୍ଦିର ନିର୍ମାଣ ନହେଉ। ତେଣୁ ରାଜା କାରିଗରର ଅନ୍ୟ ଏକ ହାତକୁ କାଟି ଦେଇଥିଲେ। ପରବର୍ତ୍ତୀ ସମୟରେ ସେହି କାରିଗରକୁ ଆଉ କେହି ଦେଖିବାକୁ ପାଇଲେ ନାହିଁ। କିନ୍ତୁ ମନ୍ଦିରରେ ଶିବଲିଙ୍ଗଟି ଓଲଟା ସ୍ଥାପିତ ହୋଇଥିବା ଦେଖିବାକୁ ପାଇଥିଲେ ପଣ୍ଡିତମାନେ। ଏହାକୁ ଠିକ୍ ଦିଗରେ ସ୍ଥାପନା କରିବା ପାଇଁ ପ୍ରୟାସ କରି ବିଫଳ ହୋଇଥିଲେ। ଦୋଷପୂର୍ଣ୍ଣ ମୂର୍ତ୍ତି ପୂଜା କରିବା ଅନିଷ୍ଟକାରୀ ହୋଇପାରେ। ଏହି ଶିବଲିଙ୍ଗଙ୍କୁ କେହି ପୂଜା କଲେ ଫଳବତୀ ହେବନାହିଁ ବୋଲି ପଣ୍ଡିତମାନେ ମତ ରଖିଥିଲେ। ଏହି ଶିବଲିଙ୍ଗଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ଼ ଜମିଥାଏ। ମନ୍ଦିରର କାରୁକାର୍ଯ୍ୟକୁ ମଧ୍ୟ ଶ୍ରଦ୍ଧାଳୁମାନେ ଖୁବ୍ ପ୍ରଶଂସା କରିଥାନ୍ତି। କିନ୍ତୁ କେହି ଜଳାଭିଷେକ କରନ୍ତି ନାହିଁ କି ସୁଫଳ ପାଇପାରନ୍ତି ନାହିଁ ବୋଲି ପଣ୍ଡିତମାନେ ମତ ଦିଅନ୍ତି।

## ନଖ ସୌନ୍ଦର୍ଯ୍ୟ


ନଖରେ ବେସ୍ କଟ ବ୍ୟବହା କରି ନେଲ୍ ପଲିସ୍ ଲଗାନ୍ତୁ, ଅଧିକ ଦିନ ପର୍ଯ୍ୟନ୍ତ ରଙ୍ଗ ରହିବା ଫିକା ପଡ଼ିବ ନାହିଁ। ବାମରୁ ଡାହାଣ ଓ ପରେ ତଳୁ ଉପରୁ ରଙ୍ଗ ଲଗାନ୍ତୁ। ନଖ ବାହାରେ ଲାଗିଥିବା ରଙ୍ଗ ଛଡ଼ାଇବା ପାଇଁ ନେଲ୍ ପଲିସ୍ ରିମୁଭର ବ୍ୟବହାର କରନ୍ତୁ। ନେଲ୍ ପଲିସ୍ ଶୀଘ୍ର ଶୁଖାଇବାକୁ ଚାହୁଁଥିଲେ, ଥଣ୍ଡା ପାଣିରେ କିଛି ସମୟ ନଖ ବୁଡ଼ାଇ ରଖନ୍ତୁ। ନେଲ୍ ପଲିସ୍ ଲଗାଇଥିଲେ ଉଷୁମ କିମ୍ବା ଗରମ ପାଣିରେ କାମ କରନ୍ତୁ ନାହିଁ। ଏହା ଦ୍ୱାରା ଶୀଘ୍ର ରଙ୍ଗ ଛାଡ଼ିଯାଏ, ନଖ ଟାଣହୁଏ ଓ ଫାଟେ।



## ବିୟର ବଟଲରେ ମନ୍ଦିର

ବୌଦ୍ଧ ଧର୍ମ ପୃଥିବୀର ପ୍ରାଚୀନତମ ଧର୍ମ ମଧ୍ୟରୁ ଗୋଟିଏ, ଯାହାର ସାରା ବିଶ୍ୱରେ ଏକ ସ୍ୱତନ୍ତ୍ରତା ରହିଛି । ହେଲେ ଥାଇଲାଣ୍ଡରେ ସିମାକେଟ ଅଞ୍ଚଳରେ ତିଆରି ହୋଇଥିବା ବୃଦ୍ଧ ମନ୍ଦିରଟି ନିର୍ମାଣ ହୋଇଛି ସମ୍ପୂର୍ଣ୍ଣ ବିୟର ବଟଲରେ । ଏହି ମନ୍ଦିରଟିରେ ଲାଗିଛି ମୋଟ୍ ୧୦ଲକ୍ଷ ବଟଲ । ମନ୍ଦିରର କାନ୍ଥରୁ ବିୟର ବଟଲରେ ସୁନ୍ଦର ଭାବେ ସଜାଯାଇଛି, ଯାହାକୁ ଦେଖିଲେ ଆପଣ ବି ଘଡିଏ ଚାହିଁବେ । ଏହି ମନ୍ଦିରକୁ 'ମହା ଚେଦି ଖେଦ' ନାମରେ ସନ୍ଧୁ ଜାଣନ୍ତି । ଭିନ୍ନ ଭିନ୍ନ ରଙ୍ଗର ବଟଲରେ ନିର୍ମାଣ ହୋଇଥି । ଏହି ମନ୍ଦିରଟି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଯେବେ ବି କେହି ଥାଇଲାଣ୍ଡ ବୁଲିବାକୁ ଆନ୍ତି ସେମାନେ ଏହି ମନ୍ଦିରକୁ ନିଶ୍ଚୟଆସନ୍ତି । ଏହି ମନ୍ଦିରକୁ ନିର୍ମାଣ କରିଛନ୍ତି କିଛି ବୌଦ୍ଧ ଭୀକ୍ଷୁ ।

## ଶୟନ କକ୍ଷରେ ଶାନ୍ତି ରହିବ



ଘରର ଏକ ପ୍ରମୁଖ ସ୍ଥାନ ଶୟନକକ୍ଷ । କାରଣ, ଏଠାରେ ସାରାଦିନର ବ୍ୟସ୍ତତା ପରେ ମଣିଷ ବିଶ୍ରାମ କରିଥାଏ । ଯେତେ ସୁନ୍ଦର କକ୍ଷ ଘର ଭିତରେ ଥିଲେ ମଧ୍ୟ ନିଜ ଶୟନକକ୍ଷ ଅତି ଆପଣାର ଲାଗେ । ହେଲେ ଅନେକ ଥର ଦେଖାଯାଏ, ଶୟନକକ୍ଷ ତଥା ପଲଙ୍କ ବାସ୍ତୁର ବିପରୀତ ଦିଗରେ ଥିଲେ ଏହାର ପ୍ରଭାବ ମଣିଷର କାର୍ଯ୍ୟକ୍ଷମତା ତଥା ଦାମ୍ପତ୍ୟ ଜୀବନ ଉପରେ ପଡ଼େ । ତେଣୁ ବାସ୍ତୁ ଅନୁସାରେ ଶୟନ କକ୍ଷରେ ସାମାନ୍ୟ ପରିବର୍ତ୍ତନ ଆଣିଲେ ଏହା ଜୀବ ନରେ ଶାନ୍ତି ଭରିଦେଇପାରେ । ଶୟନ କକ୍ଷରେ ଝରକା ତ ନିଶ୍ଚୟ ରହି ବା ଦରକାର । ସକାଳ ସୂର୍ଯ୍ୟକିରଣ ଶୟନକକ୍ଷରେ ପ୍ରବେଶ କରିବା ସ୍ୱାସ୍ଥ୍ୟ ପକ୍ଷେ ହିତକର । ତେବେ ମୁଖ୍ୟଦ୍ୱାର ଦିଗକୁ ଗୋଡ଼ କରି ଶୁଅନ୍ତୁ ନାହିଁ । ପଲଙ୍କ ସମ୍ମୁଖରେ ମଧ୍ୟ ଦର୍ପଣ ରଖିବା ମନା । ଏହା ମନ ବିଚଳିତ କରେ । ପତି-ପତ୍ନୀଙ୍କ ପ୍ରତୀକ ଭାବେ ଦୁଇଟି ସୁନ୍ଦର ଫୁଲଦାନି ଶୟନକକ୍ଷରେ ରଖନ୍ତୁ । ଏହାଦ୍ୱାରା ବୈବାହିକ ଜୀବନ ସୁଖମୟ ହେବ । ଯଦି ଆର୍ଥିକ ସ୍ଥିତି ଯୋଗୁ ଦାମ୍ପତ୍ୟରେ ସମସ୍ୟା ହେଉଛି ତେବେ ଏକ ସୁନ୍ଦର ପାତ୍ରରେ ଚାଉଳ ଦାନା ସହ ପବିତ୍ର କ୍ରିଷ୍ଟାଲ ରଖନ୍ତୁ । ପଲଙ୍କ ଦକ୍ଷିଣ ଦିଗକୁ ରଖନ୍ତୁ ଯେପରିକି ଶୋଇବା ସମୟରେ ମୁଣ୍ଡ ଉତ୍ତର ଦିଗକୁ ରହିବ । ଏପରି ହୋଇନପାରିଲେ ପଶ୍ଚିମ ଦିଗରେ ପଲଙ୍କ ରଖାଯାଇପାରେ ଏବଂ ଶୋଇଲା ବେଳେ ମୁଣ୍ଡ ପୂର୍ବଦିଗକୁ ରଖିବେ । ଘରର ମୁଖ୍ୟ



ଶୟନ କକ୍ଷ ନୈଋତ (ଦକ୍ଷିଣ-ପଶ୍ଚିମ) କୋଣରେ ହେବା ଜରୁରୀ । ଶୟନକକ୍ଷର ଦକ୍ଷିଣ-ପଶ୍ଚିମ) କୋଣରେ ହେବା ଜରୁରୀ । ଶୟନକକ୍ଷର ଦକ୍ଷିଣ-ପଶ୍ଚିମ ଭାଗରେ କାଚ କିମ୍ବା ସେରାମିକ୍ ପାତ୍ରରେ ଛୋଟଛୋଟ ପଥର ବା କ୍ରିଷ୍ଟାଲ ପକାଇ ଲାଲ ରଙ୍ଗର ଦୁଇଟି ମହମବତି ଜଳାନ୍ତୁ । ଏହା ସକାରାତ୍ମକ ଶକ୍ତି ପ୍ରବାହରେ ସହାୟକ ହେବ । ସେରାମିକ୍ ଓ୍ୱିଣ୍ଡ ଚାଇମ୍ସ ବି ବ୍ୟବହାର କରିପାରିବେ । ତେବେ ଶୟନକକ୍ଷରେ ଯେପରି ଅଳିଆ ଜମା ନହୁଏ ଏବଂ କୌଣସି ଧୂଳି ଧୂସରିତ ବସ୍ତୁତ ନରହେ, ସେଥିପ୍ରତି ସତର୍କ ରହିବେ । ଝରକା ସାମ୍ନାରେ ଡ୍ରେସିଂ ଟେବୁଲ ରଖିବେନି କିମ୍ବା କୌଣସି ଫର୍ଣ୍ଣିଚର ଯେପରି ଧନୁ, ଅର୍ଦ୍ଧଚନ୍ଦ୍ର କିମ୍ବା ବୃତ୍ତାକାର ନହୁଏ- ସେଥିପ୍ରତି ଦୃଷ୍ଟି ଦେବେ । ଏପରି ହେଲେ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ । ଶୟନକକ୍ଷରେ ଲାଲ କିମ୍ବା ଗୋଲାପୀ ରଙ୍ଗର ବ୍ୟବହାରକୁ ଗୁରୁତ୍ୱ ଦେବେ । ସୁନ୍ଦର ପକ୍ଷୀମାନଙ୍କର ଛୋଟ ଯୋଡ଼ି ଶୟନକକ୍ଷରେ ରଖନ୍ତୁ । ଏଥିରେ ଦାମ୍ପତ୍ୟ ଜୀବନ ସୁଖଦ ରହିବ । ପାଣି ବା ଜଳପ୍ରପାତ ଥିବା ଫଟୋ ଆଦୌ ରଖନ୍ତୁ ନାହିଁ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦ୍ୱିତୀୟ ସଂସ୍କରଣ ପାଇଁ ଅନୁଚିନ୍ତା...

କରୋନା ସଂକ୍ରମଣର ଦ୍ୱିତୀୟ ଲହର ଭୟଙ୍କର ରୂପ ନେଇ ଉଭା ହେଲାଣି। ମହାରାଷ୍ଟ୍ର, ଗୁଜରାଟ, ପଂଜାବରେ ଏହାର ରୂପ ପ୍ରକଟିତ ହେବା ସହିତ କେତେକ ପ୍ରାନ୍ତରେ ମାର୍ଚ୍ଚ ବର୍ଷ ପୂର୍ତ୍ତି ବେଳଠାରୁ ବିଭିନ୍ନ ଭାବରେ ମୁଣ୍ଡ ଟେକିଲାଣି। କୋଭିଡ୍-୧୯ ନେଇ ଗତବର୍ଷ ସାରା ଦେଶ ତଥା ବିଶ୍ୱ କିଭଳି ବିପର୍ଯ୍ୟୟର ସମ୍ମୁଖୀନ ହେଲା, ତାହା ସମସ୍ତଙ୍କର ଅଙ୍ଗେନିଭା କଥା। ତାହାର ପୁନରାବୃତ୍ତିର ଭୟ ସମସ୍ତଙ୍କୁ ଘାରିବା ଭିତରେ ଯେମିତି ସାମାଜିକ ଉପଚାର ସମୂହର ଅନୁପାଳନର ମଧ୍ୟ ପୁନଃପ୍ରବର୍ତ୍ତନ ଉପରେ ପ୍ରଶାସନ ଜୋର ଦେଉଥିବାର ଦେଖାଯାଉଛି। କାହାରି ହେଲେ କରୋନା ସଂକ୍ରମଣ ନେଇ କିଛି ଧାରଣା ନଥିଲା, ତେଣୁ ସମସ୍ତେ ଅନ୍ଧାରରେ ବାଡ଼ି ବୁଲାଉଥିଲେ। ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ରକ୍ଷା, ହସ୍ତ ପ୍ରକ୍ଷାଳନ ଭଳି ଉପଚାର ସମୂହର ଅନୁପାଳନ କଥା ପୁଣିଥରେ କୁହାଯିବାର ହେତୁ ଆଦୌ ନାହିଁ, ତାହା କହିହେବ ନାହିଁ। ବିଶ୍ୱବ୍ୟାପୀ ସଂକ୍ରମଣ ହେତୁ ଅସୁମାରୀ ଜନକ୍ଷୟ ହେଲା, କଳକାରଖାନାରେ ତାଲା ଝୁଲିଲା। ଲକ୍ଷ ସଂଖ୍ୟାରେ କୁଶଳୀ ଯୁବକ-ଯୁବତୀ କାମବିନା ହାତବାନ୍ଧି ବସିଲେ। ପ୍ରବାସୀମାନଙ୍କ ପ୍ରତ୍ୟାବର୍ତ୍ତନଜନିତ ସଙ୍କଟ ଘନେଇଲା ଏବଂ ପ୍ରଶାସନ ଉପରେ ପଡ଼ିଲା ଅବାଂଛିତ ଚାପ। ବର୍ଷକ ଭିତରେ ପ୍ରତିଷେଧକ ଟିକାର ବିକାଶ ଓ ପ୍ରୟୋଗର ଅଭିଜ୍ଞତା କହୁଛି- ତମାମ ପ୍ରକରଣ ଶତପ୍ରତିଶତ ତ୍ରୁଟିମୁକ୍ତ ବୋଲି ଦାବି କରିହେବନାହିଁ। ସବୁ କିଛି 'ଟ୍ରାଏଲ ଏଣ୍ଡ ଏରର' ପ୍ରଣାଳୀରେ କରାଯାଇଥିବାରୁ ପରିଣତି ଏଭଳି ହେଲା। ସ୍ୱାସ୍ଥ୍ୟକର୍ମୀମାନଙ୍କର ଅଭିଜ୍ଞତା ତୁଳନାରେ ଭୂତାଣୁର ଭୟାବହତା ଥିଲା ବହୁତ ଗମ୍ଭୀର। ଏଥିପାଇଁ କାହାରି ମୁଣ୍ଡରେ ଅଠା ବୋଳିଦେଇ ବସିଗଲେ ହେବନାହିଁ। ମାତ୍ର ଏବେ ଯେଉଁ ଦ୍ୱିତୀୟ ଲହର ଆସିସାରିଥିବାର କୁହାଯାଉଛି; ସେଥିପାଇଁ ପୁରୁଣା ପ୍ରଣାଳୀ ଯେତେଦୂର ପ୍ରଯୁଜ୍ୟ, ତାହା ନେଇ ପୁନର୍ବିଚାରର ପ୍ରୟୋଜନ ରହିଥିବା ମନେହୁଏ। ଯେଉଁଭଳି ଚାରିପ୍ରକାର ସାମାଜିକ ପ୍ରତିଷେଧକ ଓ ଉପଚାର ଅନୁପାଳନ ଉପରେ ଜୋର ଦିଆଯାଉଛି, ସେଥିରେ କିଛି ତ୍ରୁଟି ନଥାଇପାରେ। ଟିକାର ବିକାଶ ଓ ପ୍ରୟୋଗରୁ ଯାହାକିଛି ଅଭିଜ୍ଞତା ମିଳୁଛି, ତାହାର ଆଧାରରେ କେତେ କ'ଣ କରାଯାଇପାରିବ, ତାହା ସେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ନୂଆ ଉପାୟ ଓ ଉପଚାର ପାଇଁ ପ୍ରଶାସନ ତଥା ସାମାଜିକ କର୍ମୀମାନେ ଗୁରୁତ୍ୱ ସହକାରେ ଚିନ୍ତା କରି ପଦକ୍ଷେପ ପାଇଁ ବ୍ୟବସ୍ଥାକୁ ନିୟନ୍ତ୍ରିତ କରିବା ଜରୁରି ମନେହେଉଛି। ଜନସଂଖ୍ୟା ଓ ସମସ୍ୟାକୁ ଆମେ ଶହେ ବୋଲି ଧରୁଥିଲେ, ଶିବେଇ ସାନ୍ତରା ତତଲା ଜାଉ ଥାଳିର ମଝିରେ ହାତ ପୂରାଇଦେବା ନ୍ୟାୟ ଭଳି ହୋଇଛି। ଶହେରୁ ଅଶି ଭାଗ ସମସ୍ୟାର ପ୍ରତିକାର ଲାଗି ଆମକୁ କୋଡ଼ିଏର ସମସ୍ୟା ପାଇଁ ଫୋକସ ଦେବାକୁ ପଡ଼ିପାରେ। ଅଭିଜ୍ଞତା ହେଉଛି ସମସ୍ତଙ୍କର ଶିକ୍ଷକ। ବ୍ୟାପକ ଟିକାକରଣ ସହିତ ସାମାଜିକ ଉପଚାର ପାଳନ ଉପରେ ଗୁରୁତ୍ୱ ଦେବା ଭିତରେ କ'ଣ ପାଇଁ ପୁରୁଷ-ମହିଳା, ବିଶେଷକରି ବରିଷ୍ଠ ନାଗରିକମାନେ ଟିକା ନେବା ଲାଗି ଭିଡ଼ ଜମାଇବା କେତେ କଷ୍ଟକର ଚିତ୍ର ଦେଖାଉଛି। ପ୍ରଶାସନ ଆଉ କିଛି କରିନପାରିଲେ ମଧ୍ୟ ଭ୍ରାମ୍ୟମାଣ ଟିକାକରଣ ଶିବିର ବ୍ୟବସ୍ଥା କରିପାରିବ। ତାହେଲେ ହଇରାଣ ହରକତରୁ ବୁଢ଼ାବୁଢ଼ୀମାନେ ରକ୍ଷା ପାଇପାରନ୍ତେ। ଏଯାଏଁ କେହି ଦ୍ୱିତୀୟ ସଂକ୍ରମଣର ଚିତ୍ର ପାଇପାରିନଥିଲେ ସୁଦ୍ଧା ରାତ୍ରିକାଳୀନ କର୍ଫୁ୍ୟଠାରୁ ଆରମ୍ଭ କରି ବିଭିନ୍ନ କଟକଣାର ପ୍ରବର୍ତ୍ତନ ଆରମ୍ଭ ହୋଇସାରିଲାଣି। ଯେହେତୁ କରୋନା ସଂକ୍ରମଣର ରୂପରେଖ ନେଇ କାହାରି କିଛି ସ୍ୱଷ୍ଟ ଧାରଣା ନଥିଲା, ସେତେବେଳେ ସଙ୍ଗରୋଧଠାରୁ ଅବରୋଧ ଭଳି ବିଭିନ୍ନ ପ୍ରକାର ବ୍ୟବସ୍ଥା କରାଯାଉଥିଲା। କେଇମାସ ପରେ କୋହଳ ସ୍ଥିତିରେ ସମସ୍ତେ ବେପରୁଆ ହୋଇପଡ଼ିଲେ। ଯାନିଯାତ୍ରା-ବିବାହ ପୁନେଇଁଠାରୁ ଆରମ୍ଭ କରି ଭୋଟ୍ ସମାବେଶରେ ଶହ ଓ ହଜାର ସଂଖ୍ୟାରେ ଭିଡ଼ କରୋନାକୁ ନୂଆ ବିକଟାଳ ରୂପରେ ଉଭା କରାଇବାକୁ ଯାଉଛି। ତେଣୁ ୮୦:୨୦ ଅନୁପାତରେ ପ୍ରଶାସନ, ସାମାଜିକ କର୍ମୀ ଓ ଗଣମାଧ୍ୟମଗୁଡ଼ିକ ପୁରୁଣା ଗୁଳା ଛାଡ଼ି ଯଦି କାର୍ଯ୍ୟ କରିବେ, ଯଥେଷ୍ଟ ଉପକାର ମିଳିପାରିବାର ଆଶା କରାଯାଉଛି। ପ୍ରଶାସନ କହିଲେ ଅମଲାତନ୍ତ୍ରକୁ ବୁଝାଏ। ତାହାରି ଭିତରେ ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ ପାଇଁ ବହୁ କିଛି କରାଯିବାର ଅଛି। ଅଧିକାରୀ ଓ କର୍ମଚାରୀମାନଙ୍କ ଭିତରେ ଲୋକାଭିମୁଖୀ ସଂଯୋଜନ କେବଳ ଜରୁରି ନୁହେଁ; ତାହାର ଠିକ ପ୍ରୟୋଗକୁ ସୁନିଶ୍ଚିତ କରାଯାଇପାରିଲେ ଗତବର୍ଷ ଭଳି ତିକ୍ତ ଲଢ଼େଇରୁ କେତେକାଂଶରେ ତ୍ରାହି ମିଳିଯାଇପାରନ୍ତା। ଟିକାକରଣକୁ ସାର୍ବଜନନୀ ଅଭିଯାନ କରାଯିବା ଭିତରେ କେତେକ ସ୍ଥାନରେ ଟିକା ନଷ୍ଟ ଭଳି ଚିନ୍ତାଜନକ ଖବର ମିଳିଛି। ଜ୍ଞାନ ଥାଇ କାଣ୍ଡଜ୍ଞାନ ନଥିବା ଭଳି ବ୍ୟବହାରରେ ଅତି କମ୍‌ରେ ପୁନରାବୃତ୍ତିକୁ ରୋକାଯାଇପାରିବ। ଦ୍ୱିତୀୟ ସଂକ୍ରମଣକୁ ଏମିତିରେ ଖାମଖିଆଲି ଭାବେ ନିଆନଯାଇ ବସ୍ତୁନିଷ୍ଠ ପଦକ୍ଷେପ ନିଆଗଲେ ୮୦:୨୦ ଅନୁପାତରୁ ସୁଫଳ ମିଳିପାରିବ ବୋଲି ତଦ୍‌ବିଦ ମହଲର ମତ।



## କୃଷକ ଆନ୍ଦୋଳନ: ଟିକାୟତ ବନାମ ମୋଦୀ

ଗୋପାଳ ମହାପାତ୍ର

ଦିଲ୍ଲୀ ସୀମାରେ ଚାଲିଥିବା କୃଷକ ଆନ୍ଦୋଳନ ଏବେ ରାଜନୈତିକ ଆଖଡ଼ାରେ ପରିଣତ ହୋଇଛି। ଆନ୍ଦୋଳନ ସ୍ଥଳରେ କୃଷକଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏବେ ଏଭଳି ଅବସ୍ଥା ସୃଷ୍ଟି ହେଲାଣି ଯେ ନା ଆନ୍ଦୋଳନ ବନ୍ଦ କରିହେଉଛି ନା ଆନ୍ଦୋଳନକୁ ଅଧିକ ତୀବ୍ର କରି ହେଉଛି। କୃଷକ ଆନ୍ଦୋଳନର ନେତାମାନଙ୍କ ବେକରେ ଏବେ ଆନ୍ଦୋଳନ ରୂପୀ ମଲାସାପ ପଡିଛି ଯାହାକୁ ସେମାନେ ବେକରେ ଅଧିକ ସମୟ ପଖେଇ ରଖିବା ଅବସ୍ଥାରେ ନାହାଁନ୍ତି କି ବେକରୁ କାଢି ଫୋପାଡି ପାରୁନାହାଁନ୍ତି। କିନ୍ତୁ ଗୋଟିଏ କଥା ସତ୍ୟ ଯେ, ଏଇ କୃଷକ ଆନ୍ଦୋଳନ ଏକ ଫାଇଭ ଷ୍ଟାର ଆନ୍ଦୋଳନରେ ମଧ ପରିଣତ ହୋଇଛି। ଆନ୍ଦୋଳନ ସ୍ଥଳରେ ସଂଖ୍ୟା ହ୍ରାସ ହେଉଥିବା ଘଟଣା ମଧ କୃଷକ ନେତାମାନଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଲାଣି। ଏହି ନେତାମାନେ ସଂଖ୍ୟା ହ୍ରାସ ପ୍ରସଙ୍ଗରେ ବିଭିନ୍ନ ବାହାନା ଦେଖାଉଛନ୍ତି। ଏବେ କୃଷକ ନେତାମାନେ ହରିଆଣାର ଖଟ୍ଟର ସରକାରରେ ଥିବା ଉପମୁଖ୍ୟମନ୍ତ୍ରୀ ଦୁଷ୍ମନ୍ତ ଚୌତାଲାଙ୍କୁ ଇସ୍ତଫା ଦେବା ପାଇଁ ଚାପ ପକାଉଛନ୍ତି। ଅନ୍ୟ ପକ୍ଷରେ ଆନ୍ଦୋଳନର ସ୍ଥିତିକୁ ଦେଖି ଦ୍ୱିଧାରେ ପଡିଯାଇଥିବା କୃଷକ ନେତା ରାକେଶ ଟିକାୟତ ବୟାନ ଦେବାବେଳେ ସବୁ ସୀମା ଟପି ଯାଉଥିବା ଦେଖାଯାଉଛି। ଟିକାୟତ ଏବେ ତାଙ୍କ ବୟାନରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିବାରେ ଲାଗିଛନ୍ତି। ଗୋଟିଏ କଥା ଏବେ ସ୍ୱଷ୍ଟ ହୋଇଗଲାଣି ଯେ ଯେତେ ଗର୍ଜନ କଲେ ମଧ କଂଗ୍ରେସ ଓ ବାମଦଳମାନଙ୍କ ବିନା ଟିକାୟତଙ୍କର ତିଷ୍ଠି ରହିବା ଅସମ୍ଭବ। ସିଧାସଳଖ କହିବାକୁ ଗଲେ ଏବେ କୃଷକ ଆନ୍ଦୋଳନ ଟିକାୟତ ବନାମ ମୋଦୀରେ ପରିଣତ ହୋଇଛି। ବୋଧହୁଏ କେନ୍ଦ୍ର ସରକାର ଟିକାୟତଙ୍କ ସ୍ଥିତିକୁ ଭଲ ଭାବରେ ଜାଣିସାରିଲେଣି, ଯେଉଁଥିପାଇଁ ଆଉ ଟିକାୟତ ବା କୃଷକ ଆନ୍ଦୋଳନକୁ ଗୁରୁତ୍ୱ ଦେଉନାହାନ୍ତି ।

ଏବେ ଅନେକ ଗଣମାଧ୍ୟମରେ ଯେଉଁ ସବୁ ତଥ୍ୟ ପ୍ରକାଶ ପାଉଛି ତାହା ଅନୁସାରେ ଆନ୍ଦୋଳନରତ କୃଷକଙ୍କ ସଂଖ୍ୟା। ନଗଣ୍ୟ ହେବାରେ ଲାଗିଛି ଓ ଆନ୍ଦୋଳନ ସ୍ଥଳରେ ବିଜେପି ବିରୋଧୀ ଦଳର କର୍ମୀଙ୍କ ସଂଖ୍ୟା ବଢିଛି। କୃଷକ ଆନ୍ଦୋଳନ ଆରମ୍ଭ ବେଳରୁ କେନ୍ଦ୍ର ସରକାର ଅନେକବାର ଆଲୋଚନା ପାଇଁ କୃଷକ ନେତାମାନଙ୍କୁ ଡାକିଛନ୍ତି କିନ୍ତୁ ଆଲୋଚନା ବିଫଳ ହୋଇଛି। ସବୁଠାରୁ ସମ୍ବେଦନ କଥା ହେଉଛି ଗତ ସାଧାରଣତନ୍ତ୍ର ଦିବସ ଅବସରରେ କୃଷକ ଆନ୍ଦୋଳନରେ ସାମିଲ କେତେକ ଅସାମାଜିକ ତତ୍ତ୍ୱ ଲାଲକିଲ୍ଲାରେ ପତାକା ଉତ୍ତୋଳନ କରିବା। ଏବେ କୃଷକ ନେତା ଟିକାୟତ ତାଙ୍କର ଭିନ୍ନ ରୂପ ଦେଖାଇବାରେ ଲାଗିଲେଣି। କିନ୍ତୁ ସବୁ ସତ୍ତ୍ୱେ କେନ୍ଦ୍ରର ବିଜେପି ସରକାର ଧୈର୍ଯ୍ୟ ଅବଲମ୍ବନ କରି ଚାଲିଛନ୍ତି। ରାକେଶ ଟିକାୟତଙ୍କୁ ଛାଡି କୃଷକ ଆନ୍ଦୋଳନର ଅନ୍ୟ କୌଣସି ନେତା ବିବାଦୀୟ ମନ୍ତବ୍ୟ ଦେଉନାହାଁନ୍ତି। ହେଲେ କୃଷକ ଆନ୍ଦୋଳନ ନାମରେ ମନମୁଖୀ ତଥା ଅରାଜକତା ଚାଲିଛି। ଆନ୍ଦୋଳନ କାରଣରୁ ଦିଲ୍ଲୀ ସୀମାରେ ଲୋକଙ୍କୁ ମଧ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପୂର୍ବରୁ କୁହାଯାଉଥିଲା ଯେ, ଏହି ଆନ୍ଦୋଳନ ରାଜନୈତିକ ନୁହେଁ, କିନ୍ତୁ ଏବେ କୃଷକ ନେତା ଏହି ଆନ୍ଦୋଳନକୁ ରାଜନୈତିକ ରଙ୍ଗରେଖ ଦେଇ ସାରିଲେଣି ଓ ମୋଦୀ ବିରୋଧୀଙ୍କ ସହ ଏହି କୃଷକ ନେତାମାନେ ହାତ ମିଳାଇ ସାରିଲେଣି।

ମାତ୍ର କିଛି କୃଷକ ସଂଗଠନ ପକ୍ଷରୁ ଚାଲିଥିବା ଏହି କୃଷି ଆଇନ ବିରୋଧୀ ଆନ୍ଦୋଳନ କିନ୍ତୁ ଥମିବାର ନାଁ ଧରୁନାହିଁ। ଏହା କେବଳ କୃଷକ ନେତାଙ୍କ ଜିଦ ଯୋଗୁଁ ବୋଲି ଏବେ ଆଲୋଚନା ହେଲାଣି। କୃଷକ ନେତା ରାକେଶ ଟିକାୟତ ଏବେ ପଶ୍ଚିମବଙ୍ଗରେ ବିଜେପିକୁ ହରାଇବା ପାଇଁ ସଭା ସମିତିରେ ଯୋଗ ଦେଇ ଲୋକଙ୍କୁ ଉଦବୋଧନ ଦେଉଛନ୍ତି ଓ ପଶ୍ଚିମବଙ୍ଗର ଜନତା ମମତା ବାନାର୍ଜୀଙ୍କୁ ଭୋଟ ଦେବାକୁ ନିବେଦନ କରୁଛନ୍ତି। କୃଷକ ନେତାଙ୍କର ଏଭଳି ଦୋମୁହାଁ କାର୍ଯ୍ୟ ପାଇଁ କୃଷକ ଆନ୍ଦୋଳନକୁ ସମର୍ଥନ କରି ଆସୁଥିବା ବାମଦଳ ମାନେ ମଧ ଅସନ୍ତୋଷ ପ୍ରକାଶ କଲେଣି। କାରଣ ହେଉଛି କୃଷକ ଆନ୍ଦୋଳନକୁ ଅଧିକ ତୀବ୍ର କରିବାରେ ପ୍ରଚ୍ଛଦପଟ୍ଟରେ ସେମାନଙ୍କ ହାତ ଥିଲା। ଯେଉଁ ମମତା ସରକାର ପଶ୍ଚିମବଙ୍ଗରେ ସଂକୀର୍ଣ୍ଣ ରାଜନୈତିକ ମନୋଭାବ କାରଣରୁ ରାଜ୍ୟର କୃଷକମାନଙ୍କୁ କୃଷକ ସମ୍ମାନ ନିଧିରୁ ବଞ୍ଚିତ କରିଛନ୍ତି ତାଙ୍କ ସପକ୍ଷରେ କୃଷକ ନେତା ରାକେଶ ଟିକାୟତ ପ୍ରଚାର କରୁଛନ୍ତି କେମିତି ତାହା ବୁଝାପଡୁନାହିଁ। ଏଥିରୁ ଗୋଟିଏ କଥା ସ୍ୱଷ୍ଟ ଯେ, କୃଷକ ନେତାମାନେ କୃଷକଙ୍କ ସ୍ୱାର୍ଥକୁ ପଛ କରି ରାଜନୀତିକୁ ଆଗରେ ରଖିଛନ୍ତି। ରାକେଶ ଟିକାୟତଙ୍କ ଭଳି ନେତା ସରକାରଙ୍କ କୃଷି ନୀତିକୁ ବିରୋଧ କରୁଛନ୍ତି ଯେଉଁ କୃଷି ନୀତି ଅନୁସାରେ ସରକାର କ୍ରୟ କରୁଥିବା ଖାଦ୍ୟ ଶସ୍ୟର ଅର୍ଥ ସିଧାସଳଖ କୃଷକଙ୍କ ଆକାଉଣ୍ଟକୁ ଯିବ। କାହିଁକି କୃଷକ ନେତାମାନେ ଏହାକୁ ଗ୍ରହଣ କରିପାରୁନାହାଁନ୍ତି। ଆଶ୍ଚର୍ଯ୍ୟର କଥା ଯେ, ପାବ ସରକାର ମଧ ଏହି ବ୍ୟବସ୍ଥାକୁ ବିରୋଧ କରୁଛନ୍ତି। ବ୍ରିଟିଶ ଶାସନ କାଳରେ ୧୯୧୭ମସିହାରେ ଆନ୍ଦୋଳନର ସଂସ୍କୃତି ଆରମ୍ଭ ହୋଇଥିଲା। କିନ୍ତୁ ସ୍ୱାଧୀନତା ଆନ୍ଦୋଳନ ବେଳେ ଯାହା କରାଯାଉଥିଲା ତାହା ଆଜି ପ୍ରାସଙ୍ଗିକ ନୁହେଁ। କିଛି ବର୍ଷ ହେବ ବିରୋଧ ପ୍ରଦର୍ଶନରେ ନକାରାତ୍ମକତା ବଢିଛି। ଗତବର୍ଷ ଶାହାନବାଗ ଠାରେ ସିଏଏ ବିରୋଧରେ ୧୦୧ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିଥିଲା। ଆନ୍ଦୋଳନକାରୀମାନେ ରାସ୍ତାଘାଟ ସବୁ ଜାମ୍ କରିଦେଇଥିଲେ। ଏବେ କୃଷକ ଆନ୍ଦୋଳନ ଚାଲିଛି। ଆନ୍ଦୋଳନ ନାମରେ ହରିଆଣାର ଟୋଲ ପ୍ଲାଜାକୁ ଜବରଦସ୍ତ ଫ୍ରି କରାଇବା, ପାବରେ ହଜାର ହଜାର ମୋବାଇଲ ଟାୱାର ଭାଙ୍ଗିବା ଘଟଣାକୁ କ'ଣ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ବୋଲି କୁହାଯାଇପାରିବ? ବାବା ସାହେବ ଡକ୍ଟର ଭୀମାରାଓ ଆମ୍ବେଦକର ୧୯୪୯ ମସିହା ନଭେମ୍ବର ୨୫ତାରିଖରେ ସମ୍ବିଧାନ ସଭାରେ ଭାଷଣ ଦେଇ। ଗ୍ରାମର ଅଫ୍ ଏନାର୍କି କଥା କହିଥିଲେ। ସେ ଗଣତନ୍ତ୍ରରେ ଅରାଜକତା ଭଳି ଭାଷା ପାଇଁ ଦେଶ ସାବଧାନ ରହିବା ପାଇଁ ପରାମର୍ଶ ଦେଇଥିଲେ। ସରକାର କୃଷକ ନେତାମାନଙ୍କୁ ଅନେକବାର ଆଲୋଚନାକୁ ଡାକିଛନ୍ତି। କିନ୍ତୁ ଆଲୋଚନା ବିଫଳ ହୋଇଛି। ତଥ୍ୟ ଅନୁସାରେ କୃଷକ ଆନ୍ଦୋଳନ କାରଣରୁ ପ୍ରତିଦିନ ପାଖାପାଖି ଦିଲ୍ଲୀରେ ହେବାକୁ ଥିବା କୋଟି କୋଟି ଟଙ୍କାର ବ୍ୟବସାୟ ପ୍ରଭାବିତ ହେଉଛି। ଏହାଦ୍ୱାରା ଲୋକଙ୍କର ରୋଜଗାର ମଧ ପ୍ରଭାବିତ ହେଉଛି। ଏସବୁ କଥାକୁ ଗୁରୁତ୍ୱ ନଦେଇ କୃଷକ ନେତା ରାକେଶ ଟିକାୟତ ଏବେ ବିଭିନ୍ନ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନର ପ୍ରଚାର କରିବା ଆରମ୍ଭ କରିଛନ୍ତି। ଏହାକୁ ଦେଖିଲେ ଗଣତନ୍ତ୍ର କଥା କହୁଥିବା ଲୋକଙ୍କର ବିକୃତ ଚେହେରା ସାମ୍ନାକୁ ଆସୁଛି। ରାକେଶ ଟିକାୟତଙ୍କ ନିର୍ବାଚନ ପ୍ରଚାରରୁ ଆଉ ଗୋଟିଏ କଥା ଏବେ ସ୍ୱଷ୍ଟ ହେବାକୁ ବସିଲାଣି ଯେ ଏବେ କୃଷକ ଆନ୍ଦୋଳନ ଟିକାୟତ ବନାମ ମୋଦୀ ରେ ପରିଣତ ହୋଇଛି। କୃଷକ ଆନ୍ଦୋଳନକୁ ସିଧାସଳଖ ରାଜନୀତିକରଣ କରିବା ଦ୍ୱାରା କୃଷକମାନେ କେତେ ଲାଭବାନ ହେବେ, ସେ କଥା ସମୟ କହିବ କିନ୍ତୁ ରାକେଶ ଟିକାୟତ ଏବେ କୃଷକ ନେତାରୁ ରାଜନେତା ପାଲଟିଯାଇଛନ୍ତି।

+ରାମଚନ୍ଦ୍ରପୁର, ରଣପୁର
୯୪୩୮୪୮୫୦୯୪

## ବିକାଶ ଅପେକ୍ଷାରେ ମୟୂରଭଂଜ ଜନଜୀବନ

ଶ୍ରୀକୃଷ୍ଣ ସାମଲ

୧୯୪୮ ମସିହା ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ମୟୂରଭଂଜ ଏକ ସ୍ୱତନ୍ତ୍ର ରାଜ୍ୟ ଥିଲା । ୧୯୪୮ ମସିହା ନଭେମ୍ବର ୯ ତାରିଖ ଦିନ ଭାରତ ସରକାର ଏହାର ଶାସନ ଭାର ନିଜ ଅଧିନକୁ ନେଲେ । ୧୯୪୯ ମସିହା ଜାନୁଆରୀ ୧ ଦିନ ଏହାର ଶାସନ ଭାରକୁ ଓଡିଶା ସରକାରଙ୍କୁ ହସ୍ତାନ୍ତର କଲେ । ସେତେବେଳେ ଜନମତ ସଜାଗ ନ ଥିଲା କି ଅଜ୍ଞ ଥିଲା କହି ହେବ ନାହିଁ । ଯାହାହେଉ ମୟୂରଭଂଜ ଏକ ସ୍ୱତନ୍ତ୍ର ରାଜ୍ୟ କିମ୍ବା କେନ୍ଦ୍ର ଶାସିତ ଅଞ୍ଚଳର ମାନ୍ୟତା ନ ପାଇ ସ୍ୱତନ୍ତ୍ର ଜିଲ୍ଲା ଭାବେ ଓଡିଶା ସରକାରଙ୍କ ସହିତ ମିଶିଗଲା ପରେ ସେହି ଦିନ ପାଖରୁ ତାର ଜନସାଧାରଣ ବିକାଶ ଅପେକ୍ଷାରେ ଅନାଇ ବସିଛନ୍ତି । ଅତୀବ ଦୁଃଖର ବିଷୟ ଦୀର୍ଘ ୭୦ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ମଧ ଉଭୟ କେନ୍ଦ୍ର ସରାକର କିମ୍ବା ରାଜ୍ୟ ସରକାର ମୟୂରଭଂଜର ବିକାଶ ପ୍ରତି ଦୃଷ୍ଟି ଦେଇ ନାହାନ୍ତି । ସବୁବେଳେ ଆଖିବୁଜି ଦେଇଛନ୍ତି । ଯହାର ସ୍ୱଷ୍ଟ ଚିତ୍ର ନିମ୍ନରେ ପ୍ରଦତ୍ତ ହେଲା । ତତ୍‌କାଳୀନ ମୟୂରଭଂଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜଦେଓ ବି.ଏନ୍.ଆର କମ୍ପାନୀ ସହିତ ଚୁକ୍ତିଗତ ହୋଇ ରୁପ୍‌ସାଠାରୁ ତାଳବନ୍ଧ ପର୍ଯ୍ୟନ୍ତ ଅଣଓସାରିଆ ରେଳପଥର ସମ୍ପ୍ରସାରଣ କରାଇଥିଲେ । ଉଦ୍ଦେଶ୍ୟ ଶିମିଳିପାଳ ଅଭୟାରଣ୍ୟର ଅରଣ୍ୟ ସୁଷମା ପର୍ଯ୍ୟଟକମାନେ ଉପଭୋଗ କରିବେ ଓ ଜଙ୍ଗଲ ସମ୍ପଦର ରପ୍ତାନି ହେବ । ଯାହାହେଉ ରାଜତନ୍ତ୍ରର ବିଲୋପ ହେବା ପରେ ସରକାର ଏହି ରେଳ ପଥରେ କାମଖିଆଲି ଭାବେ ରେଳ ଚଳାଚଳର ବ୍ୟବସ୍ଥା କଲେ । ପରେ ଏହି ରେଳ ପଥରେ ରେଳ ଚଳାଚଳ ବନ୍ଦ କରି ଦିଆଗଲା ଓ ବାଙ୍ଗିରୀପୋଷିରୁ ତାଳବନ୍ଧ ପର୍ଯ୍ୟନ୍ତ ରେଳ ପଥକୁ ଅପସାରଣ କରି ନିଆଗଲା । ବହୁ ଆନ୍ଦୋଳନ ଓ ଜନଜାଗରଣ ଫଳରେ ଏହି ପଥକୁ ଓସାରିଆ କରାଯାଇ ରେଳ ଚଳାଚଳର ବନ୍ଦୋବସ୍ତ କରାଗଲା । ହେଲେ ଏହା ବାଙ୍ଗିରିପୋଷି ପର୍ଯ୍ୟନ୍ତ ସୀମିତ ରହିଲା ଓ ତାଳବନ୍ଧ ପର୍ଯ୍ୟନ୍ତ ପୁନଃ ସମ୍ପ୍ରସାରଣ କରାଗଲା ନାହିଁ । ଅନୁରୂପ ଭାବେ ସେହି ମୟୂରଭଂଜ ରାଜା ରାମଚନ୍ଦ୍ର ଭଂଜ ଟାଟା କମ୍ପାନୀ ସହିତ ଚୁକ୍ତିଗତ ହୋଇ ଗୋରୁମହିଷାଣି, ସୁଲେଇପାଟ, ବାଦାମପାହାଡଠାରେ ଲୁହାଖଣି ପ୍ରତିଷ୍ଠା କରାଇ ଟାଟା ନଗରରୁ ବାଦାମପାହାଡ ପାର୍ଯ୍ୟନ୍ତ ରେଳପଥ ସମ୍ପ୍ରସାରଣ କରାଇଥିଲେ । ଉଦ୍ଦେଶ୍ୟ ଥିଲା ଲୁହା ପଥରର ରପ୍ତାନି, ବନଜାତ ଦ୍ରବ୍ୟର ରପ୍ତାନି ତଥା ସ୍ଥାନୀୟ ଜନସାଧାରଣଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟ ବାଣିଜ୍ୟର ସୁବିଧା ପାଇଁ ରେଳ ଚଳାଚଳର ବ୍ୟବସ୍ଥା । ହେଲେ ଇତି ମଧ୍ୟରେ ଅନେକ ସରକାର ଆସିଛନ୍ତି ଯାଇଛନ୍ତି । କିନ୍ତୁ ଏଯାବତ୍ ମୟୂରଭଂଜର ଇଞ୍ଚେ ହେଲେ ରେଳପଥର ସମ୍ପ୍ରସାରଣ ହୋଇନାହିଁ । ବୁଢାମରାରୁ ଚକୁଳିଆ, ବାଙ୍ଗିରିପୋଷିରୁ ଗୋରୁମହିଷାଣି, ବାଦାମପାହାଡରୁ କେନ୍ଦୁଝର ରେଳପଥର ସମ୍ପ୍ରସାରଣ ପାଇଁ ପ୍ରବଳ ଜନ ଆନ୍ଦୋଳନ ହେଉଥିଲେ ମଧ ଏ ବର୍ଷ ରେଳ ବଜେଟରେ ଏଥିପାଇଁ ଏକ ହଜାର ଟଙ୍କା ମାତ୍ର ବ୍ୟୟ ବରାଦର ପ୍ରସ୍ତାବ ଅତ୍ୟନ୍ତ ହାସ୍ୟାସ୍ପଦ କଥା । ଏଥିରୁ ଅନୁମେୟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଏହି ଜିଲ୍ଲାପ୍ରତି ବିକାଶର ଧାରା କିପରି ? ଏବେ ସଡକ ପଥ କଥା ବିଗ୍ଚର କରିବା । ତତ୍‌କାଳୀନ ମୟୂରଭଂଜ ମହାରାଜାମାନେ ବାଙ୍ଗିରିପୋଷି ଦ୍ୱାରଶୁଣୀ ଘାଟୀକୁ ଚିରି ସଡକପଥ ନିର୍ମାଣ କରିଥିଲେ । ତା'ପରେ ଜାତୀୟ ରାଜପଥ ନଂ ୪୯ ସେହି ବାଟ ଦେଇ ଲମ୍ବି ଯାଇଛି । ଅତ୍ୟନ୍ତ ଲୋମହର୍ଷଣକାରୀ ଦୁର୍ଘଟଣାମାନ ଘଟି ରକ୍ତରିତ ହୋଇ ପଡୁଛି ଦ୍ୱାରଶୁଣୀ ଘାଟୀ । ପ୍ରତ୍ୟେକ ଦିନ ଅନେକ ଧନ ଜୀବନ ନଷ୍ଟ ହେଉଛି । ମୂଲ୍ୟବାନ ଜୀବନ ଓ ମୂଲ୍ୟବାନ ମଟର ଯାନ ସବୁ ଚୂରମାର ହୋଇ ଯାଉଛି । ତଥାପି ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କର ପଦକ୍ଷେପ ଶୂନ । ଆଉ କେତେ ଧନ ଜୀବନ ନଷ୍ଟ ହେଲେ ଏହାର ପଦକ୍ଷେପ ନିଆଯିବ, ଏଥପାଇଁ ମୟୂରଭଂଜ ଜନଜୀବନ ଦୀର୍ଘ ନିଃଶ୍ୱାସ ପକାଉଛି । ତତ୍‌କାଳୀନ ମୟୂରଭଂଜ ମହାରାଜା ରାମଚନ୍ଦ୍ର ଭଂଜ ମୟୂରଭଂଜ ରାଜ୍ୟରୁ ଆକାଶ ପଥରେ ଉଡାଜାହାଜ ଚଳପ୍ରଚଳ ପାଇଁ ରାସଗୋବିନ୍ଦପୁର ଓ ରାଇରଙ୍ଗପୁରଠାରେ ଦୁଇଟି ଏୟାର୍ ଷ୍ଟ୍ରିପ୍ ନିର୍ମାଣ କରିଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ଓଡିଶା ସରକାରଙ୍କୁ ଏକ ଟଙ୍କା ବିନିମୟରେ ବିକ୍ରୟ କରିଥିବା ବହୁ ମୂଲ୍ୟମାନ ମହାରାଜାଙ୍କର ଉଡାଜାହାଜଟି ଖତ ଖାଉଛି । କ୍ଷୋଭର ବିଷୟ ଏହି ଏୟାର୍ ଷ୍ଟ୍ରିପ୍ ମାନଙ୍କରୁ ପୁନଃ ଉଡାଜାହାଜ ଚଳପ୍ରଚଳ ପାଇଁ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଆଖି ବୁଜି ଦେଇଥିଲେ । ହେଲେ ଏ ବର୍ଷ ରାଜଗୋବିନ୍ଦପୁର ଉଡାଜାହାଜ ଘାଟୀରୁ ଉଡାଜାହାଜ ଚଳପ୍ରଚଳର ହେବାର ବ୍ୟବସ୍ଥା ହୋଇଥିଲେ ମଧ ରାଇରଙ୍ଗପୁର ଉଡାଜାହାଜ ଘାଟୀରୁ କେବେ ଉଡାଜାହାଜ ଉଡାଣ କରିବ ଏଥିପାଇଁ ମୟୂରଭଂଜର ଜନଜୀବନ ଉତ୍କଣ୍ଠାର ସହିତ ଚାହିଁ ରହିଛି ।

ତତ୍‌କାଳୀନ ମୟୂରଭଂଜ ମହାରାଜା ବୈଦ୍ୟନାଥ ଭଂଜଙ୍କ ଦ୍ୱାରା ସୁରମ୍ୟ ଜଗନ୍ନାଥ ମନ୍ଦିର ଓ କ୍ଷେତ୍ର ଦ୍ୱିତୀୟ ଶ୍ରୀକ୍ଷେତ୍ରର ପୌରାଣିକ ମାନ୍ୟତା ହାସଲ କରିଛି । ତଥାପି ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଏହି ମନ୍ଦିରର ରକ୍ଷଣାବେକ୍ଷଣ ଓ ଏହି କ୍ଷେତ୍ରକୁ ଦ୍ୱିତୀୟ ଶ୍ରୀକ୍ଷେତ୍ରର ମାନ୍ୟତା ଦେବାକୁ ମନ ବଳାଇ ନାହାନ୍ତି । ଏଠାକାର ଜନସାଧାରଣ ଓ ସେବାୟତ ମାନଙ୍କ ଆନ୍ଦୋଳନ ଫଳରେ ଓଡିଶା ସରକାର କିଛି ଅନୁଦାନ ଯୋଗାଇ ଦେଇଛନ୍ତି । ଯାହା ସମୁଦ୍ରକୁ ଶଙ୍ଖେ ପାଣି । ଏଥିରେ ମନ୍ଦିରର ଉନ୍ନତି ଓ କ୍ଷେତ୍ରର ଉନ୍ନତି ଆଦୌ ସମ୍ଭବପର ନୁହେଁ ।

ଅନୁରୂପ ଭାବେ ମୟୂରଭଂଜର ଅଧିଷ୍ଠାତ୍ରୀ ଦେବୀ ମା' କୀଚକେଶ୍ୱରୀ ପୀଠ ଚିର ଅବହେଳିତ ହୋଇ ପଡିଛି । ପୌରାଣିକ ସତ୍ୟତା ବହନ କରଥିବା ମା' କୀଚକେଶ୍ୱରୀଙ୍କ ମନ୍ଦିରର ପୁଃନ ଉଦ୍ଧାର ମୟୂରଭଂଜର ଶେଷ ମହାରାଜା ପ୍ରତାପ ଚନ୍ଦ୍ର ଭଦେଓ କରିଥିଲେ । ସେବେଠୁ ଏହାର ରକ୍ଷାଣବେକ୍ଷଣ ଓ ପୁନଃଦ୍ଧାର କାର୍ଯ୍ୟ ଆଦୌ ହୋଇପାରି ନାହିଁ । କେବଳ ଏହାର ଚ୍ଚରିପଟେ ପାଚେରୀ ଦିଆଯାଇ କିଛି ବୃକ୍ଷରୋପଣ କରାଯାଇଛି ମାତ୍ର । ପୌରାଣିକ ସତ୍ୟତା ବହନ କରିଥିବା ଏହି କ୍ଷେତ୍ରରେ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗର ଶାଖା କାର୍ଯ୍ୟାଳୟଟିଏ ଅଛି । ମନ୍ଦିର ପରିବେଶରେ ଥିବା ମ୍ୟୁଜିୟମରେ ପୌରାଣିକ ଯୁଗର ଅନେକ ସାମଗ୍ରୀ ଗଚ୍ଛିତ ହୋଇ ରହିଛି । ହେଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଚରମ ଉଦାସୀନତା ପାଇଁ ଏହି ମ୍ୟୁଜିୟମ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଗଲାଣି । ଏଣୁ ମୟୂରଭଂଜ ଜନଜୀବନ ଏହି କ୍ଷେତ୍ରର ପୁନଃଦ୍ଧାର କରି ଏହାକୁ ଆର୍ନ୍ତଜାତୀୟ ପର୍ଯ୍ୟସ୍ଥନ ସ୍ଥଳୀର ମାନ୍ୟତା ଦାବି କରେ । ଏବେ ଆସିବା ପୃଥିବୀର ବୃହତ ଜୈବମଣ୍ଡଳ ଶିମିଳିପାଳକୁ । ଏଠାରେ ପ୍ରବଳ ଅଗ୍ନିକାଣ୍ଡ ଘଟି ଶ୍ରୀହୀନ ହୋଇପଡିଛି ଏହି ଜୈବମଣ୍ଡଳ । ଯଦିଓ ଏହା ଜାତୀୟ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଛି, ଏହାର ଆଧୁନିକୀକରଣ ପାଇଁ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟସରକାର ଆଖି ବୁଜି ଦେଇଛନ୍ତି । କାରଣ ପର୍ଯ୍ୟଟକମାନେ ଏହି ଜୈବମଣ୍ଡଳକୁ ଆସି ଚରମ ଅବହେଳାର ସମ୍ମୁଖୀନ ହୋଇ ଆନନ୍ଦ ବଦଳରେ ବିଷାଦ ନେଇ ଫେରୁଛନ୍ତି । ଏଣୁ ଏହାକୁ ଆର୍ନ୍ତଜାତୀୟ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ପାଇଁ ମୟୂରଭଂଜ ଜନଜୀବନ ଦାବୀ କରେ । ବାଉଁଶ, ସବାଇ ଘାସ ଓ ରେଶମ ଚ୍ଚଷ ଏହି ଜିଲ୍ଲାର ଅଧିବାସୀଙ୍କ ମୁଖ୍ୟ ଅର୍ଥ ଉପାର୍ଜନର ଉତ୍ସ । ହେଲେ ଏହା ଉପରେ ଆଦୌ ଦୃଷ୍ଟି ଦିଆଯାଇ ନାହିଁ । ଏହାକୁ ପ୍ରୋସେସିଂ କରି ଜିଲ୍ଲାର ଶିଳ୍ପବାଣିଜ୍ୟର ଉନ୍ନତି କରାଯାଇ ପାରିବ । ବେକାର ସମସ୍ୟା ଦୂର ହେବ । ହେଲେ ଏଥିପ୍ରତି କେହି ଦୃଷ୍ଟି ଦିଅନ୍ତି ନାହିଁ । ନା ରାଜ୍ୟ ସରକାର ନା କେନ୍ଦ୍ର ସରକାର । ଅନୁରୂପ ଭାବେ ଶାଳ ପତ୍ର, କେନ୍ଦୁ ପତ୍ର, ମହୁଲ ଓ କଡା ଏହି ଜିଲ୍ଲାରେ ପ୍ରଚୁର ଭାବେ ଆମଦାନି ହୁଏ ।

(କ୍ରମଶଃ)

+ଶ୍ରୀକୃଷ୍ଣ ନିବାସ
କରଂଜିଆ, ମୟୂରଭଂଜ
ମୋ-୯୪୩୭୩୨୦୬୭୯

## କବିତା କୋଣାର୍କ

### ବେଦୀ..

ମୋହନ ଚରଣ ବିଷି

କଂଚା ମାଟିର ପରସ୍ତରେ
ଗୋବର ଲିପା
ଚଉଦିକେ ଚଉଠା
ବାଉଁଶର ଖୁଣ୍ଟି ପୋତା
ଖୁଣ୍ଟି କୁ ଖୁଣ୍ଟିରେ
ବେଏଁଟରେ ରେ ଯୋଖା
ଚଉଠା ଖୁଣ୍ଟିରେ ଉପରେ
ଚଉଠା ରଖା
ରଖା ଉପରେ ସଜା
ହେଇଛି ଚାରୋଟି ଦିଆ
ଦିଆରେ ଜଡାତେଲ ସଳିତା
ଜାଳିବାକୁ ନିଆଁ
ନିଆଁ ଯେ ସାକ୍ଷୀ
ଅନନ୍ତ କାଳରୁ ଆବର୍ତ୍ତମାନ
ପରିଧି ଅତିକ୍ରମ କଲେ
ଜାଳିଦିଏ ବର୍ତ୍ତମାନ
ବରକନ୍ୟା ବସିଲେ
ବେଦୀ କୃତ୍ୟକୃତ୍ୟ ହୁଏ
ବରକନ୍ୟା ପରିକ୍ରମା କଲେ
ବେଦୀ ସାର୍ଥକ ହୁଏ
ଲଜ୍ଜା ହୋମରେ ନୂଆଁବୋହୂର
ମୁହଁ ଉଜ୍ଜ୍ୱଳ
ଲଜ୍ଜା ହୋମରେ ବେଦୀର
ମୁହଁ ବି ଝଲଝଲ
ବେଦୀ ଉପରେ
କେନ୍ଦୁଡାଳ ଶୋଭାପାଏ
ବରକନ୍ୟା ମୁଣ୍ଡରେ
ମୁକୁଟ ଶୋଭାପାଏ
ବେଦୀରେ ଆରମ୍ଭ ହୁଏ
ହଳଦୀ ଗନସନ
ବରକନ୍ୟାର ମଧ ହୁଏ
ହଳଦୀ ଗନସନ
ବେଦୀ ବି ସମସ୍ତଙ୍କ
ଛୁଆଁରେ ଲାଜେଇ ଯାଏ
ବରକନ୍ୟା ବି ସମସ୍ତଙ୍କ
ଛୁଆଁରେ ଲାଜେଇ ଯାଏ
ବାହା ସରିଲେ ବେଦୀ
ମୁହଁ ପୋଡି ବସେ
ବାହା ସରିଲେ ବରକନ୍ୟା
ମୁହଁ ଖୋଲି ହସେ ।

+ଗଡରାମାଲ, କୋକସରା,
କଳାହାଣ୍ଡି,
ମୋ-୯୭୭୭୪୬୮୮୪୧

## କବିତା କୋଣାର୍କ

### ଏମିତି ମାରିଦବ...

ଦୁଷ୍ମନ୍ତ ବେହେରା



ମୋତେ କଣ ଏମିତି ମାରିଦବ ମୁଁ
ପରା ତୁମ ପ୍ରେମକୁ ଅପେକ୍ଷା କରିଛି
ପ୍ରେମ ସ୍ୱାଦ ଜାଣିବା ଆଗରୁ ଏମିତି
କେମିତି ମାରି ଦଉଛ ତୁମେ ।

ଆଖିଦୁଇଟି ଅପେକ୍ଷା କରିଛି ଦେଖିବ
ତୁମ ଚେହେରା ଛଳନା ନା ସ୍ୱାର୍ଥପର
ଏତିକି ଦେଖିବାକୁ ଦିଅ ତା ପରେ
ତମେ ମାରି ଦେବ ମୋତେ ।

ଆଉ କଣ ଦେଖାଇବ ମୋତେ ଜେ
ମୁଁ ଦେଖିବି ତୁମକୁ ଯାର ମନ
ଅପେକ୍ଷା ହୃଦୟଟା ମଳିନକେ
ଜାଣେ ଦେହରେ ଥିବ ଦାଗ ।

ମେକପ ମାରୁଥିବା ମୁହଁ ଅନେକ
ମିଥ୍ୟା କହିଥାଏ ମୁଁ ତୁମର ନୁହଁ
ଆଉ ଏ ପ୍ରେମ ଛଳେଇ ଆଉ
କାହାର ହେଇ ସାରିଛି ।

ମୁଁ ତୁମ ପ୍ରେମ ଅପେକ୍ଷା ରେ ଏଠି
ମରୁଛି ଛଳନା କରିଲ ଜଦି ମୋ
ସହିତ କରିଥାନ୍ତ କିନ୍ତୁ ମୋ ବିଶ୍ୱାସ
ସହିତ କରିଲ ଏତିକି ବାଧିଲା ।

+ରାସୋଳ, ମୁଣ୍ଡିଆପୋଷି
ଢେଙ୍କାନାଳ
ମୋ ନଂ -୯୯୩୭୬୫୨୫୦୪

### ନାରୀ..

ଅଶୋକ କୁମାର ପ୍ରଧାନ

ସେତ ଏମିତି ଏକ ଶକ୍ତିଟିଏ
ଯାହା ବିନା ଅଧୁରା ହୁଏ
ସୃଷ୍ଟି,ସ୍ରଷ୍ଟା ଆଉ ସର୍ଜନାର ସବୁ ଦିଗ।

ଏଠି ସବୁକିଛି ତା ପାଇଁ ସମ୍ଭବ
ମାଟି ତା ମମତାର ମୋହରେ
ପଡି ମହିୟସୀ ର ରୂପ ନିଏ
ସବୁ ତା ଯାଦୁକରୀ ହାତର ସୃଷ୍ଟି
ତା ମହନୀୟତାରେ ଏ
ସୃଷ୍ଟି ସୌନ୍ଦର୍ଯ୍ୟ ମୟ
ତା ବିନା ପୁରୁଷର
ପରିଚୟ କୋଉଠି।

ସେ'ତ ଗଢିପାରେ ପୁରୁଷ,
ନାରୀ ସବୁକିଛି
ଆବାଳ ବୃଦ୍ଧ ବନିତା ସୃଷ୍ଟି
ତା ଦୟାର ଆଞ୍ଜୁଳାରୁ
ଗଢଣର ଅମୋଘ କଳାର
ସେ ସୁଦକ୍ଷ ବିନ୍ଧାଣୀ
ଧରେ ନାହିଁ ଗଢଣ ପଦାର୍ଥ
ଶୂନ୍ୟ ହସ୍ତେ ଗଢିପାରେ ସବୁ।

ସବୁକିଛି ତା ପାଖରେ ଠୁଳ
ସେ କେତେବେଳେ ଶକ୍ତିଭରା ତ
କେତେବେଳେ ମମତାର
ଅନନ୍ତ ସାଗର
ଆଉ କେତେବେଳେ ଦୁର୍ଗା,କାଳୀ
ଆଉ ଶକ୍ତି ସ୍ୱରୂପା
ରୂପ ନିଏ ଧୋଇବାକୁ
ଧରିତ୍ରୀର ଦୁଃଖ
ଧର୍ମ ହାତେ ଦେବାକୁ
ସେ ଅତୀତ ହିସାବ।

ହେଲେ ସେ ଆଜି କ'ଣ
ସତରେ ଦୁର୍ବଳ
ସତରେ ଚାରିକାନ୍ଥର
ଇଟା ବାଲି ଗୋଡି ମିଶା
କଂକ୍ରିଟ ହୃଦୟ ମାନେ
ତା ପଲ୍ଲବିତ ହୃଦୟକୁ ଏମିତି
କଂକ୍ରିଟର ଖୋଳପା ପିନ୍ଧେଇ ପାରିବେ
ପୁରୁଷତ୍ୱ ପଣିଆକୁ
ଜାହିର କରିବାକୁ ଯାଇ
କିମ୍ବା ଅଦୃଶ୍ୟ ଲୋଲୁପ ପଣିଆକୁ
ଚିର ସହଚର କରି
ତାକୁ ନ୍ୟାୟର କାଠଗଡ଼ାରେ
ବନ୍ଧା ପକେଇ
ତାକୁ ଶକ୍ତିହୀନ କରିପାରିବେ
କେବେ.........?

ଫେରିଆସ ସେ ଅହଂତ୍ୱ
ସେଇଠି ବଳିଦେଇ
ମିଶିଯିବା ଏକ ଏକାକାର ହୋଇ
ଯେଉଁଠି ବଳି ପଡିଥିବ ତୁମେ ଆଉ ମୁଁ
ତୁମର ଆଉ ଆମର
ତୋର ମୋର ଭାବନା
ଥିବ କେବଳ ସେଇ ଯିଏ ଏ ସୃଷ୍ଟିକୁ
ସମ୍ଭାଳି ରଖିଛି ତା'ର
ଅଦୃଶ୍ୟ ଭଲ ପାଇବାରେ
ନାରୀରୁ ନାରାୟଣୀ ରୂପ ନେଇ।

+ ଶିକ୍ଷକ, ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦

## କ୍ରିକେଟ୍ ଖେଳୁଛନ୍ତି ତାପସୀ



ତେଲୁଗୁ ଚଳଚ୍ଚିତ୍ର ଜଗତରୁ କ୍ୟାରିୟର୍ ଆରମ୍ଭ କରିଥିବା ନାୟିକା ତାପସୀ ପନ୍ନୁ ଏବେ କ୍ରିକେଟ୍ ଅଭ୍ୟାସ କରୁଛନ୍ତି । ପୂର୍ବରୁ ଆଥଲେଟିକ୍ 'ରଶ୍ମି ରକେଟ୍' ଚଳଚ୍ଚିତ୍ରରେ ଅଭିନୟ କରିବା ପାଇଁ ୪୦୦ ମିଟର୍ ଟ୍ରାକ୍‌ରେ ଦୌଡୁଥିବା ତାପସୀ ଏବେ 'ସାବାସ୍ ମିଟୁ' ଚଳଚ୍ଚିତ୍ର ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟିକା ମିତାଲି ରାଜ୍‌ଙ୍କ ଉପରେ ପ୍ରସ୍ତୁତ ହେବାକୁ ଥିବା ଏହି ଚଳଚ୍ଚିତ୍ରରେ ତାପସୀ ମିଟୁ ଭୂମିକାରେ ଅଭିନୟ କରିବେ । ଏନେଇ ସେ ପ୍ରତିଦିନ ମିତାଲିଙ୍କ ବ୍ୟାଟିଂ ଶୈଳୀକୁ ଅଭ୍ୟାସ କରୁଛନ୍ତି । ଏହାର ଫଟୋ ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ଘୁରିବୁଲୁଛି ।

## 'ଥଲାଇବି' ଟ୍ରେଲର ରିଲିଜ

ବହୁ ପ୍ରତିକ୍ଷୀତ ଫିଲ୍ମ 'ଥଲାଇବି'ର ଟ୍ରେଲର ରିଲିଜ ହୋଇସାରିଛି । ତାମିଲନାଡୁର ପପୁଲାର ସିଏମ୍ ସ୍ୱର୍ଗତ ଜୟଲଳିତାଙ୍କ ବାୟୋପିକ ଫିଲ୍ମ ଥଲାଇବିର ଟ୍ରେଲର ୨୩ ମାର୍ଚ୍ଚ ୨୦୨୧ରେ କଙ୍ଗନା ରାଣାଓ୍ୱତଙ୍କ ଜନ୍ମଦିନରେ ରିଲିଜ କରାଯାଇଛି । ଏହି ଅବସରରେ କଙ୍ଗନା ଉପସ୍ଥିତ ଥିଲେ ଏବଂ ତାଙ୍କ ସହିତ ଫିଲ୍ମର ଡାଇରେକ୍ଟର ବିଜୟ ଓ ପ୍ରଡ୍ୟୁସର ମଧ ନଜର ଆସିଥିଲେ ।

ଏହି ଟ୍ରେଲର ରିଲିଜ ହେବା ପରେ ସୋସିଆଲ ମିଡିଆରେ ଧୁମ୍ ମଚାଇଛି । ଫିଲ୍ମର ଟ୍ରେଲରରେ ପୁଣି କଙ୍ଗନା ରାଣାଓ୍ୱତଙ୍କ ଦମଦାର ଅଭିନୟ ଦେଖିବାକୁ ମିଳିଛି । ରିଲିଜର ୩ ମିନିଟ ପରେ ଏହାକୁ ୬ ହଜାରରୁ ଅଧିକ ଭ୍ୟୁଜ୍ ମିଳିଛି । ଫିଲ୍ମ ଥଲାଇବି କଥା କହିବା ତ ଏହା ଲିଜେଣ୍ଡାରୀ ଅଭିନେତ୍ରୀ ତଥା ରାଜନେତା ଜୟଲଳିତାଙ୍କ ଜୀବନୀ ଉପରେ ଆଧାରିତ । ଜୟଲଳିତାଙ୍କ ଫିଲ୍ମରେ ସଂଘର୍ଷରୁ ସଫଳତା ପର୍ଯ୍ୟନ୍ତ ତଥା ଦେଶର ପ୍ରଭାବଶାଳୀ ରାଜନେତା ପାଲଟିବାର ଯାତ୍ରାକୁ ଏଥିରେ ଦର୍ଶାଯାଇଛି ।

ନିକଟରେ ଜୟଲଳିତାଙ୍କ ଜୟନ୍ତୀରେ ଫିଲ୍ମର ମେକର୍ସ ୩ ଭାଷାରେ ଫିଲ୍ମ ଥଲାଇବିକୁ ୨୩ ଏପ୍ରିଲରେ ରିଲିଜ କରିବା ନେଇ ଘୋଷଣା କରିଛନ୍ତି । କଙ୍ଗନା ନିକଟରେ କହିଥିଲେ ଯେ ସେ ଏହି ଫିଲ୍ମ ପାଇଁ ୨୦ କିଲୋ ଓଜନ ବଢାଇଥିଲେ । ପରେ ସେ ଏହାକୁ କମ୍ ମଧ କରିଥିଲେ । ଏହାକୁ ନେଇ ସେ ଫଟୋ ମଧ ସେୟାର କରିଥିଲେ ।




## ଦୁଇଥର କାଷ୍ଟିଂ କାଉଚ୍‌ର ଶିକାର ହୋଇଛନ୍ତି ଅଙ୍କିତା



ଟେଲିଭିଜନ ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ ନିଜ ସଂପର୍କରେ ଏକ ବଡ଼ ଘଟଣାର ଖୁଲାସା କରିଛନ୍ତି । ସେ ଗ୍ଲାମର ଇଣ୍ଡଷ୍ଟ୍ରିକୁ ଆସିବା ପରଠାରୁ ଦୁଇ ଥର କାଷ୍ଟିଂ କାଉଚ୍‌ର ଶିକାର ହୋଇଥିବା କଥା ନିକଟରେ ସ୍ୱୀକାର କରିଛନ୍ତି । ପ୍ରଥମ ଥର ପାଇଁ ତାଙ୍କୁ ୧୯-୨୦ ବର୍ଷ ହୋଇଥିବା ସମୟରେ ସେ କାଷ୍ଟିଂ କାଉଚ୍‌ର ଶିକାର ହୋଇଥିବା ବେଳେ ଦ୍ୱିତୀୟ ଥର ଇଣ୍ଡଷ୍ଟ୍ରିରେ ସଫଳତା ପାଇବା ପରେ ହିଁ ସେ ଏପରି ପରିସ୍ଥିତିର ସାମ୍ନା କରିଥିବା କହିଛନ୍ତି । ସେ ନିକଟରେ ଏକ ସାକ୍ଷାତ୍‌କାରରେ କହିଛନ୍ତି କି ପ୍ରଥମ ଘଟଣା ବେଳକୁ ସେ ଖୁବ୍ ସାନ ଥିଲେ । ଏକ ସାଉଥ୍ ଚଳଚ୍ଚିତ୍ରରେ ଅଭିନୟ କରିବା ପାଇଁ ପ୍ରଯୋଜକଙ୍କ ସହ ତାଙ୍କୁ ସାଲିସ୍ କରିବାକୁ କୁହାଯାଇଥିଲା । ମାତ୍ର ସେ ସାନ ଥିଲେ ବି ମୁହଁରେ ରୋକଠୋକ୍ ଜବାବ ଦେଇ ସେଠାରୁ ଫେରି ଆସିଥିଲେ । ପରେ ତାଙ୍କୁ ସେହି ଚଳଚ୍ଚିତ୍ରରେ ଅଭିନୟ କରିବାକୁ ଯେତେ ବୁଝା ଯାଇଥିଲେ ବି ସେ ଆଉ ମାନି ନଥିଲେ । ଦ୍ୱିତୀୟ ଥର ଜଣେ ବଡ଼ ଅଭିନେତାଙ୍କ ଦ୍ୱାରା କାଷ୍ଟିଂ କାଉଚ୍‌ର ଶିକାର ହୋଇଥିଲେ ଅଙ୍କିତା । ସେ କହିଛନ୍ତି କି 'ଏକ ଚଳଚ୍ଚିତ୍ରରେ ଅଭିନୟ କରିବା ନେଇ ମୁଁ ଅଭିନେତାଙ୍କୁ ଭେଟିଥିଲି । ସେ ଯେଉଁଭଳି ଭାବେ ମୋ ସହ ହାତ ମିଳାଇଥିଲେ ମୁଁ ସେଥିରୁ ତାଙ୍କର ଖରାପ ଉଦେଶ୍ୟ ବୁଝି ପାରିଥିଲି । ସେଠୁ ମଧ ମୁଁ ତୁରନ୍ତ ପଳାଇ ଆସିଥିଲି । ମୁଁ ସେ ବଡ଼ କଳାକାରଙ୍କ ନାମ ନେବାକୁ ଚାହୁଁନାହିଁ ।'

## ସୁଟିଂ ସେଟ୍‌ରେ ଖୋଲା ଦେହରେ କାମ କଲେ ବରୁଣ ଧୱନ: ଭିଡ଼ିଓ ଭାଇରାଲ

ବଲିଉଡ୍ ଅଭିନେତା ବରୁଣ ଧଓ୍ୱନ ଇଣ୍ଡଷ୍ଟ୍ରୀର ସେହି ଷ୍ଟାର ମାନଙ୍କ ମଧ୍ୟରୁ ଜଣେ ଯିଏ ନିଜର ଫିଟ୍ ?ନେସକୁ ନେଇ ଖୁବ୍ ସିରିୟସ୍ । ଜିମ୍ ହେଉବା ନହେଉ , ସେ ନିଜକୁ ଫିଟ୍ ରଖିବା ପାଇଁ କିଛି ନା କିଛି ବାହାନା ଖୋଜି ନିଅନ୍ତି । ବରୁଣ ଏହି ସମୟରେ ଅରୁଣାଚଳ ପ୍ରଦେଶରେ ଅଛନ୍ତି ଏବଂ ନିଜର ଅପକମିଙ୍ଗ୍ ଫିଲ୍ମ ଭେଡିଆର ସୁଟିଂ କରୁଛନ୍ତି । ସୁଟିଂ ଲୋକେସନରୁ ସେ ଏକ ଭିଡ଼ିଓ ଶେୟାର କରିଛନ୍ତି , ଯାହା କି ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି ।


ଭିଡ଼ିଓରେ ବରୁଣ ଧଓ୍ୱନ ଜଣେ ଯୁବକଙ୍କ ସହ ପାହାଡ଼ର ଚଢ଼ା ରାସ୍ତାରେ ରେସ୍ ଲଗାଇବାର ନଜର ଆସୁଛନ୍ତି । ବରୁଣ ବହୁତ ଶୀଘ୍ର ସେହି ଯୁବକଙ୍କୁ ଦୌଡ଼ରେ ପଛରେ ପକାଇ ଆଗେଇ ଚାଲିଛନ୍ତି । ଭିଡ଼ିଓର ଶେଷ କିଛି ଫ୍ରେମ୍ସରେ



ତାଙ୍କର ମସ୍କୁଲର ଫିଜିକ ନଜର ଆସୁଛି । ପାହାଡ଼ର ଥଣ୍ଡା ପାଗରେ ବରୁଣ ଧଓ୍ୱନ ଶାର୍ଟଲେସ୍ ହୋଇ ରନିଂ କରୁଛନ୍ତି ଏବଂ ସେ ସୁଜ୍ ଓ ସର୍ଟସ ପିନ୍ଧିଛନ୍ତି । ଗୋଟିଏ ଘଣ୍ଟାରେ ଉକ୍ତ ଭିଡ଼ିଓକୁ ୪ ଲକ୍ଷରୁ ଅଧିକ ଥର ଲାଇକ୍ କରାଯାଇଛି । ଆୟୁଷ୍ମାନ ଖୁରାନା ଓ ଭିକ୍କି କୌଶଲଙ୍କ ଭଳି ଅନେକ ସେଲେବ୍ରିଟିଜ୍ ମଧ ଏହି ଭିଡ଼ିଓକୁ ପସନ୍ଦ କରିଛନ୍ତି । ଭିଡ଼ିଓକୁ ସେୟାର କରି ବରୁଣ ଧଓ୍ୱାନ ଲେଖିଛନ୍ତି – ପୁଣି ରନିଂକୁ ଆସିଗଲି ।


## ଲିଭ୍-ଇନ୍‌ରେ ରହିବେ ପବିତ୍ରା ଓ ଏଜାଜ

'ବିଗ୍ ବସ୍-୧୪' ଘରେ ପବିତ୍ରା ପୁନିୟା ଓ ଏଜାଜ ଖାନ୍ ?ଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ବନ୍ଧୁତାର ସମ୍ପର୍କ ଏବେ ଆଉ ପାଦେ ଆଗକୁ ବଢ଼ିଛି । ଉଭୟ ଲିଭ୍-ଇନ୍ ରିଲେସନ୍‌ସିପ୍‌ରେ ରହିବାକୁ ଯାଉଛନ୍ତି । ପ୍ରଶଂସକ ମାନେ ଦୁହିଁଙ୍କୁ ଏକାଠି ଦେଖିବାକୁ ଖୁବ୍ ପସନ୍ଦ କରୁଛନ୍ତି । ଶୋ' ଶେଷ ହେବା ପରଠୁ ଉଭୟଙ୍କୁ ଅନେକ ସମୟରେ ଏକାଠି ଦେଖିବାକୁ ମିଳୁଛି । ଅନେକ ସାକ୍ଷାତକାରରେ ଏଜାଜ ସ୍ୱଷ୍ଟ କରିଛନ୍ତି ଯେ ସେ ପବିତ୍ରାଙ୍କୁ ବିବାହ କରିବାକୁ ଚାହୁଁଛନ୍ତି । କିନ୍ତୁ ବିବାହ କେବେ ହେବ, ସେ ନେଇ କିଛି ସ୍ୱଷ୍ଟ କରିନାହାନ୍ତି । ଏ ଦୁହେଁ ପରସ୍ପରକୁ ଖୁବ୍ ଭଲପାଉଛନ୍ତି । ପରସ୍ପରକୁ



ଭଲ ଭାବେ ଜାଣିବା ଓ ବୁଝିବା ପାଇଁ ଅଧିକ ସମୟ ବିତାଇବାକୁ ଚାହୁଁଛନ୍ତି । ସେଥିପାଇଁ ଏହି ନିଷ୍ପତ୍ତି ନେଇଛନ୍ତି । ଏକ ସାକ୍ଷାତକାରରେ ଏଜାଜ କହିଥିଲେ, ପବିତ୍ରାଙ୍କ ସହ ତାଙ୍କ ସମ୍ପର୍କକୁ ଆଉ ଏକ ସ୍ତରକୁ ନେଇଯିବାକୁ ସେ ଯୋଜନା କରୁଛନ୍ତି । ବିବାହ ନିଶ୍ଚୟ ହେବ, କିନ୍ତୁ ଏଥିପାଇଁ ବହୁତ କିଛି କରିବାକୁ ପଡ଼ିବ । ସବୁ ଯଦି ଠିକ୍ ରହେ, ତେବେ ଏହି ପ୍ରେମୀଯୁଗଳ ଏ ବର୍ଷ ଶେଷ ବେଳକୁ ବିବାହ ବନ୍ଧନରେ ଆବଦ୍ଧ ହେବେ । 'ବିଗ୍ ବସ୍-୧୪'ରେ ଯେତେବେଳେ ଦୁହେଁ ଏଣ୍ଟ୍ରି କଲେ, ଉଭୟଙ୍କ ମଧ୍ୟରେ ଖୁବ୍ ଝଗଡ଼ା ହେଉଥିଲା । ପବିତ୍ରାଙ୍କୁ ଏଜାଜ ଖାସ୍ ପସନ୍ଦ କରୁନଥିଲେ । କିନ୍ତୁ ପରେ ପରସ୍ପର ନିକଟତର ହେଲେ ଏବଂ କ୍ରମେ ତାହା ପ୍ରେମରେ ରୂପାନ୍ତରିତ ହୋଇଗଲା । ବିଗ୍ ବସ୍ ଘରେ ଜାତୀୟ ଟେଲିଭିଜନ୍‌ରେ ଏଜାଜ ପବିତ୍ରାଙ୍କ ପାଇଁ ନିଜ ଭଲପାଇବା ସ୍ୱଷ୍ଟ କରିଥିଲେ । ପବିତ୍ରା ମଧ ତାଙ୍କ ତରଫରୁ ହଁ ଭରିଥିଲେ ।

## ଅମିରଙ୍କ ପରେ ଆର ମାଧବନ୍‌ଙ୍କୁ କରୋନା



ଗତକାଲି ଅଭିନେତା ଅମିର ଖାନ୍ କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା । କରୋନା ପଜିଟିଭ୍ ଜାଣିବା ପରେ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନଙ୍କୁ ସେମାନଙ୍କର କରୋନା ପରୀକ୍ଷା କରାଇ ନେବାକୁ ଅନୁରୋଧ କରିଥିଲେ ଅମିର ଖାନ୍‌ଙ୍କ ମୁଖପାତ୍ର । ତେବେ ଅମିରଙ୍କ ପରେ ଆଜି ଅଭିନେତା ଆର ମାଧବନ୍ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଆର ମାଧବନ୍ ସୋସିଆଲ ମିଡ଼ିଆରେ ଏକ ମଜାଳିଆ ଢ଼ଙ୍ଗରେ ଫିଲ୍ମ ୩ ଇଡିଅଟର ପୋଷ୍ଟର ଟୁଇଟ କରିଛନ୍ତି । ଯେଉଁଥିରେ ସେ ଅମିର ଖାନ୍‌ଙ୍କ ସହ ବସିଛନ୍ତି ।

ପୋଷ୍ଟର ସେୟାର କରି କ୍ୟାପସନରେ ଆର ମାଧବନ୍ ଲେଖିଛନ୍ତି ଯେ, 'ଶେଷରେ 'ଭାଇରସ' 'ରଞ୍ଚୋ' ପରେ 'ଫରହାନ୍'ଙ୍କୁ ଧରିଛି । ଆଉ ଏହା ଏମିତି ସ୍ଥାନ ଯେଉଁଠାରେ ସେ ଚାହୁଁନାହିଁ 'ରାଜୁ' ଆସୁ ।' ରଞ୍ଚୋକୁ ଅନୁସରଣ କରିବାକୁ ଫରହାନ ବାଧ୍ୟ । ଭାଇରସ ସବୁବେଳେ ଆମ ପଛରେ ଥାଏ । କିନ୍ତୁ ଏଥର ସେ ଆମକୁ ଧରିନେଇଛି । କିନ୍ତୁ ଅଲ୍ ଇଜ୍ ଓ୍ୱେଲ୍ । କରୋନା ଖୁବ ଶୀଘ୍ର ଠିକ୍ ହୋଇଯିବ । ଏହା ଏମିତି ଗୋଟିଏ ସ୍ଥାନ ଯେଉଁଠି ଆମେ ରାଜୁକୁ ଚାହୁଁନାହୁଁ । ଆପଣ ସମସ୍ତଙ୍କ ଭଲପାଇବା ପାଇଁ ଧନ୍ୟବାଦ । ମୁଁ ସୁସ୍ଥ ଅଛି ।

## ମହାମଣିଙ୍କ କୁଆଁରୀ ମନରେ କିଏ ଢାଳିଲା ସିନ୍ଦୂର ?



ବାହାମଣି ଜଣେ ସାନ୍ତାଳୀ ସମ୍ପ୍ରଦାୟର ଝିଅ । ତାଙ୍କ ବଡ଼ବାପା ଜଣେ ରାଜନୈତିକ ବ୍ୟକ୍ତି ଥିଲେ । ସମୟଚକ୍ରରେ ବଡ଼ବାପାଙ୍କୁ ରାଜନୈତିକ ପ୍ରତିପକ୍ଷମାନେ ହତ୍ୟା କରିଛନ୍ତି । ଆଉ ମୃତ୍ୟୁ ପୂର୍ବରୁ ରାଜନେତାର କର୍ତ୍ତବ୍ୟ କରିବା ପାଇଁ ବାହାମଣିଙ୍କୁ କହିଦେଇଯାଇଛନ୍ତି ତାଙ୍କ ବଡ଼ବାପା । ଯାହାକୁ ପାଳନ କରିବା ପାଇଁ ରାଜନୀତି ମଇଦାନକୁ ଲମ୍ଫ ମାରୁଛନ୍ତି ବାହାମଣି । ନିଜ ସମ୍ପ୍ରଦାୟରେ ବାହାମଣି ଦିନକୁ ଦିନ କାୟା ବିସ୍ତାର କରୁଥିବା ଦେଖି ବିରୋଧୀ ଭୟଭୀତ ହେଲେ । ଆଉ ତା'ଙ୍କୁ ବିବାଦରେ ଫସାଇବା ପାଇଁ କଲେ ଷଡ଼ଯନ୍ତ୍ର । ଶେଷରେ ସଫଳ ମଧ ହେଲେ । ବାହାମଣିଙ୍କ କୁଆଁରୀ ମଥାରେ ଜୋର ଜବରଦସ୍ତ ଭରିଦେଲେ ସିନ୍ଦୂର । ଅପବାଦର ସବୁ କଳଙ୍କକୁ ମୁଣ୍ଡରେ ମୁଣ୍ଡାଇ ରାଜନୀତି ରଣାଙ୍ଗାନରେ ଉଭା ହେଲେ ବାହାମଣି । ଆଉ ତା'ପରେ ବଡ଼ବାପା ଦେଖିଥିବା ସ୍ୱପ୍ନକୁ ସାକାର କରିବାରେ ଲାଗି ପଡ଼ିଲେ.... । ଏମିତି କିଛି ସତ୍ୟ ଘଟଣାକୁ ନେଇ ଗତିଶୀଳ ହୋଇଛି ସାନ୍ତାଳୀ ଫିଲ୍ମ 'କୁଲକୁରି ବାହାମଣି' । ମୟୂରଭଞ୍ଜର ଜିଲ୍ଲା ଏକ ସତ୍ୟ ଘଟଣା ଉପରେ ଆଧାରିତ ହୋଇଛି ଏହି ସାନ୍ତାଳି ଚଳଚ୍ଚିତ୍ରଟି । ସାନ୍ତାଳୀ ସମ୍ପ୍ରଦାୟର କୁପ୍ରଥାକୁ ନେଇ ତିଆରି ହୋଇଛି 'କୁଲକୁରି ବାହାମଣି' ଫିଲ୍ମ । ଏଥିରେ ବାଲ୍ୟ ବିବାହ ଓ ମହିଳା ନିର୍ଯାତନା ବିରୋଧରେ ସ୍ୱରଉତ୍ତୋଳନ କରାଯାଇଛି । ବାରିପଦା ସହର ଆଖପାଖ ଅଞ୍ଚଳରେ ଏହି ଚଳଚ୍ଚିତ୍ରଟି ସୁଟିଂ କରାଯାଇଛି । ଏହାଛଡ଼ା ଆଦିବାସୀଙ୍କ ଜୀବନ ଶୈଳୀକୁ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି । ଏହି ଚଳଚ୍ଚିତ୍ରର ପ୍ରଯୋଜକ ପିଙ୍କି ମାରାଣ୍ଡି କରିଥିବା ବେଳେ ନିର୍ଦ୍ଦେଶନା ସୁଜନ ମୁର୍ମୁ ଦେଇଛନ୍ତି । ଏଥିରେ ଅଭିନେତ୍ରୀ ଭୂମିକାରେ ଦୁର୍ଗା ଟୁଡୁ, କଳାକାର ଜୟପ୍ରକାଶ ମୁର୍ମୁ, ମାର୍ଶଲ ମାରାଣ୍ଡି ପ୍ରମୁଖ ନିଖୁଣ ଅଭିନୟ କରିଛନ୍ତି ।



## ଚିତ୍ରକଳାର ଆନନ୍ଦ ମୋତେ ବିଭୋର କରେ: ଅନ୍ତର୍ଯ୍ୟାମୀ ମହାରଣା

ଓଡ଼ିଶାର ଯେଉଁ ଚିତ୍ରଶିଳ୍ପୀ ବନ୍ଧୁମାନେ ବିଭିନ୍ନ ପ୍ରକାର ମନଛୁଆଁ ଚିତ୍ର ଅଙ୍କନ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ସେମାନଙ୍କ ମଧ୍ୟରେ ଯୁବ ଚିତ୍ରଶିଳ୍ପୀ ଓ କବି ଅନ୍ତର୍ଯାମୀ ମହାରଣା ଅନ୍ୟତମ । ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅର୍ନ୍ତଗତ ପାରାପୋଖରୀ ଗ୍ରାମରେ ସେ ୧୯୮୪ ମସିହାରେ ଜନ୍ମ ଗ୍ରହଣ କରନ୍ତି । ତାଙ୍କର ବାପାଙ୍କ ନାମ ଘନଶ୍ୟାମ ମହାରଣା ଓ ମାଆଙ୍କ ନାମ ସାବିତ୍ରୀ ମହାରଣା । ଅନ୍ତର୍ଯାମୀଙ୍କ ପତ୍ନୀଙ୍କ ନାମ ଏମ୍.ଏସ୍. ଗୀତିମୟୀ ଓ ପୁତ୍ର ପୋଖରାଜ ମହାରଣା ଓ ରାଜବୀର ମହାରଣା । ପିଲାଟି ଦିନରୁ ଅନ୍ତର୍ଯ୍ୟାମୀ ଖୁବ୍ ସୁନ୍ଦର ଓ ମନଛୁଆଁ ଚିତ୍ର ଅଙ୍କନ କରିଛନ୍ତି ତାହା ହେଲା କବି ଅଭିମନ୍ୟୁ ବେହେରାଙ୍କ ଭାତଚୋର, ଗବେଷକ ଅଜୟ ପଣ୍ଡାଙ୍କ ପୁସ୍ତକ ଦି ରୋରିଙ୍ଗ ଫରନେସ, ଅଟଳବିହାରୀ ଉଚ୍ଚ ବିଦ୍ୟାଳୟର ମୁଖପତ୍ର ଅନନ୍ୟା ଓ ଆହୁରି ଅନେକ । ସେ ଜଣେ ସୌଖୀନ ଚିତ୍ରଶିଳ୍ପୀ ଭାବେ ଓଡ଼ିଶାର ସୁନାମ ଅର୍ଜନ କରିଛନ୍ତି । ତାଙ୍କ ଲିଖିତ ପୁସ୍ତକ ଛାତ୍ର ଜୀବନରେ ଏକ ପ୍ରବନ୍ଧ ପୁସ୍ତକ ସେ ଲେଖିଥିଲେ । ସେ ବହିର ନାମ ସୁଦୂର ପରାହତ । ତାଙ୍କର ଆଉ ଏକ ପୁସ୍ତକ 'ଶେଷ ସଂଳାପ' ପ୍ରକାଶ ଅପେକ୍ଷାରେ ରହିଛି । ତାଙ୍କର ଏକ ଅନୁଦାନ ପୁସ୍ତକ ଖୁବଶୀଘ୍ର ବହିର ସାମ୍ରାଜ୍ୟକୁ ଆସୁଛି- ସେ ପୁସ୍ତକର ନାମ-ସାଫ୍ରୋନ ସୋର୍ଡସ୍ । ଏହି ପୁସ୍ତକକୁ ଇଂରାଜୀରେ ଲେଖିଛନ୍ତି ଲେଖିକା ମାନସୀ ସିଲା । ଏହି ପୁସ୍ତକକୁ ଓଡ଼ିଆରେ ଅନୁବାଦ କରିଛନ୍ତି ଯୁବକବି ଓ ସାହିତ୍ୟିକ ଅନ୍ତର୍ଯାମୀ ମହାରଣା । ଏପ୍ରିଲ ପ୍ରଥମ ସପ୍ତାହ ୨୦୨୧ରେ ରିଲିଜକ ହେବ ଚର୍ଚ୍ଚିତ ଐତିହାସିକ ପୁସ୍ତକ 'ସାଫ୍ରନି ସୋର୍ଡସ୍' । ରଙ୍ଗ ଓ ତୂଳୀରେ ଶ୍ରୀ ମହାରଣା ଚିତ୍ର କରିବା ସହିତ ଅନେକ ପେନସିଲ ଆର୍ଟ ସେ କରିଥାନ୍ତି । ସୌଖୀନ ଚିତ୍ରକର ଭାବେ ସେ ଖୁବ୍ ଉଚ୍ଚ



ପ୍ରଶଂସିତ । ରାମ ପର୍ଶୁରାମ, କାହ୍ନୁ ହଜିଗଲା ବଡ଼ଦାଣ୍ଡରେ ପ୍ରଭୃତି ନାଟକର ସେ ଗାଆଁରେ ଅଭିନୟ କରିଥିଲେ । ଅନେକ ଲୋକମାନଙ୍କର ସାହାଯ୍ୟ ଓ ସହଯୋଗରେ ଅନ୍ତର୍ଯାମୀ ମହାରଣା ଆଗେଇ ଚାଲିଛନ୍ତି । ଈଶ୍ୱରଙ୍କ କୃପାରୁ ଶ୍ରୀ ମହାରଣାଙ୍କର ଭବିଷ୍ୟତର ଚଲାପଥ କୁସୁମିତ ହେଉ ।


ଉପସ୍ଥାପନା: ପ୍ରଦୀପ୍ତ ମହାନ୍ତି
ସଂପାଦକ - ରଙ୍ଗରାଗ
ବରଣ୍ଡୁଆ, ବେତଡ଼ା, ଭଦ୍ରକ
ମୋ: ୯୯୩୭୯୭୬୩୫୧

# ଓସିଏ 'ଭିଜନ-୨୦୨୪' ଆନ୍ତଃ ଜିଲ୍ଲା କ୍ଲବ ସିନିୟର ଲିଗ୍ ଟୁର୍ଣ୍ଣାମେଣ୍ଟ

## ବିଜୟଭାନୁ ରେଡ ଓ ଜଗନ୍ନାଥପୁର କ୍ରିକେଟ କ୍ଲବ ବିଜୟୀ







ଭଦ୍ରକ,୨୫।୩ (ନି.ପ୍ର): ଚରମ୍ପା ରେଲୱେ ଗ୍ରାଉଣ୍ଡ ଓ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡ଼ିଆ ଦୁଇଟି ସ୍ଥାନରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ 'ଭିଜନ-୨୦୨୪' ପରିପ୍ରେକ୍ଷୀରେ ଜିଲ୍ଲା କ୍ରିକେଟ ଆସୋସିଏସନ ଦ୍ୱାରା ଆୟୋଜିତ ହୋଇ ଚାଲୁଥିବା ଆନ୍ତଃ ଜିଲ୍ଲା ସିନିୟର କ୍ଲବ ଲିଗ ଟୁର୍ଣ୍ଣାମେଣ୍ଟରେ ଆଜି ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଭଦ୍ରକ କଲେଜ ପଡିଆରେ ଅନୁଷ୍ଠିତ ମ୍ୟାଚ ଜଗନ୍ନାଥପୁର କ୍ରିକେଟ କ୍ଲବ ଜେସିସି ଓ ସୂର୍ଯ୍ୟଶିଖା କ୍ଲବ ମଧ୍ୟରେ ଖେଳା ଯାଇଥିଲା। ସୂର୍ଯ୍ୟଶିଖା କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୩୮.୧ ଓଭରରେ ୨୧୦ ରନ କରି ଅଲ୍ ଆଉଟ ହୋଇଥିଲେ। ଦଳର ସରୋଜ କୁମାର ବେହେରା ୭୯, ରଂଜିତ କୁମାର ମହାକୁଡ଼ ୪୮ ଓ ଶୁଭମ ନାୟକ ୨୬ ରନ କରିଥିଲେ। ଜେସିସି ପକ୍ଷରୁ କ୍ଷିତିଶ କୁମାର ମହାନ୍ତି ୩ଟି, ସଚ୍ଚିଦାନନ୍ଦ ବଳ ୩ଟି ଓ କ୍ଷମାସାଗର ବଳ୨ଟି ଉଇକେଟ ନେଇଥିଲେ। ପରେ ଦ୍ୱିତୀୟାର୍ଦ୍ଧରେ ବ୍ୟାଟିଂ କରି ଜେସିସି ଦଳ ୨୬.୧ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ମ୍ୟାଚ ଜିତିଥିଲା। ଜିତେନ୍ଦ୍ର ଶେଖର ଭୋଇ ୮୩, କ୍ଷମାସାଗର ବଳ ୬୯ ଓ ସମ୍ପିତ କୁମାର ସମାଲ ୨୧ ରନ କରିଥିଲେ। ସୂର୍ଯ୍ୟଶିଖା ପକ୍ଷରୁ ଚନ୍ଦନ କୁମାର ରାଉଳ ଓ ସୂର୍ଯ୍ୟବ୍ରତ ବାରିକ ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ। ସେହପରି ଆଉ ଏକ ମ୍ୟାଚ ଚରମ୍ପା ରେଲୱେ ପଡ଼ିଆରେ ବିଜୟଭାନୁ ମେମୋରିଆଲ କ୍ରିକେଟ ଏକାଡ଼େମୀ ରେଡ଼ ଓ ଉତ୍କଳିକା କ୍ଲବ ମଧ୍ୟରେ ଖେଳା ଯାଇଥିଲା। ବିଜୟଭାନୁ ରେଡ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ବିଶାଳ ୪୨୭ ରନ କରିଥିଲା। ମୀର କାଫିରୁଦ୍ଦିନ ୧୪୫, ସଞ୍ଜୟଶ୍ରୀ ରାଉଳ ୭୬, ପାର୍ଥସାରଥୀ ନାୟକ ୬୯ ରନ କରିଥିଲେ। ଉତ୍କଳିକା ପକ୍ଷରୁ ଦେବାଶିଷ ଗିରି ୨ଟି, ରଶ୍ମିରଂଜନ ମହାକୁଡ ୨ଟି ଓ ଚନ୍ଦ୍ର ଶେଖର ବେହେରା ଗୋଟିଏ ଉଇକେଟ ନେଇଥିଲେ। ପରେ ଉତ୍କଳିକା କ୍ଲବ ବ୍ୟାଟିଂ କରି ୪୭.୪ ଓଭରରେ ୨୫୦ରନ କରି ସମସ୍ତ ଖେଳାଳୀ ଆଉଟ ହୋଇ ଯାଇଥିଲେ। ସତ୍ୟ ରଂଜନ ଦାଶ ୬୭, ଦିବ୍ୟଜ୍ୟୋତି ପଣ୍ଡା ୪୮ ଓ ସତ୍ୟ ସୁନ୍ଦର ମହାକୁଡ ୪୨ ରନ କରିଥିଲେ। ବିଜୟଭାନୁ ରେଡ଼ ପକ୍ଷରୁ କୁମାର କୌଶିକ ସାହୁ ୩ଟି, ପ୍ରକାଶ ଜେନା ୨ଟି ଓ ରୋହିତ କୁମାର ଦାସ ଗୋଟିଏ ଉଇକେଟ ନେଇଥିଲେ। ମୀର କାଫିରୁଦ୍ଦିନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଏହି ମ୍ୟାଚକୁ ଲଲାଟ କେଶରୀ ନନ୍ଦ ଓ ପ୍ରଦିପ୍ତ କୁମାର ନାୟକ ପରିଚାଳନା କରିଥିବା ବେଳେ ଭଦ୍ରକ କଲେଜ ପଡ଼ିଆରେ ଦେବବ୍ରତ ଦାଶ ଓ ସାର୍ଥକ କୁମାର ବିଶ୍ୱାଳ ଅମ୍ପାୟାର ଭାବେ ପରିଚାଳନା କରିଥିଲେ।

# ଗାନ୍ଧୀମାର୍ଗ ଧାରଣାସ୍ଥଳକୁ ସାନିଟାଇଜ କଲେ ସମାଜସେବୀ ପ୍ରତାପ ସାହୁ

ଭୁବନେଶ୍ୱର,୨୫।୩ (ନି.ପ୍ର): ରାଜଧାନୀ ଭୁବନେଶ୍ୱରର ଗାନ୍ଧୀମାର୍ଗ ହେଉଛି ଏକ ପ୍ରମୁଖ ଜନଗହଳିପୂର୍ଣ୍ଣ ସ୍ଥାନ। ଦୈନନ୍ଦିନ ଶହ ଶହ ପଥଚାରୀ ଏହି ବାଟ ଦେଇ ଯିବାଆସିବା କରୁଥିବାବେଳେ ଓଡ଼ିଶାର କୋଣ ଅନୁକୋଣରୁ ପ୍ରତ୍ୟେକ ଦିନ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସାମାଜିକ କର୍ମୀ ନିଜର ଦାବି ହାସଲ ପାଇଁ ଗାନ୍ଧୀମାର୍ଗରେ ଜନ ଆନ୍ଦୋଳନ, ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥାନ୍ତି। କିନ୍ତୁ ମହାମାରୀ କରୋନାର ଦ୍ୱିତୀୟ ଲହରୀ ଓଡ଼ିଶାରେ ପ୍ରବେଶ କରିବା ପରେ ରାଜଧାନୀ ଭୁବନେଶ୍ୱରକୁ ସ୍ୱତନ୍ତ୍ର ଭାବେ ସମୀକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତି ନେଇଛନ୍ତି। ତେବେ କରୋନାର ଦ୍ୱିତୀୟ ଲହରୀ ଯୋଗୁଁ ଗାନ୍ଧୀମାର୍ଗ ପ୍ରତି ବିପଦ ରହିଥିବାରୁ ସମାଜସେବୀ ପ୍ରତାପ ସାହୁ ଏକ ନିଆରା ଢଙ୍ଗରେ ଗାନ୍ଧୀମାର୍ଗକୁ ସମ୍ପୂର୍ଣ୍ଣ ଭାବରେ ସାନିଟାଇଜି କରିଛନ୍ତି। ପ୍ରତାପଙ୍କ ଏଭଳି ଉଦ୍ୟମକୁ ରାଜଧାନୀ ବାସୀ ପ୍ରଶଂସା କରିଥିବା ବେଳେ ଏ ବାବଦରେ ପ୍ରତାପ କୁହନ୍ତି ଯେ, ଗାନ୍ଧୀମାର୍ଗ ହେଉଛି ଏକ ପ୍ରମୁଖ ଜନଗହଳିପୂର୍ଣ୍ଣ ସ୍ଥାନ। ପ୍ରତିଦିନ ହଜାର ହଜାର ଆନ୍ଦୋଳନକାରୀ ଅନଶନ ଓ ବିକ୍ଷୋଭ ପ୍ରଦର୍ଶନ କରୁଥିବାରୁ ଏଠାରେ ଲୋକମାନେ ଏକତ୍ରିତ ହୋଇଥାନ୍ତି। ତେଣୁ କରୋନା ଠାରୁ ଦୂରେଇ ରହିବା ପାଇଁ ସେ ଏପରି ପଦକ୍ଷେପ ନେଇଛନ୍ତି ବୋଲି ଶ୍ରୀ ସାହୁ ପ୍ରକାଶ କରିଥିଲେ। ଏତଦବ୍ୟତୀତ ନିୟମିତ ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା, ସାନିଟଇଜ ବ୍ୟବହାର କରିବା, ପ୍ରତ୍ୟେକଦିନ ସାବୁନରେ ହାତ ଧୋଇବା ପାଇଁ ଲୋକମାନଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ। ପିଏମ୍‌ଜି ଅଂଚଳରେ ଥିବା ପୋଲିସ୍ ଆଉଟପୋଷ୍ଟ, ବ୍ୟାରିକେଡ଼ଗୁଡ଼ିକୁ ସାନିଟାଇଜ କରିବା ସହ ଧାରଣାରତ ୧୪ଟି ଷ୍ଟଲକୁ ସାନିଟାଇଜ ମଧ୍ୟ କରିଥିଲେ।

ଏଠାରେ ସୂଚନାଯୋଗ୍ୟ ଯେ, ମହାମାରୀ କରୋନା ପ୍ରଥମେ ଯେତେବେଳେ ଓଡ଼ିଶାରେ ପ୍ରବେଶ କଲା, ସେବେଠାରୁ ପ୍ରତାପ ପ୍ରତ୍ୟେକ ଦିନ ରାଜଧାନୀର ବିଭିନ୍ନ ଅଂଚଳ ବୁଲି ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟ ସାନିଟାଇଜ କରିବା ସହିତ, ଗରିବ ଅସହାୟ ଲୋକମାନଙ୍କୁ ମାଗଣାରେ ମାସ୍କ, ସାନିଟାଇଜର, ସାବୁନ ଓ ରନ୍ଧାଖାଦ୍ୟ ଆଦି ପ୍ରଦାନ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ହେଲେ କରୋନାର ଦ୍ୱିତୀୟ ଲହରୀ ଏବେ ଜାରି ରହିଥିବାରୁ ପୂର୍ବପରି ତାଙ୍କର କାର୍ଯ୍ୟ ଜାରି ରଖିବେ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

# କଟକ ବୋର୍ଡ଼ ଅଫ୍ ସେକେଣ୍ଡାରୀ ହାଇସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କଲେ ମନ୍ତ୍ରୀ ପ୍ରତାପ ଜେନା

ଭୁବନେଶ୍ୱର,୨୫।୩ (ନି.ପ୍ର): ମୋ'ସ୍କୁଲ ଯୋଜନାରେ ପଂଚାୟତିରାଜ ଓ ପାନୀୟଜଳ, ଆଇନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କଟକର ବୋର୍ଡ଼ ଅଫ୍ ସେକେଣ୍ଡାରୀ ହାଇସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ତଥା ମୋ ସ୍କୁଲ ଅଭିଯାନ ପରିଚାଳନା ସଂସ୍ଥା ଉପାଧ୍ୟକ୍ଷ ସତ୍ୟବ୍ରତ ସାହୁ ପତ୍ର ଲେଖି ପୋଷ୍ୟ ସ୍କୁଲ ପାଇଁ କଣ କଣ କରାଯାଇପାରେ ସେ ସଂପର୍କରେ ଅବଗତ କରାଇ ଏ ସବୁ ବ୍ୟତୀତ ଏପରି କିଛି କରିବା ଆବଶ୍ୟକ ଯାହାକି ଅନ୍ୟମାନଙ୍କ ପାଇଁ ନିର୍ଣ୍ଣାୟକ ବିନ୍ଦୁ ହୋଇପାରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି। ପ୍ରକାଶ ଥାଉକି ଦେଶ ସ୍ୱାଧୀନତା ପ୍ରାପ୍ତି ପରବର୍ତ୍ତି ସମୟରେ ଦେଶର ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ମାଧ୍ୟମିକ ଶିକ୍ଷାର ବିକାଶ ପାଇଁ ୧୯୫୨-୫୩ ମସିହାରେ ମୁରଲିଧର କମିଶନଙ୍କ ରିପୋର୍ଟ ଆଧାରରେ ପଦକ୍ଷେପ ଗ୍ରହଣ କରାଯାଇଥିଲା । ସେହି ଅନୁଯାୟୀ ତତ୍‌କାଳିନ ଓଡ଼ିଶା ରାଜ୍ୟର ଶିକ୍ଷା-ନୀତି ନିର୍ଦ୍ଧାରକ ମାନେ ରାଜ୍ୟର କଟକ, ସମ୍ବଲପୁର ଓ ବ୍ରହ୍ମପୁର ଠାରେ ୩ ଗୋଟି ମଡ଼େଲ ହାଇସ୍କୁଲ ପ୍ରତିଷ୍ଠା କରିବାର ନିଷ୍ପତି ଗ୍ରହଣ କରିଥିଲେ । ସେହି ଅନୁଯାୟୀ ୧୯୫୮ ମସିହାରେ କଟକ ବୋର୍ଡ଼ ଅଫ୍ ସେକେଣ୍ଡାରୀ ହାଇସ୍କୁଲ ନିର୍ମାଣ ଆରମ୍ଭ କରାଯାଇ ୧୯୫୯ ଅଗଷ୍ଟ ମାସ ୩ ତାରିଖରେ ୧୪୮ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଏହି ସ୍କୁଲ ଆରମ୍ଭ ହୋଇଥିଲା। ବର୍ତମାନ ଏହା ଆମ ରାଜ୍ୟ ତଥା ଦେଶର ଏକ ପ୍ରମୁଖ ମାଧ୍ୟମିକ ଶିକ୍ଷା ଅନୁଷ୍ଠାନ। ମନ୍ତ୍ରୀ ପ୍ରତାପ ଜେନା ମଧ୍ୟ ଏହି ସ୍କୁଲର ଛାତ୍ର । ଏଣୁ ନିଜେ ଶିକ୍ଷା ଗ୍ରହଣ କରିଥିବା ଏହି ମହାନ ଅନୁଷ୍ଠାନର ବିକାଶ ନିମନ୍ତେ ମନ୍ତ୍ରୀ ଶ୍ରୀ ଜେନା ଉକ୍ତ ସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କରି ଏହି ସ୍କୁଲର ବିକାଶ ନିମନ୍ତେ ସବୁ ପ୍ରକାର ଉଦ୍ୟମ କରିବେ ବୋଲି କହିଛନ୍ତି ।

# ସ୍ଥାନୀୟ ଜ୍ଞାନ କୌଶଳ ଉପରେ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର,୨୫।୩ (ନି.ପ୍ର): ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନସ୍ଥ ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଅନୁଦାନରେ ଆଜିଠାରୁ ତିନିଦିନ ବ୍ୟାପୀ "ଚେଞ୍ଜିଂ କଂଟୁରସ୍ ଅଫ୍ ଇଣ୍ଡଜିନସ୍ ନଲେଜ ଆମଙ୍ଗ୍ ଟ୍ରାଇବାଲ୍ କମ୍ୟୁନିଟିଜ୍ ଅଫ୍ ଇଣ୍ଡିଆ'' ଶୀର୍ଷକ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଅଛି । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ୟୁନାଇଟେଡ୍ ଇଣ୍ଡିଆନ୍ ଆନ୍ଥ୍ରୋପୋଲୋଜି ଫୋରମ୍ ସହଯୋଗିତାରେ ଏହିୱେବିନାରଟି ଅନୁଷ୍ଠିତ ହେଉଛି । ଏହି ତିନିଦିନିଆ ୱେବିନାରଟିକୁ କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଡ. ନବଲଜିତ୍ କାପୁର ଏବଂ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଅଖିଳ ବିହାରୀ ଓତା ସ୍ୱାଗତ ଭାଷଣ ଦେଇଥିଲେ । ବ୍ରହ୍ମପୁର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ତଥା ୟୁନାଇଟେଡ୍ ଇଣ୍ଡିଆନ୍ ଆନ୍ଥ୍ରୋପୋଲୋଜି ଫୋରମ୍‌ର ସଭାପତି ପ୍ରଫେସର ଦୀପକ କୁମାର ବେହେରା ଏଥିରେ ଉଦ୍‌ବୋଧନ ଦେଇଥିଲେ। ଏହି ୱେବିନାରର ୪ଟି ବୈଷୟିକ ଅଧିବେଶନରେ ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଯଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯୋଶୀ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ତଥା ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମାନବ ସଂଗ୍ରହାଳୟର ପ୍ରାକ୍ତନ ନିର୍ଦ୍ଦେଶକ ତଥା ଆନ୍ଥ୍ରୋପୋଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର କମଳ କାନ୍ତ ମିଶ୍ର, ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମାନବ ସଂଗ୍ରହାଳୟର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ସରିତ କୁମାର ଚୌଧୁରୀ, ଖ୍ୟାତିସଂପନ୍ନ ନୃତତ୍ତ୍ୱବିତ୍ ପ୍ରଫେସର ଗ୍ରେଗୋରୀ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଅଖିଳ ବିହାରୀ ଓତା, ସ୍ୱେନ୍ ରୁ ପ୍ରଫେସର ଭିକେଫୋରିଆ ରଇସ୍ ଗ୍ରାସିଆ, ଦେଶର ଅନ୍ୟାନ୍ୟ ଆଦିବାସୀ ଗବେଷଣା ପ୍ରତିଷ୍ଠାନ ତଥା ଉତ୍କର୍ଷ କେନ୍ଦ୍ରରେ କାର୍ଯ୍ୟରତ ଗବେଷକଗବେଷିକା ଭାଗ ନେଉଛନ୍ତି। ଏହି ପରିପ୍ରେକ୍ଷୀରେ ୱେବିନାରଟି ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ଆଦିବାସୀ ତଥା ସ୍ଥାନୀୟ ଲୋକମାନଙ୍କ ପାଖରେ କାଳ କାଳରୁ ପ୍ରଚଳିତ ଥିବା ସ୍ଥାନୀୟ ଜ୍ଞାନକୌଶଳ, ଯାହା ଜୀବନଜୀବିକା କ୍ଷେତ୍ରରେ ଅତ୍ୟନ୍ତ ଉପାଦେୟ ତଥା ବିଜ୍ଞାନ ଦିଗ ଉପରେ ବିଶଦ ଆଲୋଚନା କରିବ। ଏଥି ସହିତ ଆଧୁନିକ ଜ୍ଞାନକୌଶଳ ଓ ପାରମ୍ପରିକ ବା ସ୍ଥାନୀୟ ଜ୍ଞାନକୌଶଳ ମଧ୍ୟରେ ସେତୁ ଓ ସମନ୍ୱୟ ସ୍ଥାପନ ଜରିଆରେ ଆଦିବାସୀ ସଂପ୍ରଦାୟଙ୍କ ଉନ୍ନତି ସହିତ ମାନବୀୟ କଲ୍ୟାଣ ସାଧନ ଦିଗରେ ମାର୍ଗଦର୍ଶନ କରିପାରିବ ବୋଲି ଆଶା। ଏହି ୱେବିନାରଟି ଦେଶର ବିଭିନ୍ନ ପ୍ରାନ୍ତର ଆଦିବାସୀ ଗବେଷଣା ପ୍ରତିଷ୍ଠାନ, ଉତ୍କର୍ଷ କେନ୍ଦ୍ର, ବିଶ୍ୱବିଦ୍ୟାଳୟ ସହିତ ଜଡ଼ିତ ଗବେଷକ ଓ ନୃତତ୍ତ୍ୱବିତ୍ ମାନେ ଯେଉଁମାନେ ସ୍ଥାନୀୟ ଜ୍ଞାନକୌଶଳର ବିଭିନ୍ନ ଦିଗ ଉପରେ ଗବେଷଣାରତ ସେମାନଙ୍କର ଗବେଷଣା ଲବ୍ଧ ଜ୍ଞାନର ଆଦାନପ୍ରଦାନ ପାଇଁ ଏକ ପ୍ଲାଟଫର୍ମ ପ୍ରସ୍ତୁତ କରୁଛି ।

# ଉପ କାରାଗାରରେ ଅନ୍ତେବାସୀ ଛଡାଇଲେ ତେନ୍ତୁଳି

ଜୟପୁର,୨୫।୩ (ନି.ପ୍ର): ଓଆରଏମଏଏସ ତରଫରୁ ଜୟପୁର ଉପ କାରାଗାରରେ ଥିବା ଅନ୍ତେବାସିଙ୍କୁ ତେନ୍ତୁଳି ମଞ୍ଜି ଛଡାଇବା ପାଇଁ କାମ ଯୋଗାଇ ଦିଆଯାଇଛି । ଏଥି ପାଇଁ ଅନ୍ତେବାସୀଙ୍କୁ ତେନ୍ତୁଳି ଛଡାଇବା ବାବଦକୁ କିଲୋ ପିଛା ୨ ଟଙ୍କା ଓ ପ୍ରଶାସନିକ ଖର୍ଚ୍ଚ କିଲୋ ପିଛା ୧ ଟଙ୍କା ୫୦ ପଇସା ମିଳିବ। ଯାହାକି ରାଜ୍ୟ ସରକାରଙ୍କୁ ରାଜସ୍ୱ ହିସାବରେ ପୈଠ କରାଯିବ ବୋଲି ଜେଲ୍ ଅଧିକ୍ଷକ ଲଲାଟେନ୍ଦୁ ଭୁଷଣ ଦାସ ସୂଚନା ଦେଇଛନ୍ତି। ଫଳରେ ଅନ୍ତେବାସୀ ମାନେ ମଧ୍ୟ କାମ ପାଇବା ସହ ୨ ପଇସା ରୋଜଗାର କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି ଜେଲ୍ ଅଧିକ୍ଷକ ଶ୍ରୀ ଦାସ ଆଶା ରଖିଛନ୍ତି ।

# ଚାନ୍ଦବାଲି ବିଧାୟକଙ୍କ ବିରୋଧରେ ଏତଲା ଦେଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର,୨୫।୩ (ନି.ପ୍ର): ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କୁ ଗିରଫ ଦାବିରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କ୍ୟାପିଟାଲ ଥାନାରେ ଏତଲା ଦରଜ କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ତୁରନ୍ତ ଚାନ୍ଦବାଲି ବିଧାୟକଙ୍କୁ ଦଳରୁ ବହିଷ୍କାର କରନ୍ତୁ ବୋଲି ଛାତ୍ର କଂଗ୍ରେସ ଦାବି କରିଛି। ଜଣେ କାର୍ଯ୍ୟରତ ପୋଲିସ ଅଫିସରଙ୍କୁ ଯେଭଳି ଧମକ ଦେଇଛନ୍ତି ସେଥିରେ ରାଜ୍ୟରେ ପୋଲିସ ପ୍ରଶାସନ କିପରି ଚାପଗ୍ରସ୍ତ ଅଛି ତାହା ସ୍ପଷ୍ଟ ହୋଇ ପଡୁଛି ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି। ଥାନାକୁ ବିଜୁ ଜନତା ଦଳର କାର୍ଯ୍ୟାଳୟ ଭାବେ ଭୂମିକା ନିଭାଇବାକୁ ବାଧ କରାଯାଉଛି। ଚାନ୍ଦବାଲି ବିଧାୟକ ଶ୍ରୀ ରାୟ ଫୋନ୍ ଯୋଗେ ବଂଶଡା ଥାନା ଏଏସ୍‌ଆଇ ଗୁରୁପ୍ରସାଦ ବେହେରାଙ୍କୁ ତାଙ୍କର ନିର୍ଦ୍ଦେଶ ପାଳନ କରିବାକୁ ବାଧ କରୁଛନ୍ତି। ପାଳନ ନକଲେ ତାଙ୍କୁ ମୋଟୁକୁ ବଦଳାଇ ଦେବେ ବୋଲି ଧମକ ଦେଇଛନ୍ତି। ତାଙ୍କ ଟେଲିଫୋନ୍ ବାର୍ତ୍ତାଳାପରୁ ଯାହା ଜଣାପଡୁଛି ବିଧାୟକ ଥରେ ନୁହେଁ ଆଗରୁ ତିନିଥର ମଧ୍ୟ ସଂପୃକ୍ତ ଅଫିସରଙ୍କୁ ଧମକ ଦେଇଛନ୍ତି। ଜଣେ ବିଧାୟକ ଯଦି ଏଭଳି କ୍ଷମତାର ଅଧିକାରୀ ତେବେ ଏ ରାଜ୍ୟରେ ଗୃହ ବିଭାଗ କେତେ ଅସହାୟ ତାହା ସ୍ପଷ୍ଟ ହୋଇପଡୁଛି ବୋଲି ସେ କହିଛନ୍ତି। ଚାନ୍ଦବାଲି ବିଧାୟକଙ୍କୁ ଗିରଫ କରିବା ସହ ତାଙ୍କର ଏଭଳି ଆଚରଣ ପାଇଁ ତାଙ୍କୁ ଆଇନ୍ ଅନୁଯାୟୀ ଦଣ୍ଡିତ କରିବାକୁ ପ୍ରଦେଶ ଛାତ୍ର କଂଗ୍ରେସ ଦାବି କରୁଛି। ଏହି କାର୍ଯ୍ୟକ୍ରମରେ ବାବୁ ଜେନା, ଅଭିଳାଷ ନନ୍ଦ, ଅହମ୍ମଦ ଖାନ୍, ଅଖିଳେଷ ଯାଦବ, ସାଗର ପଟ୍ଟନାୟକ, ହରପ୍ରସାଦ ବେହେରା, ଚିରଞ୍ଜିବ ମହାନ୍ତି, ସୂର୍ଯ୍ୟନାରାୟଣ ସାହୁ, ଅଜିତ୍ ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।


# ମିଲେଟ୍ ମିଶନ କାର୍ଯ୍ୟକାରୀ ହେବାପରେ ରାଜ୍ୟରେ ମାଣ୍ଡିଆ ଉତ୍ପାଦନ ବୃଦ୍ଧିପାଇଛି

ଭୁବନେଶ୍ୱର,୨୫।୩ (ନି.ପ୍ର): ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ମିଲେଟ୍ ମିଶନ କାର୍ଯ୍ୟକାରୀ ହେବାପରେ ରାଜ୍ୟରେ ମାଣ୍ଡିଆ ଚାଷ ଏବଂ ଉତ୍ପାଦନ ବୃଦ୍ଧି ପାଇଛି ବୋଲି କୃଷି ମନ୍ତ୍ରୀ ଅରୁଣ ସାହୁ ଆଜି ବିଧାନସଭାରେ ପ୍ରକାଶ କରିଛନ୍ତି। ବର୍ତମାନ ରାଜ୍ୟର ୧୫ଟି ଜିଲ୍ଲାର ୮୧ଟି ବ୍ଲକରେ ଏହି ମାଣ୍ଡିଆ ଚାଷ କରାଯାଉଛି। କ୍ୱିଂଟାଲ ପିଛା ଏ ବର୍ଷ ୩,୨୯୫ ଟଙ୍କା ସହାୟକ ଦର ଦିଆଯାଇଥିଲାବେଳେ ଗତବର୍ଷ ୩,୧୫୦ଟଙ୍କା, ତା' ପୂର୍ବବର୍ଷ ୨,୮୯୨ ଟଙ୍କା ଦିଆଯାଇଥିଲା। ଏହି ଚାଷ ପ୍ରତିବର୍ଷ ବୃଦ୍ଧି ପାଉଥିବା ରାଜ୍ୟପାଇଁ ଶୁଭଙ୍କର। ଏହି ଚାଷ କରିବା ପାଇଁ ଚାଷୀମାନଙ୍କର ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ୨୦୧୮-୧୯ ମସିହାରେ ୫,୭୪୦ ଚାଷ କରୁଥିଲାବେଳେ ଏବେ ୨୧,୨୪୩ ଚାଷ କରୁଛନ୍ତି। ୨୦୧୮-୧୯ରେ ୧୭,୯୬୫ କ୍ୱିଂଟାଲ ମାଣ୍ଡିଆ ଉତ୍ପାଦନ ହୋଇଥିବାବେଳେ ୨୦୧୯-୨୦ରେ ୫ଗୁଣାରୁ ଅଧିକା ଅର୍ଥାତ୍ ୯୪,୪୮୦ କ୍ୱିଂଟାଲ ଏବଂ ୨୦୨୦-୨୧ରେ ୨ଲକ୍ଷ କ୍ୱିଂଟାଲକୁ ବୃଦ୍ଧି ପାଇଛି। ଏଥିରେ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଲୋକଙ୍କର ଏହାପ୍ରତି ରୁଚି ବଢ଼ିଯାଇଥିବାର ମଧ୍ୟ ପରିଲକ୍ଷିତ ହୋଇଛି। ମନ୍ତ୍ରୀ ଆହୁରି କହିଥିଲେ ଯେ, ଚାଷୀମାନଙ୍କର ଆୟକୁ ଦୁଇଗୁଣ କରିବା ପାଇଁ ସମନ୍ୱିତ ଚାଷ ଉପରେ ଗୁରୁତ୍ୱ ଦିଆଯାଇଛି। ଏ ସଂକ୍ରାନ୍ତୀୟ ପ୍ରଶ୍ନର ଆଲୋଚନାରେ ଅଂଶଗ୍ରହଣ କରିଥିବା ଅଶ୍ୱିନୀ କୁମାର ପାତ୍ର, ନିତ୍ୟାନନ୍ଦ ଗଣ୍ଡ, ଭୂପିନ୍ଦର ସିଂ, ପ୍ରଦୀପ ଦିସାରି, ରମେଶ ଚନ୍ଦ୍ର ସାଏ, ଲତିକା ପ୍ରଧାନ, ବିଷ୍ଣୁ ସେଠୀ, କୁସୁମ ଟେଟେ, ଅଶୋକ କୁମାର ବଳ ପ୍ରମୁଖ ମାଣ୍ଡିଆ ଚାଷକୁ ଅଧିକ ବ୍ୟାପକ କରିବା ପାଇଁ ଦାବି କରିଥିଲେ।

# ସମ୍ବଲପୁର ରେଳ ମଣ୍ଡଳରେ ମଣ୍ଡଳ ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟି ବୈଠକ

ସମ୍ବଲପୁର,୨୫।୩ (ନି.ପ୍ର): ୪୮ତମ ମଣ୍ଡଳ ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟି ବୈଠକ ୨୪ ତାରିଖରେ ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଏହି ବୈଠକରେ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ପ୍ରଦୀପ କୁମାର ଅଧକ୍ଷତା କରିଥିଲେ। ଶ୍ରୀ କୁମାର ଉଦଘାଟନୀ ଭାଷଣରେ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ ଏବଂ ମଣ୍ଡଳ ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟିର ସଦସ୍ୟଙ୍କ ଦ୍ୱାରା ଦିଆଯାଇଥିବା ପରାମର୍ଶଗୁଡ଼ିକୁ ମଣ୍ଡଳ ପକ୍ଷରୁ ସର୍ବଦା ସର୍ବାଧିକ ପ୍ରାଧାନ୍ୟ ଦିଆଯାଉଛି ବୋଲି କହିଥିଲେ। ଶ୍ରୀ କୁମାର ଆହୁରି ମଧ କହିଛନ୍ତି ଯେ, ସମ୍ବଲପୁର ମଣ୍ଡଳ ୧୧.୩୨ ମିଲିୟନ୍ ଟନ୍ ମାଲ୍ ବୋଝେଇ କରିଛି ଯାହା ଗତବର୍ଷର ଏହି ଅବଧିରେ ୧୦.୪୨ ମିଲିୟନ୍ ଟନ୍ ବୋଝେଇ କରିଥିଲା। ଯାହା ୦.୯୦ କୋଟି ଅର୍ଥାତ୍ ୮.୬୩% ବୃଦ୍ଧି କରିଛି। ସମ୍ବଲପୁର, ବଲାଙ୍ଗୀର, କେସିଙ୍ଗା, ଟିଟିଲାଗଡ଼ ଷ୍ଟେସନ ପରିସରରେ ପରିଷ୍କାର ତଥା ସବୁଜ ପରିବେଶ, ଯାତ୍ରୀ ସୁବିଧା ତଥା ଅନ୍ୟାନ୍ୟ ସେବା ଯୋଗାଇବା ପାଇଁ ଆଇଏସ୍‌ଓ୧୪୦୦୧-୨୦୧୫ ପରିବେଶ ପ୍ରବନ୍ଧନ ପ୍ରଣାଳୀ ସାର୍ଟିଫିକେଟ ହାସଲ କରିଛି। ୮୧ କି.ମି. ଦୋହରୀକରଣ କାର୍ଯ୍ୟକ୍ଷମ ହୋଇଯାଇଅଛି ଏବଂ ୬ଟି ସୀମିତ ଉଚ୍ଚତା ବିଶିଷ୍ଟ ଭୂତଳ ପୋଲ ନିର୍ମାଣ କରାଯାଉଅଛି। ସମ୍ବଲପୁର ଷ୍ଟେନରେ ଅଟୋମେଟେଡ ଟିକେଟ୍ ଚେକିଂ ଏବଂ ମ୍ୟାନେଜିଂ ଆକ୍ସେସ ସିଷ୍ଟମ ସ୍ଥାପନ କରାଯାଉଛି ଏବଂ ଏହାଦ୍ୱାରା ସ୍ୱର୍ଗ ବିହୀନ ଟିକେଟ୍ ଯାଂଚ ଏବଂ ଶରୀରର ତାପମାତ୍ରା ସ୍କାନିଂ ହୋଇଯାଉଛି ଏବଂ ଏହା ପୂର୍ବତଟ ରେଳବାଇର ସମ୍ବଲପୁର ମଣ୍ଡଳ ଦ୍ୱାରା ଏହାର ପ୍ରଥମ ପଦକ୍ଷେପ ଅଟେ। ସମ୍ବଲପୁର, ବଲାଙ୍ଗୀର, ଟିଟିଲାଗଡ଼ ଏବଂ କେସିଙ୍ଗା ଷ୍ଟେସନରେ ୱାଟର ବୋତଲ କ୍ରସିଂ ମେସିନ କାର୍ଯ୍ୟକ୍ଷମ ହୋଇଛି। ସମ୍ବଲପୁର ଷ୍ଟେନରେ ସ୍ୱୟଂଚାଳିତ କମ୍ପୋଷ୍ଟିଂ ପ୍ଲାଂଟ କାର୍ଯ୍ୟକ୍ଷମ ହୋଇଛି। ଦିବ୍ୟାଙ୍ଗ ଯାତ୍ରୀମାନଙ୍କ ବ୍ୟବହାର ପାଇଁ ସମ୍ବଲପୁର ମଣ୍ଡଳରେ ଥିବା ପ୍ରମୁଖ ଷ୍ଟେସନଗୁଡ଼ିକରେ ଶୌଚାଳୟ, ରାମ୍ପ ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଇଛି। ଏହି ବୈଠକରେ ମଣ୍ଡଳ ବ୍ୟବହାରକାରୀ ପରାମର୍ଶଦାତା କମିଟିର ସଦସ୍ୟ ଶ୍ରୀ ଅରୁପ କୁମାର ମୁଖାର୍ଜୀ, ଶ୍ରୀ ପ୍ରଦୀପ କୁମାର ଦେବତା, ଶ୍ରୀ କିଶୋର ହାଁସଦା, ଶ୍ରୀ ସରୋଜ କୁମାର ପରିଡ଼ା, ଶ୍ରୀ ବିକ୍ରମାନନ୍ଦ ବହିଦାର, ଶ୍ରୀ ସତ୍ୟନାରାୟଣ ଗୁପ୍ତା, ଶ୍ରୀ ରଶ୍ମିରଞ୍ଜନ ମହାପାତ୍ର, ଶ୍ରୀମତୀ ତ୍ରିବେଣୀ ଧାରେ, ଶ୍ରୀ ଚନ୍ଦ୍ରପ୍ରକାଶ ପାଣ୍ଡେ, ଶ୍ରୀ ବିଶ୍ୱଜିତ ଦାଶ, ଶ୍ରୀ ଅରୁପାନନ୍ଦ ସୁନାନୀ, ଶ୍ରୀ ସୋମନାଥ ଅଗ୍ରୱାଲ, ଶ୍ରୀ ଇପ୍‌ସିତ ମିଶ୍ର, ଶ୍ରୀ ଗୋବିନ୍ଦ ଅଗ୍ରୱାଲ ଏବଂ ଶ୍ରୀ ରାଜେଶ ଅଗ୍ରୱାଲ ଉପସ୍ଥିତ ଥିଲେ ଏବଂ ସମ୍ବଲପୁର ମଣ୍ଡଳର ବିଭିନ୍ନ ସମସ୍ୟା ତଥା ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ବହୁମୂଲ୍ୟ ମତ ଦେଇଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଏଲ୍.ଭି.ଏସ୍.ଏସ୍. ପାତ୍ରୁଡୁ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଏବଂ ଡିଆର୍‌ଭିସିସିର ସଂଯୋଜକ ଶ୍ରୀ ଏସ୍.ଏସ୍. ନାୟକ ଏହି ବୈଠକକୁ ସଂଯୋଜନା କରିଥିଲେ।

# ହରିପୁର ବାଲିଘାଟରୁ ବେଆଇନ୍ ବାଲି ଉଠାଣ ପ୍ରତିବାଦରେ ଶତାଧିକ ମହିଳାଙ୍କ ଜିଲ୍ଲାପାଳ ଅଫିସ୍ ଆଗରେ ଆନ୍ଦୋଳନ




ଭଦ୍ରକ,୨୫।୩ (ନି.ପ୍ର): ଏହି ଜିଲାର ବନ୍ତ ତହସିଲ ଅଧୀନସ୍ଥ ହରିପୁର ବାଲିଘାଟରୁ ବେଆଇନ୍ ବାଲି ଉଠାଣ ପ୍ରତିବାଦରେ ଆଜି ସାଳନ୍ଦୀ ବିକାଶ ମଂଚ ନେତୃତ୍ୱରେ ସ୍ଥାନୀୟ ଅଂଚଳର ବହୁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସାଳନ୍ଦୀ ବିକାଶ ମଂଚର ସାଧାରଣ ସଂପାଦକ ପ୍ରତାପ ପାଢୀ ଓ ପଦ୍ମନାଭ ପାଣିଗ୍ରାହୀଙ୍କ ନେତୃତ୍ୱରେ ସ୍ଥାନୀୟ ଅଂଚଳର ମା' ସିଦ୍ଧେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀ ସମେତ ହରିପୁରର ସମସ୍ତ ମହିଳା ସଂଘର ସଭ୍ୟାମାନଙ୍କ ମଧ୍ୟରେ ଉଷାରାଣୀ ପରମାଣିକ, ତିଳୋତ୍ତମା ପାଣିଗ୍ରାହୀ, ତୁଳସୀ ନାୟକ, ପଦ୍ମିନୀ ନାୟକ, ସୁବାସିନୀ ନାୟକ, ସାକିରନ୍ ଖାତୁନ, ପ୍ରଭାତୀ ବେହେରା, ସତ୍ୟଭାମା ଦେହୁରୀ, ମିନତୀ ମହାକୁଡ, ଭବାନୀ ଦାସ, ଜଇତୁନ ବିବି ପ୍ରମୁଖ ବହୁ ମହିଳା ଜିଲାପାଳଙ୍କୁ ଦେଇଥିବା ଅଭିଯୋଗ ପତ୍ର ମୂଳେ ସେମାନଙ୍କ ଗ୍ରାମ ପାର୍ଶ୍ୱ ଦେଇ ସାଳନ୍ଦୀ ନଦୀ ପ୍ରବାହିତ ହୋଇଛି। ନଦୀରେ ବାଲି ନଥିଲେ ବି ଜନୈକ ବାଲି ମାଫିଆ ଜୋର ଜବରଦସ୍ତ ଜେସିବି ଲଗାଇ ନଦୀରୁ ବାଲି ଉଠାଇବା ଆଳରେ ନଦୀପଠାକୁ ଖୋଳିନେଉଛନ୍ତି। ଏହାଦ୍ୱାରା ନଦୀର ଗତିପଥ ପରିବର୍ତ୍ତନ ହୋଇ ସେମାନଙ୍କ ଗ୍ରାମ ପ୍ରତି ବିପଦ ସୃଷ୍ଟିର ଆଶଙ୍କା ଦେଖାଦେଇଛି। ଏଥିସହ ନଦୀକୂଳରେ ବଡ ବଡ ଗର୍ତ୍ତମାନ ସୃଷ୍ଟି ହେବା ଫଳରେ ଧନଜୀବନ, ଜୀବଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ୧୯୯୯ ମହାବାତ୍ୟା ଓ ବନ୍ୟାରେ ଏହି ଗ୍ରାମର ସମସ୍ତ ଘରଦ୍ୱାର ଭାସିଯାଇଥିଲା। ସେମାନେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଅଣ୍ଟା ସଳଖି ଠିଆ ହେବା ମଧ୍ୟରେ ଗ୍ରାମ ନିକଟରେ ନଦୀର ବାଙ୍କ ଥିବାରୁ ପ୍ରତିବର୍ଷ ନଦୀ କୂଳ ଖାଉଛି। ଏ ସଂପର୍କରେ ବହୁବାର ପ୍ରଶାସନ ପାଖରେ ଆଡିବନ୍ଧ ନିର୍ମାଣ ନେଇ ଆପତ୍ତି ଅଭିଯୋଗ କଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। ଅଧିକନ୍ତୁ ମନୁଷ୍ୟାକୃତ ବାଲି ମାଟି ତଡାଯିବା ଦ୍ୱାରା ସେମାନଙ୍କ ଗ୍ରାମ ପ୍ରତି ବିପଦ ଦେଖାଦେଇଛି। ତେବେ ସେମାନେ ସମସ୍ତ ମହିଳା ସଂଘ ଏହି ବାଲିତଡାକୁ ବିରୋଧ କରିବାରୁ ସେହି ଗ୍ରାମର କେତେକ ଅସାମାଜିକ ଯୁବକଙ୍କ ସମେତ ବାଲି ମାଫିଆ ଜଣକ ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତି ହୋଇଥିବାରୁ ସେମାନଙ୍କୁ ନାନାଦି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଚମକ ଦେଉଛନ୍ତି। ଏପରିକି ସେମାନେ ବାଲିଘାଟ ନିଲାମ ଧରିଥିବା ବିଷୟ ପ୍ରତ୍ୟେକରେ କହି ବୁଲୁଛନ୍ତି। ସେମାନେ ରାତିରେ ମଧ୍ୟ ବାଲି ମାଟି ତାଡି ନିକଟରେ ଥିବା ସେମାନଙ୍କ ପାଳରେ ଜମା କରୁଛନ୍ତି। ଏହି ବ୍ୟକ୍ତିମାନେ ଚୋରା ବାଲି ବେପାର କରି ପ୍ରଚୁର ଅର୍ଥ ବେଆଇନ୍ ଭାବେ ରୋଜଗାର କରୁଥିବାବେଳେ ରାତ୍ରୀ ସମୟରେ ନଦୀକୂଳରେ ମଦ, ମାଂସ ଖାଇ ଆତଙ୍କ ସୃଷ୍ଟି କରୁଛନ୍ତି। ଫଳରେ ଝିଅ-ବୋହୂମାନେ ନଦୀକୁ ଯିବା ସମୟରେ ସେମାନଙ୍କ ଅଶାଳୀନ ବ୍ୟବହାରର ସମ୍ମୁଖୀନ ହେବା ସହ ଏ ସଂପର୍କରେ ଉପରିସ୍ଥ ଅଧିକାରୀ କିମ୍ବା ଥାନାକୁ ଜଣାଇଲେ, ସେମାନଙ୍କୁ ହତ୍ୟା କରିବା ସହ ପରିବାରକୁ ଧ୍ୱଂସ କରିଦେବେ ବୋଲି ଧମକ ଦେଉଛନ୍ତି। ଏଣୁ ଏହି ଘଟଣାରେ ନିରପେକ୍ଷ ତଦନ୍ତ ପୂର୍ବକ ଦୋଷୀଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆଡିବନ୍ଧ ନିର୍ମାଣ ପରେ ଠିକାଦାରଙ୍କୁ ବାଲି ଉଠାଇବାକୁ ଆଦେଶ ଦେଇ ସେମାନଙ୍କୁ ନ୍ୟାୟ ଓ ସୁରକ୍ଷା ନଦେଲେ ଆଗାମୀ ଦିନରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

## ସାମ୍ବାଦିକ ସ୍ୱର୍ଗତ ମିହିର ଆଚାର୍ଯ୍ୟଙ୍କ ପତ୍ନୀ ବିୟୋଗ



ବାଲେଶ୍ୱର,୨୫/୦୩ (ନି.ପ୍ର): ପ୍ରବୀଣ ସାମ୍ବାଦିକ ସ୍ୱର୍ଗତଃ ମିହିର ଆଚାର୍ଯ୍ୟଙ୍କ ଧର୍ମପତ୍ନୀ ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା । ବୟସାଧିକ ରୋଗରେ ପୀଡ଼ିତ ହୋଇ ସେ ଚିକିତ୍ସିତ ହେଉଥିଲେ। ତେବେ ତାଙ୍କର ମସ୍ତିଷ୍କରେ ରକ୍ତସ୍ରାବ ହେଉଥିବା ନେଇ ରବିବାର ସକାଳେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଜଣାପଡ଼ିବା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ତେବେ କଟକରେ ସାମାନ୍ୟ ସୁସ୍ଥ ହେବା ପରେ ପରିବାର ଲୋକେ ତାଙ୍କୁ ଘରକୁ ନେଇଆସିଥିଲେ। ଘରେ ଥିବା ବେଳେ ଗୁରୁବାର ସକାଳେ ତାଙ୍କର ଅବସ୍ଥା ସଂକଟାପନ୍ନ ହେବା ସହ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ମରଶରୀର ନିକଟରେ ଦୁଇ ଝିଅ ଓ ଜ୍ୱାଇଁ, ନାତିନାତୁଣୀ ଓ ପରିବାରବର୍ଗ ଉପସ୍ଥିତଥିଲେ । ସ୍ୱର୍ଗତାଃ ଆଚାର୍ଯ୍ୟଙ୍କ ମୃତ୍ୟୁ ଖବର ପାଇ ସହରର ବହୁ ବିଶିଷ୍ଟ ବ୍ୟକ୍ତି, ଆତ୍ମୀୟ ସ୍ୱଜନ ଓ ସ୍ଥାନୀୟ ବାସିନ୍ଦା ସୁନହଟସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରେ ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଦିଘିରହଣିଆସ୍ଥିତ ଶ୍ମଶାନକୁ ନିଆଯାଇ ଶୋକାକୁଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । କନିଷ୍ଠପୁତ୍ର ସଂଜୟ ଆଚାର୍ଯ୍ୟ ବାଲେଶ୍ୱର ଆଲୋଏଜର ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରତ ଥିବା ବେଳେ ୨ ବର୍ଷ ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ଓଡିଶାକୁ ବକେୟା ଟଙ୍କା ଦେବାକୁ ୨ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ସାଂସଦ

ଭୁବନେଶ୍ୱର,୨୫/୦୩(ନି.ପ୍ର): କେନ୍ଦ୍ର ସରାକରଙ୍କ ଠାରୁ ଓଡିଶା ପାଇବାକୁ ଥିବା ବକେୟା ଅର୍ଥ ପ୍ରଦାନ କରିବାକୁ ଦାବି କରି ବିଜୁ ଜନତା ଦଳର ସାଂସଦମାନେ ଗୁରୁବାର ଦିନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରମେଶ ପୋଖରିଆଲ ଓ କେନ୍ଦ୍ର କୃଷି ରାଷ୍ଟ୍ର ମନ୍ତ୍ରୀ ପୁରୁଷୋତମ ରୁପାଲାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଶିକ୍ଷା ବିଭାଗରୁ ଓଡିଶା ପାଇବାକୁ ଥିବା ୧୨୯.୯୬ କୋଟି ଟଙ୍କା ଓ କୃଷି ବିଭାଗରୁ ୫୯୮.୦୬ କୋଟି ଟଙ୍କା ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ସାଂସଦ ପ୍ରତିନିଧି ଦଳରେ ପ୍ରସନ୍ନ ଆଚାର୍ଯ୍ୟ, ଅମର ପଟ୍ଟନାୟକ , ଏନ . ଭାସ୍କର ରାଓ , ମୁନ୍ନା ଖାଁ ଓ ସସ୍ମିତ ପାତ୍ର ପ୍ରମୁଖ ସାମିଲ ଥିଲେ ।

# ଏଆଇଟିୟୁସି ପକ୍ଷରୁ ଶୋଭାଯାତ୍ରା ଓ ଦାବୀପତ୍ର ପ୍ରଦାନ




ବାରିପଦା,୨୪/୦୩ (ନି.ପ୍ର): ଅଖିଳ ଭାରତ ଟ୍ରେଡ଼ ୟୁନିୟନ କଂଗ୍ରେସ ମୟୂରଭଞ୍ଜ ଜିଲ୍ଲା କମିଟି ପକ୍ଷରୁ ଶ୍ରମିକମାନଙ୍କ ରହିଥିବା ସମସ୍ୟା ଗୁଡିକର ସମାଧାନ ପାଇଁ କର୍ପୋରେଟ ସ୍ୱାର୍ଥରେ ଶ୍ରମିକ ବିରୋଧୀ ଶ୍ରମ ଆଇନ ପରିବର୍ତ୍ତନ କରିବା, କୃଷକ ବିରୋଧୀ କଳା କୃଷି ଆଇନ ପ୍ରତ୍ୟାହାର କରିବା, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, ବିଦ୍ୟୁତ୍ ବୋର୍ଡର ଘରୋଇକରଣ ବନ୍ଦ କରିବା ଏବଂ ଏଥିରେ କାର୍ଯ୍ୟରତ ସବୁବର୍ଗର ଶ୍ରମିକ ଓ କର୍ମଚାରୀଙ୍କୁ ନିୟମିତ କରିବା, ସମସ୍ତ ଶ୍ରମିକ-କର୍ମଚାରୀଙ୍କର ମାସିକ ଭତ୍ତା ୨୧ ହଜାର ଟଙ୍କା ଏବଂ ସର୍ବନିମ୍ନ ପେନସନ୍ ଟ ୧୦ ହଜାର ଟଙ୍କା ପ୍ରଦାନକୁ ସୁନିଶ୍ଚିତ କରିବା, ବେକାର ମାନଙ୍କର କର୍ମନିଯୁକ୍ତି ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ସହ, ଓଡ଼ିଶାର ସମସ୍ତ ରୁଗଣ ଓ ବନ୍ଦ ଥିବା କଳକାରଖାନାକୁ ପୁନରୁଦ୍ଧାର କରି ଚାଲୁ କରିବା, ମନରେଗା ଢାଂଚାରେ ସହରାଂଚଳ ପାଇଁ ନିଶ୍ଚିତ କର୍ମନିଯୁକ୍ତି ଆଇନ ପ୍ରଣୟନ କରିବା, ଅଙ୍ଗନୱାଡି, ଆଶା, ପାଚିକା ସମେତ ସମସ୍ତ ସ୍କିମ୍ ୱାର୍କର ମାନଙ୍କୁ ୱାର୍କରର ମାନ୍ୟତା ପ୍ରଦାନ ଓ ସାମାଜିକ ନିରାପତ୍ତାକୁ ସୁନିଶ୍ଚିତ କରିବା, ନିର୍ମାଣ ଶ୍ରମିକ ମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପଞ୍ଜିକରଣ ଓ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବା, ଶ୍ରମ ବିଭାଗରେ ଖାଲି ପଡ଼ିଥିବା ସମସ୍ତ ପଦପଦବୀକୁ ତୁରନ୍ତ ପୂରଣ କରିବା ସହ ଆବଶ୍ୟକତା ଅନୁଯାୟୀ ନୂଆ ନିଯୁକ୍ତି ସୃଷ୍ଟି କରିବା, ଆକାଶଛୁଆଁ ଦରଦାମକୁ ନିୟନ୍ତ୍ରଣ କରିବା, ବନ୍ଦଥିବା ଖଣିଗୁଡ଼ିକ ଖୋଲିବା ସହ ନିଲାମ ପରେ ଚାଲୁଥିବା ଖଣିରେ ଶ୍ରମିକମାନଙ୍କ ପୁନଃ ନିଯୁକ୍ତିକୁ ସୁନିଶ୍ଚିତ କରିବା ପ୍ରଭୃତି ଦାବୀରେ ଆଜି ଅଖିଳ ଭାରତ ଟ୍ରେଡ଼ ୟୁନିୟନ କଂଗ୍ରେସର ବହୁ କର୍ମୀ ବାରିପଦା ରେଳ ଷ୍ଟେସନ ନିକଟରୁ ଏକ ଶୋଭାଯାତ୍ରାରେ ଆସି ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯାଇଥିବାର ଜଣା ଯାଇଛି। ଏହି ବିକ୍ଷୋଭ ଓ ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଜଗବନ୍ଧୁ ମିଶ୍ର, କାହ୍ନୁ ଚରଣ ବେହେରା, ମଧୁସୁଦନ ଜେନା, ସେକ ରାଜୁ, ଦେବେନ୍ଦ୍ର ନାଥ କୁଣ୍ଟୁ , ମହେଶ୍ୱର ବେହେରା ପ୍ରମୁଖଙ୍କ ନେତୃତ୍ୱରେ ବହୁ କର୍ମୀ ଯୋଗଦେଇଥିଲେ ।

## ଆସ୍ପିରେସନାଲ ସ୍କୁଲ ନିମନ୍ତେ ଖସଡ଼ା ପ୍ରସ୍ତୁତି ବୈଠକ



ଧାମନଗର,୨୫/୦୩ (ନି.ପ୍ର): ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟକୁ ସରକାରଙ୍କ ପ୍ରସ୍ତାବିତ ଆସ୍ପିରେସନାଲ ସ୍କୁଲ ରୁପେ ଗଢି ତୋଳିବା ନିମିତ୍ତ ଏକ ଖସଡ଼ା ପ୍ରସ୍ତୁତି ବୈଠକ ବୁଧବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବ୍ଲକ ଶିକ୍ଷାଧିକାରୀ ପିତାମ୍ବର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଧାମନଗର ବ୍ଲକ ଉନ୍ନୟନ ଅଧିକାରୀ ଦୁର୍ଗାଚରଣ ମୁର୍ମୁ, ଏନ୍ଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର, ସମ୍ପୃକ୍ତ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସେକ୍ ଜାଫର ଅଲ୍ଲୀ, ପ୍ରଧାନ ଶିକ୍ଷକ ମୁରଲୀଧର ମିଶ୍ର, ସର୍ବଶିକ୍ଷା ଅଭିଯାନରେ ବୈଷୟିକ ପରାମର୍ଶ ଦାତା ମଦନ ମୋହନ ମହାନ୍ତି, ଏନ୍ଏସିର କନିଷ୍ଠ ଯନ୍ତ୍ରୀ ପଞ୍ଚାନନ ସେଠୀ, ଏସ୍ଏମ୍ଡ଼ିସି ବରିଷ୍ଠ ସଭ୍ୟ ମହେଶ୍ୱର ସ୍ୱାଇଁ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସ୍କୁଲ ପରିବେଶକୁ ସୁନ୍ଦର ଭାବେ ଗଢିତୋଳିବାପାଇଁ ମତବ୍ୟକ୍ତ କରିଥିଲେ। ପ୍ରସ୍ତାବିତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ମଧ୍ୟରୁ ପ୍ରାଥମିକତାର ଭିତ୍ତିରେ ସ୍ମାର୍ଟ କ୍ଲାସରୁମ୍ ନିର୍ମାଣ, ଇ- ଲାଇବ୍ରେରୀ ସ୍ଥାପନ, ଶୌଚାଳୟର ପୁନଃ ନିର୍ମାଣ ସମେତ ପାନୀୟ ଜଳଯୋଗାଣ, ସ୍କୁଲ ପ୍ରାଚୀରର ପୂର୍ଣ୍ଣାଙ୍ଗୀ କରଣ ଓ ସ୍କୁଲ ବଗିଚାର ଉନ୍ନତି କରଣ ସମ୍ପର୍କରେ ସମୀକ୍ଷା ସହ ବିଦ୍ୟାଳୟ ପରିସରରେ ଉପସ୍ଥିତ ଅଧିକାରୀ ମାନେ କ୍ଷେତ୍ର ପରିଦର୍ଶନ କରିଥିଲେ। ବିଭାଗୀୟ ପଦତ୍ତ ୬୦ଲକ୍ଷ ଟଙ୍କାର ବ୍ୟୟ ଅଟକଳ ସମ୍ପର୍କରେ ଏକ ଖସଡ଼ା ପ୍ରସ୍ତୁତି କରାଯାଇଥିଲା। ସରକାରଙ୍କ ମୋ ସ୍କୁଲ ଯୋଜନାକୁ ପୁରାତନ ଛାତ୍ର, ଅବିଭାବକ ନିକଟରେ ପହଂଚି ବ୍ୟାପକ କରାଯିବୋଲି ବିଇଓ, ପ୍ରଧାନ ଶିକ୍ଷକ ସୂଚନା ଦେଇଛନ୍ତି।

## ଭାଇବୋହୁଙ୍କୁ ଦେଢସୁର ପିଟିବା ଘଟଣାରେ ଥାନାରେ ମାମଲା

ଜଳେଶ୍ୱର, ୨୫/୩ (ନିପ୍ର) : ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧିନ ଗଡସାହି ବାଲିଆପାଳ ଅଂଚଳରେ ଘରୋଇ ଜମି ଡିହ ବଣ୍ଟନକୁ କେନ୍ଦ୍ର କରି ଦୁଇ ଭାଇଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ଓ ମରଣାନ୍ତକ ଆକ୍ରମଣ ଅଭିଯୋଗ ହୋଇଛି । ଏଥିରେ ଦେଢସୁରଙ୍କ ପରିବାରବର୍ଗଙ୍କ ଆକ୍ରମଣରେ ଭାଇବୋହୁ ଗୁରୁତର ହୋଇ ନ୍ୟାୟ ପାଇଁ ଜଳେଶ୍ୱର ଥାନାର ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି । ଉକ୍ତ ଗ୍ରାମର ବରେନ୍ଦ୍ର କରଣ ଓ ଜ୍ଞାନରଂଜନ କରଣ ଦୁଇଭାଇ । ଜ୍ଞାନ ରଂଜନ ଗୋଆରେ ରହି କାର୍ଯ୍ୟ କରୁଥିବା ବେଳେ ବରେନ୍ଦ୍ର ଗାଁରେ ରହି କାର୍ଯ୍ୟ କରୁଥିଲେ । ଘର ଡିହରେ ଜ୍ଞାନ ରଂଜନର ସ୍ତ୍ରୀ ସଂଜୁଲତା (୩୭)ବାଡ କରୁଥିବା ବେଳେ ବରେନ୍ଦ୍ର ଓ ତାଙ୍କ ସ୍ତ୍ରୀ ଚମ୍ପାବତି ଓ ତାଙ୍କ ପୁଅବୋହୁ ଅମାନୁସିକଭାବେ ଆକ୍ରମଣ କରିଥିଲେ । ଏ ସଂପର୍କରେ ସଂଜୁଲତା ନ୍ୟାୟ ଲାଗି ଲିଖିତ ଅଭିଯୋଗ କରିଛନ୍ତି । ଘଟଣାଟି ଭିଡିଓ ଭାଇରାଲ ହୋଇଥିବାରୁ ସମଗ୍ର ଅଂଚଳରେ ଆଲୋଚନାର ବିଷୟ ହୋଇଛି ।

## କୃଷି ଆଇନ୍ ସମ୍ପର୍କରେ ସଂକଳ୍ପ ଅଣାଯାଉ : ନରସିଂହ ମିଶ୍ର

ଭୁବନେଶ୍ୱର,୨୫/୦୩ (ନି.ପ୍ର): କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ ତିନୋଟି କୃଷି ଆଇନକୁ ଓଡିଶାରେ କାର୍ଯ୍ୟକାରୀ ନ କରିବା ପାଇଁ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଆଣିଥିବା ପ୍ରସ୍ତାବକୁ ଗ୍ରହଣ କରି ଆଲୋଚନା କରିବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରା ଯାଇଥିଲା । ଏଥି ନେଇ ମଧ୍ୟ ବାଚସ୍ପତି ଓ କଂଗ୍ରେସ ସଭ୍ୟ ମାନଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିବା ଦେଖା ଯାଇଥିଲା । ଆଜି ଶୂନ୍ୟକାଳରେ ନରସିଂହ ମିଶ୍ର କହିଲେ ଯେ ସେ ଏ ସମ୍ପର୍କିତ ପ୍ରସ୍ତାବ ଦେଇଛନ୍ତି । ତା ଉପରେ ଆଲୋଚନା କରା ଯାଇ ଗୃହରେ ସଂକଳ୍ପ ନିଆ ଯାଉ । କିଛି ରାଜ୍ୟ କେନ୍ଦ୍ର ସରକାରଙ୍କ ଆଇନକୁ କାର୍ଯ୍ୟକାରୀ କରି ନାହାନ୍ତି । ତେଣୁ ଏହା ଉପରେ ଆଲୋଚନା କରା ଯାଉ ।

# ଅମର ଯବାନ ଯୁବ ସଂଗଠନ ତରଫରୁ ସହିଦ ଦିବସ ପାଳିତ




ରୁପ୍ସା/ବସ୍ତା/ବାଲେଶ୍ୱର,୨୫/୦୩ (ନି.ପ୍ର): ସଦର ବାଲେଶ୍ୱରର ବାହାବଳପୁର ମୁହାଣର ଫିସାରୀ ପଡ଼ିଆରେ ଦୁବଲାଗଡିର ଅମର ଯବାନ ଯୁବ ସଂଗଠନ ତରଫରୁ ଭାରତର ଐତିହାସିକ ଓ ଚିରସ୍ମରଣୀୟ ସହିଦ ଦିବସ ସହ ସଂଗଠନର ୪ର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ସଭାର ସଭାପତି ଭାବରେ ଗୟା ପ୍ରସାଦ ଦାସ, ପୂର୍ବତନ ସରପଂଚ ବାହାବଳପୁର ପରିଚାଳନା କରିଥିବା ବେଳେ ଉତ୍ସବକୁ ଉଦଘାଟକ ଭାବରେ ଅବସରପ୍ରାପ୍ତ କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଅଭୟ ଦାସ, ବହିଘର ବାଲେଶ୍ୱର, ମୁଖ୍ୟ ବକ୍ତା କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ ସମ୍ପାଦକ ଓ ସଙ୍ଗଠକ ଇଞ୍ଚୁଡି , ସମ୍ମାନୀତ ଅତିଥି ଭାବରେ ସ୍ୱେଶର ଜେନା, ସମ୍ପାଦକ ସମୟର ଚକ୍ର, ଗୋବିନ୍ଦ ଦଳାଇ ନିର୍ଦ୍ଦେଶକ ଯୁବ ବିକାଶ ବାଲେଶ୍ୱର, ମାନସ କୁମାର ମାଇତି, ପ୍ରତିଷ୍ଠାତା,ବାହାବଳପୁର ଆଞ୍ଚଳିକ ଇଂରାଜୀ ବିଦ୍ୟାଳୟ ପ୍ରମୁଖ ଯୋଗ ଦେଇଥିଲେ । ଆରମ୍ଭରେ ଯୁବ ସଂଗଠନର ସଭାପତି ଭକ୍ତ ଚରଣ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶିଳ୍ପୀ କେଶୁଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସଂଗଠନର ସଂପାଦକ ସଞ୍ଜୀବ କୁମାର ମଣ୍ଡଳ । ଆମନ୍ତ୍ରିତ ଅତିଥି ଅଭୟ ଲାଲ ପାତ୍ର, ଦୀନକୃଷ୍ଣ ବେହେରା, ଓ ଏସ୍ ପି ରାଉତ ସରପଂଚ ରସ୍ମିତା ମଣ୍ଡଳ (ବାହାବଳପୁର), ଶୈଳବାଳା ଜେନା ( ଦୁବଲାଗଡି) କବିତା ପାତ୍ର ( ପରିଖି) , ପ୍ରଧାନ ଶିକ୍ଷକ , ଇନ୍ଦ୍ରଜିତ ପାତ୍ର ( ଛାନୁଆ) ଗନ୍ୟମାନ ଅତିଥି, ଶ୍ରୀ କୃଷ୍ଣ ଗିରି, ବିଜୟାନନ୍ଦ ସ୍ୱାଇଁ, ପଞ୍ଚାନନ ମାନ୍ନା ନିରଞ୍ଜନ ମଣ୍ଡଳ ଯୋଗ ଦେଇଥିଲେ । ସମ୍ବର୍ଧିତ ଛାତ୍ର ଛାତ୍ରୀ, ଦଦବଲାଗଡି ସରକାରୀ ବିଦ୍ୟାଳୟଦୀପକ କୁମାର ବେରା ୫୪୧, ଛାନୁଆ ସରକାରୀ ବିଦ୍ୟାଳୟର ପ୍ରଭାତୀ ପଟ୍ଟାୟତ ୪୭୧,ଏଣ୍ଡରାଇ ସତସଙ୍ଗ ଶିକ୍ଷା ନିକେତନ ରସ୍ମିରଞ୍ଜନ ବାରିକ ୪୩୧, ପରିଖି ଆଞ୍ଚଳିକ ସରକାରୀ ବିଦ୍ୟାଳୟର ଶୁଭମ ପାତ୍ର ଦେଶାତ୍ମବୋଧକ ଗୀତ ଓ ସଙ୍ଗୀତ ର ବିଚାରପତି ଭୁବନ ମୋହନ ସାହୁ ଦିବାକର ସିଂ ।

# ଓମ ନାଟ୍ୟସଂସ୍ଥା ଦ୍ୱାରା ମଂଚସ୍ଥ ହେଲା ନାଟକ 'ଗାନ୍ଧୀଙ୍କ ଓଡିଶା'



ବାରିପଦା,୨୪/୦୩ (ନି.ପ୍ର): ସ୍ଥାନୀୟ ଶହୀଦ ସ୍ମୃତି ଭବନ ଠାରେ ଓମ ନାଟ୍ୟ ସଂସ୍ଥା ଆନୁକୁଲ୍ୟରେ ବାରିପଦା କଳାକାର ପରିବାର ସହଯୋଗରେ ଗାନ୍ଧୀଙ୍କ ଓଡିଶା ନାଟକ ୨୩ ତାରିଖ ସଂଧ୍ୟାରେ ମଂଚସ୍ଥ ହୋଇଯାଇଛି। ଏହି ନାଟକକୁ ବାରିପଦା ଠାରେ ଗାନ୍ଧିଆନ ଆଦିତ୍ୟ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ଶିର୍କା ଓ ଗିତୀକାର ସଂଗ୍ରାମ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ। ଗାନ୍ଧୀଙ୍କ ଓଡିଶା ଆଗମନର ୧୦୦ ବର୍ଷ ପୂର୍ତ୍ତୀ ଅବସରରେ ଶଙ୍କର ତ୍ରିପାଠୀଙ୍କ ରଚିତ ତଥା ରାଜ୍ୟ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସରକାରଙ୍କ ପ୍ରସ୍ତୁତ ଏହି ନାଟକ ଓଡିଶାର ୨୫ ଟି ଜିଲ୍ଲାରେ ଏକ କାଳୀନ ବିଭିନ୍ନ ନାଟ୍ୟ ଅନୁଷ୍ଠାନ ଦ୍ୱାରା ମଂଚସ୍ଥ ହୋଇ ରେକର୍ଡ ସ୍ଥାପନ କରିଛି । ନାଟ୍ୟକାର ଧୀର ବଶାଙ୍କ ନିର୍ଦ୍ଦେଶିତ ଏହି ନାଟକରେ ସହ ନିର୍ଦ୍ଦେଶନା ରତିକାନ୍ତ ବେହେରା, ଆଲୋକରେ ଶ୍ରୀକାନ୍ତ ଚୌଧୁରୀ, ସଂଗୀତରେ ଶାନ୍ତନୁ ସିଂହ ସହାୟତା କରିଥିଲେ । ଆଲୋକ ଓ ଶବ୍ଦରେ ଟ୍ୟୁନ ଏଣ୍ଡ ଲାଇଟର ସଞ୍ଜୟ କୁମାର ନାୟକ, ବେଷଭୂଷା ଓ ପୋଷାକରେ ମଂଚରୂପା କଟକ, ପ୍ରଜେକ୍ସନ ଡିଜାଇନରେ ରାଜେସ ଦାସ, ମନୋଜ ଦଳବେହେରା ଓ ସୋମନାଥ ସିଂହ ସହଯୋଗ କରିଥିଲେ । ଅଭିନୟରେ ଜ୍ଞାନ ରଞ୍ଜନ ପଣ୍ଡା, ରତିକାନ୍ତ ବେହେରା, ଅନୁପ ଶାହା, ରାଜେସ ଦାସ, ଫାଲଗୁନୀ ମହାନ୍ତି, ସରୋଜ ଶତପଥି, ବିଜେନ୍ଦ୍ର ରାଉତ, ଗୋକୁଳ ଚନ୍ଦ୍ର ଦାସ, ପ୍ରଦୀପ ଜେନା, ଗୋପାଳ ସାଓ, ସୁବ୍ରତ ଦେ, ଅରୂପ ଘୋଷ, କୁନ୍ଦନ ଭଞ୍ଜ, ମଳୟ ଗିରି, ସୌମ୍ୟଶ୍ରୀ ବିଧାଣି, ବେଣୁଧର ଜେନା, ମହେନ୍ଦ୍ର, ସୌମ୍ୟଶିକ୍ଷ ଶତପଥି, ରଣଜିତ ସାହୁ, ଲିଟନ ପଟ୍ଟନାୟକ, ଚନ୍ଦନ ପ୍ରମୁଖଙ୍କ ସହିତ ନାରୀ ଭୂମୀକାରେ ଅନୀତା ମିଶ୍ର, ଅମିଷା ଦାସ ଓ କୁମକୁମ ପ୍ରମୁଖ ଅଂଶଗ୍ରହଣ କରିଥିବା ବେଳେ, ଅନ୍ୟମାନଙ୍କ ମଧ୍ୟରେ ବଳରାମ ପୁର ସଂକୀର୍ତ୍ତନ ମଣ୍ଡଳି, ବାରିପଦା ପୂର୍ଣ୍ଣଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଗୁରୁକୁଳ ଡ୍ୟାନ୍ସ ଏକାଡେମୀର ଛାତ୍ର ମାନେ ନିଜନିଜର ଭୂମୀକା ତୁଲାଇଥିଲେ । ବାଦ୍ୟ ଯନ୍ତ୍ରରେ କାଲୁ, ବରଦା କାନ୍ତ, ବାପି ରହିଥିବା ବେଳେ, ମଂଚ ପରିଚାଳନାରେ ସତ୍ୟାନନ୍ଦ ଶେଜପଡା ଓ ଆଲୋକ ବାରିକ, ଶବ୍ଦ ପରିଚାଳନାରେ ଦିଜ କିଶୋର ପରିଡା ଓ ଶହୀଦ ସ୍ମୃତି ଭବନର ମେନେଜର ଅସୀତ ଦାସ ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଭୁବନେଶ୍ୱରରୁ ସ୍ୱତନ୍ତ୍ର ....

୨୧ ଏପ୍ରିଲ ୨୦୨୧ ଠାରୁ ପରବର୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ । ୱିହ ଟ୍ରେନ୍ ଭୁବନେଶ୍ୱରରୁ ସନ୍ଧ୍ୟା ୭ଘ.୩୫ମି.ରେ ଛାଡ଼ି ତା ପରଦିନ ପୂର୍ବାହ୍ନ ୧୧ ଘ. ୫୫ମି.ରେ ଜଗଦଲପୁରରେ ପହଂଚିବ । ଫେରିବା ମାର୍ଗରେ ଏହି ଟ୍ରେନ୍ ଜଗଦଲପୁରରୁ ଅପରାହ୍ନ ୪ଘ.୩୦ମି.ରେ ଛାଡ଼ି ଭୁବନେଶ୍ୱରରେ ତା ପରଦିନ ସକାଳ ୮ଘ. ୨୦ମି.ରେ ପହଂଚିବ । ଏହିଟ୍ରେନ୍ ଉଭୟ ପାର୍ଶ୍ୱରୁ ଭୁବନେଶ୍ୱର ଓ ଜଗଦଲପୁର ମଧ୍ୟରେ ଖୋର୍ଦ୍ଧା ରୋଡ଼, ନିରାକାରପୁର, କାଲୁପଡ଼ାଘାଟ, ବାଲୁଗାଁ, ଖଲିକୋଟ, ଛତ୍ରପୁର, ବ୍ରହ୍ମପୁର, ଇଚ୍ଛାପୁରମ୍, ସୋମପେଟା, ପଲାସା, ଶ୍ରୀକାକୁଲମ ରୋଡ଼, ଚିପୁରୁପାଲୀ, ବିଜୟନଗରମ୍, ବବିଲି, ପାର୍ବତୀପୁରମ, ପାର୍ବତୀପୁରମ୍ ଟାଉନ, ରାୟଗଡ଼ା, ଟିକିରି, ଦାମନଯୋଡ଼ି, କୋରାପୁଟ ଏବଂ ଜୟପୁର ଷ୍ଟେସନ ମାନଙ୍କରେ ରହଣି କରିବ । ଏହା ପୂର୍ବରୁ ଏହି ସ୍ୱତନ୍ତ୍ର ଟ୍ରେନ୍ ଭୁବନେଶ୍ୱର ଏବଂ କୋରାପୁଟ ମଧ୍ୟରେ ସମ୍ବଲପୁର, ଟିଟିଲାଗଡ଼ ଏବଂ ରାୟଗଡ଼ା ମାର୍ଗ ଦେଇ ଚଳାଚଳ କରୁଥିଲା । ଯାତ୍ରୀ ମାନଙ୍କର ସୁବିଧାକୁ ଦୃଷ୍ଟିରେ ରଖି ଏହି ଟ୍ରେନକୁ ୧୯ ଏପ୍ରିଲରୁ ଭୁବନ୍ବେର ଠାରୁ ଏବଂ ୨୦ ଏପ୍ରିଲ, ୨୦୨୧ ଠାରୁ କୋରାପୁଟରୁ ବାତିଲ କରାଯାଇ ଏହି ଟ୍ରେନର କୋଭିଡ଼ ପୂର୍ବରୁ ନିର୍ଦ୍ଧାରିତ ଚଳାଚଳ ମାର୍ଗ ଭାୟା ବ୍ରହ୍ମପୁର, ବିଜୟନଗରମ୍ ଏବଂ ରାୟଗଡ଼ା ପଥଦେଇ ଚଳାଚଳ କରାଇବାକୁ ନିଷ୍ପତି ଗ୍ରହଣ କରାଗଲା । ଭୁବନେଶ୍ୱର-ନୟାଗଡ଼ ଟାଉନ୍ ବିଶେଷ ଟ୍ରେନ୍ - ୦୮୪୨୩ ଭୁବନେଶ୍ୱର-ନୟାଗଡ଼ ଟାଉନ ସ୍ୱେଶାଲ ଭୁବନେଶ୍ୱରରୁ ୧୩ ଏପ୍ରିଲ ୨୦୨୧ ଏବଂ ୦୮୪୨୪ ନୟାଗଡ଼ ଟାଉନ୍-ଭୁବନେଶ୍ୱର ସ୍ୱେଶାଲ ନୟାଗଡ଼ ଟାଉନଠାରୁ ୧୪ ଏପ୍ରିଲ ୨୦୨୧ ଠାରୁ ଚଳାଚଳ କରିବାକୁ ନିଷ୍ପତି ନିଆଯାଇଛି । ଏହି ଟ୍ରେନ୍ ଭୁବନେଶ୍ୱରରୁ ସନ୍ଧ୍ୟା ୬ଘ.୪୦ମି.ରେ ଛାଡ଼ି ନୟାଗଡ଼ ଟାଉନରେ ରାତ୍ର ୮ଘ.୪୫ ମି.ରେ ପହଂଚିବ । ନୟାଗଡ଼ ଟାଉନରୁ ଏହିଟ୍ରେନ୍ ସକାଳ ୬ଘ.୩୦ମି.ରେ ଛାଡ଼ି ଭୁବନେଶ୍ୱରରେ ପୂର୍ବାହ୍ନ ୯ ଘଟିକାରେ ପହଂଚିବ । ଉଭୟ ଦିଗରୁ ଏହି ଟ୍ରେନ୍ ଭୁବନେଶ୍ୱର ଏବଂ ନୟାଗଡ଼ ଟାଉନ୍ ମଧ୍ୟରେ ଖୋର୍ଦ୍ଧାରୋଡ଼, ଖୋର୍ଦ୍ଧା ଟାଉନ, ବେଗୁନିଆ, ରାଜସୁନାଖଳା ଏବଂ ବୋଲଗଡ଼ ରୋଡ଼ରେ ରହଣି କରିବ ।

### ତାଳଚେରରେ ଖୋଲିପାରେ ....

ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ରର ତୃତୀୟ ପର୍ଯ୍ୟାୟର ସଂପ୍ରସାରଣକୁ ତ୍ୱରାନ୍ୱିତ କରିବା ପାଇଁ ଶକ୍ତି ମନ୍ତ୍ରଣାଳୟର ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଆଜି କେନ୍ଦ୍ର ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସିଂହଙ୍କୁ ପତ୍ର ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିବା ସହ ଟେଲିଫୋନରେ ଆଲୋଚନା କରିଥିଲେ। ଶ୍ରୀ ପ୍ରଧାନ ସଂଲଗ୍ନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଓଡିଶାକୁ ଦୀର୍ଘ ୨୫ ବର୍ଷ ପାଇଁ ଶକ୍ତି ଯୋଗାଇବା ପାଇଁ ୨୦୧୦ରେ ଏନଟିପିସି ଟିଟିପିଏସର ଷ୍ଟେଜ୍ -୩ ସମ୍ପ୍ରସାରଣ ପାଇଁ ୧୩୨୦ ମେଗାୱାଟ ପର୍ଯ୍ୟନ୍ତ ଅତ୍ୟାଧୁନିକ ସୁପର କ୍ରିଟିକାଲ ପାୱାର ଷ୍ଟେସନ ଭାବରେ ୬୬୦ ମେଗାୱାଟର ଦୁଇଟି ୟୁନିଟ୍ ବିଶିଷ୍ଟ ଏକ ପ୍ରକଳ୍ପ ପାଇଁ ପ୍ରସ୍ତାବ ଦେଇଥିଲା। ଅକ୍ଟୋବର ୨୦୧୧ରେ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଏହାକୁ ସର୍ବବୃହତ ପ୍ରକଳ୍ପ ଭାବରେ ମାନ୍ୟତା ପ୍ରଦାନ କରାଯାଇଥିଲା। ଏଥିପାଇଁ ଏନଟିପିସି ଦ୍ୱାରା ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତନ ମନ୍ତ୍ରଣାଳୟର ଆନୁଷଙ୍ଗିକ ଅନୁମତି ପ୍ରଦାନ କରାଯାଇଥିଲା। ୧୮ ଏପ୍ରିଲ ୨୦୧୭ରେ ଏନଟିପିସି ଦ୍ୱାରା ଓଡିଶା ସରକାରଙ୍କ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ପାଇଁ ଆବେଦନ କରାଯାଇଥିଲା। ଏକ ବୃହତ ପ୍ରକଳ୍ପ ହୋଇଥିବା କାରଣରୁ ଓଡ଼ିଶା ସରକାରଙ୍କ ଉଚ୍ଚସ୍ତରୀୟ କମିଟିର ଅନୁମତି ଆବଶ୍ୟକତା ଥିଲା। ମାତ୍ର ଅନୁମୋଦନରେ ବିଳମ୍ବ କାରଣରୁ ଖୋଦ୍ କେନ୍ଦ୍ରମନ୍ତ୍ରୀ ୧୧ ସେପ୍ଟେମ୍ବର ୨୦୧୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ଏହି ପ୍ରକଳ୍ପକୁ ଶୀଘ୍ର ଅନୁମୋଦନ ଦେବା ନିମନ୍ତେ ପତ୍ର ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ କରିଥିବା ପତ୍ରରେ ଉଲ୍ଲେଖ ରହିଛି । ଏ ନେଇ କେନ୍ଦ୍ର ଶକ୍ତି ରାଷ୍ଟ୍ରମନ୍ତ୍ରୀ ମଧ ଏଥିପାଇଁ ପତ୍ର ଲେଖିଥିବା ଚିଠିରେ ଶ୍ରୀ ପ୍ରଧାନ ଜଣାଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ୨୦୧୮ ରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିପାରିଥାନ୍ତେ। ମାତ୍ର ୨୦୨୦ ଫେବୃୟାରୀ ମାସରେ ଓଡ଼ିଶା ସରକାରଙ୍କ ଉଚ୍ଚସ୍ତରୀୟ କମିଟି ଏହି ପ୍ରକଳ୍ପ ପାଇଁ ଅନୁମତି ପ୍ରଦାନ କରିଥିଲା। ତେବେ ସ୍ଥାନୀୟ ଜନସାଧାରଣଙ୍କ ଜୀବନଜୀବିକା ତଥା ସ୍ଥାନୀୟ ଅର୍ଥନୀତିକୁ ମଜବୁତ କରିବା ପାଇଁ ଏହି ପ୍ରକଳ୍ପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ତେଣୁ ପୂର୍ବ ଭାରତ ଏବଂ ଓଡ଼ିଶାର ସାମାଜିକ ଅର୍ଥନୈତିକ ବିକାଶ ପାଇଁ ସ୍ୱଳ୍ପ ମୂଲ୍ୟର ଏବଂ ନିର୍ଭରଯୋଗ୍ୟ ଶକ୍ତିର ନିରନ୍ତର ଉପଲବ୍ଧତାକୁ ସୁନିଶ୍ଚିତ କରିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବା ପାଇଁ ଶ୍ରୀ ସିଂହଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ କରିବା ଅବସରରେ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ମିଶନ ପରିକଳ୍ପନାରେ ଓଡ଼ିଶା ପୂର୍ବ ଭାରତର ଆର୍ଥିକ ଅଭିବୃଦ୍ଧିର ଅଗ୍ରଣୀ ରାଜ୍ୟ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ଏହା ପେଟ୍ରୋଲିୟମ, ପେଟ୍ରୋକେମିକାଲ୍ସ, ଲଜିଷ୍ଟିକ୍ସ, ଇସ୍ପାତ ଏବଂ ଖଣିଜ କ୍ଷେତ୍ରରେ ଏକ ଆନ୍ତର୍ଜାତୀୟ ହବ୍ ଭାବରେ ଉଭା ହୋଇଛି। ଏହି ଅଂଚଳର ଆର୍ଥିକ ଅଭିବୃଦ୍ଧିକୁ ସହଯୋଗ ତଥା ବୃଦ୍ଧି ପାଇଁ ରାଜ୍ୟକୁ ସ୍ୱଳ୍ପ ମୂଲ୍ୟର ଏବଂ ନିର୍ଭରଯୋଗ୍ୟ ଶକ୍ତି ଯୋଗାଣ ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ।

### ଗୋଟିଏ ଦିନରେ ୨୧୪....

ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୩୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲାରେ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ ଜିଲ୍ଲାରେ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଭଦ୍ରକ ଜିଲ୍ଲାରେ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରେ ୨୦ ଜଣ ତଥା ବୌଦ୍ଧ ଜିଲ୍ଲାରେ ୨ କରୋନା ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । କଟକ ଜିଲ୍ଲାରୁ ୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ହୋଇନାହାନ୍ତି । ଗଂଜାମ ଜିଲ୍ଲାରୁ ୪, ଜଗତସିଂହପୁର ଜିଲ୍ଲାରୁ୨ . ଯାଜପୁରରୁ ୫ ଜଣ, ଝାରସୁଗୁଡ଼ାରୁ ୩ ଜଣ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । କନ୍ଧମାଳ ଜିଲ୍ଲାରୁ ୧, କେନ୍ଦ୍ରାପଡା ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୩୩ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଜିଲ୍ଲାରୁ ୧୦ ତଥା ମାଲକାନଗିରି ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୁରଭଂଜ ଜିଲ୍ଲାରୁ ୮ , ନବରଙ୍ଗପୁର୍ ରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

### ଓଡ଼ିଶାରେ ପରିସ୍ଥିତି ଠିକ୍ ....

ସଂକ୍ରମଣ ହାର ଯଥେଷ୍ଟ ଅଧିକ, ହେଲେ ଓଡ଼ିଶାକୁ ସେହି ସ୍ଥିତି ଆସି ନାହିଁ। ୪ଟି ରାଜ୍ୟର ଆଇଏଲଏସ ଦେଶର ଦଶଟି ଅନୁଷ୍ଠାନ ସିକ୍ୱେନ୍ସିଂ କରୁଥିଲେ। ଗତ ଡିସେମ୍ବର ମାସରେ ୩ ଜଣ ୟୁକେ ଫେରନ୍ତା ଆସିଥିଲେ। ସେମାନଙ୍କ ଠାରେ ୟୁକେ ଷ୍ଟ୍ରେନ ଦେଖାଯାଇଥିଲା। ସେମାନେ ଏବେ ଆରୋଗ୍ୟ ହୋଇସାରିଛନ୍ତି। ଆଉ କାହାକୁ ସଂକ୍ରମିତ କରି ନାହାନ୍ତି। ୨୨୦ଟି ନମୂନା ଆଇଏଲଏସରେ ଟେଷ୍ଟ କରାଯାଇଥିଲା। ମହାରାଷ୍ଟ୍ର ଓ ପଞ୍ଜାବରେ ଦେଖାଯାଉଥିବା ଷ୍ଟ୍ରେନର ସଂକ୍ରମଣ ହାର ଯଥେଷ୍ଟ ଅଧିକ। ପୁନଃ ସଂକ୍ରମଣ ହାର ବଢ଼ିଛି । ୧:୧ ରୁ ୧:୫ ହୋଇ ଯାଇଛି। କିନ୍ତୁ ଏନ୍ ୪୪୦କେ ଭେରିଏଂଟ ଏତେଟା ମାରାତ୍ମକ ନୁହେଁ। ପଞ୍ଜାବରେ ୭୦ ପ୍ରତିଶତ ୟୁକେ ଭେରିଏଂଟ ବୋଲି ସେ କହିଛନ୍ତି।

### ଯୁବ କଂଗ୍ରେସର ଯୁବ ....

ଗୁରୁବାର ଦିନ କଂଗ୍ରେସ ଭବନଠାରେ ଆୟୋଜିତ ସମାବେଶରେ ଅଖିଳ ଭାରତ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବି.ଭି ଯୋଗଦେଇ କହିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ଇସ୍ତାହାରରେ ବର୍ଷକୁ ୨ କୋଟି ବେକାର ଯୁବକଯୁବତୀଙ୍କୁ ନିଯୁକ୍ତି ଦେବାପାଇଁ ଦେଇଥିବା ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣତ ହୋଇଛି। ବର୍ତମାନ ବିଭିନ୍ନ ସଭା ସମିତିରେ ଭାଷଣ ଦେଲାବେଳେ କେତେ ବେକାର ନିଯୁକ୍ତି ପାଇଛନ୍ତି ସେ ସଂପର୍କରେ ମୋଦି କାହିଁକି ପ୍ରକାଶ କରୁନାହାନ୍ତି ? ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସର ମୂଲ୍ୟ ଅହେତୁକ ବୃଦ୍ଧି ଫଳରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ନିୟନ୍ତ୍ରଣ କରିବାରେ ମୋଦି ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ସେହିଭଳି ରାଜ୍ୟ ବେରୋଜଗାରୀରେ ୧ ନମ୍ବର ସ୍ଥାନ ଅଧିକାର କରିବା ମୁଖ୍ୟମନ୍ତ୍ରୀଙ୍କର ପାରିବା ପଣିଆର ପ୍ରମାଣ ଦେଉଛି ବୋଲି ସେ କଟୁ ସମାଲୋଚନା କରିଥିଲେ। ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା ନିଜ ବକ୍ତବ୍ୟରେ କହିଲେ ଯେ ରାଜ୍ୟରେ ଦିନକୁ ଦିନ ଶିକ୍ଷିତ ଯୁବକ ଯୁବତୀଙ୍କ ସଂଖ୍ୟା ବଢୁଥିଲେ ମଧ ସେମାନଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ଯୁବକମାନଙ୍କର ସମସ୍ୟାକୁ ସମାଧାନ କରିବା ପରିବର୍ତେ ରାଜ୍ୟ ସରକାର ସଂପୂର୍ଣ୍ଣ ଉଦାସୀନ ରହିବା ଯୁବ ସମାଜ ପ୍ରତି ଉପହାସ ବୋଲି ଶ୍ରୀ ଲେଙ୍କା ଅଭିଯୋଗ କରିଥିଲେ। ଉଦ୍‌ବୋଧନ ଦେଇ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଓ ଅଖିଳ ଭାରତ କଂଗ୍ରେସ କମିଟି ସଂପାଦକ ଶ୍ରୀ ରୁଦ୍ର ରାଜୁ, ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ବିଧାୟକ ମହମ୍ମଦ ମୋକିମ୍, ବିହାର ଓ ମଣିପୁର ରାଜ୍ୟର କଂଗ୍ରେସ ପ୍ରଭାରୀ ଭକ୍ତ ଚରଣ ଦାସ, ଏଆଇସିସି ସଂପାଦକ ବିଶ୍ୱରଂଜନ ମହାନ୍ତି, ଅଖିଳ ଭାରତ ଯୁବ କଂଗ୍ରେସ ସାଧାରଣ ସଂପାଦିକା ସୁଶ୍ରୀ ପ୍ରତିଭା ରଘୁବଂଶୀ, ସଂପାଦକ ରିୟାଜୁଲ୍ ଅନସାରୀ, ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନ୍‌ଗୋ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୃଷିମାରଣନୀତି, ବିପର୍ଯ୍ୟସ୍ତ ଆଇନ୍‌ଶୃଙ୍ଖଳା ପରିସ୍ଥିତି, ବେକାରୀ ସମସ୍ୟା ସଂପର୍କରେ କଟୁ ସମାଲୋଚନା କରିଥିଲେ। ଶ୍ରୀ ଶ୍ରୀନିବାସ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ଲେଙ୍କାଙ୍କ ନେତୃତ୍ୱରେ ଏକ ବିରାଟ ମୋଟର ସାଇକେଲ ପଟୁଆର କଂଗ୍ରେସ ଭବନ ପର୍ଯ୍ୟନ୍ତ ଶ୍ରୀ ଶ୍ରୀନିବାସଙ୍କୁ ସ୍ୱାଗତ କରି ଆଣିଥିଲେ ଏବଂ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ତାଙ୍କୁ ଉତ୍ସ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ୩୦ବର୍ଷ ଧରି ନିଖୋଜ ଅଭିମନ୍ୟୁ

ଖଇରା,୨୫/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ନହଙ୍ଗ ପଞ୍ଚାୟତ ରଇଁତିରା ଗ୍ରାମର ଜଟାଧାରୀ ସେଣ୍ଠଙ୍କ ପୁଅ ଅଭିମନ୍ୟୁ ୩୦ବର୍ଷ ଧରି ନିଖୋଜ ଥିବା ନେଇ ଭିଣୋଇ କ୍ଷେତ୍ରବାସୀ ନାୟକ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ୩୦ବର୍ଷ ତଳେ କଳା ପ୍ୟାଣ୍ଟ ଓ ଧଳା ଗେଞ୍ଜି ପିନ୍ଧି କେଉଁ ଆଡକୁ ଚାଲି ଯାଇଛି । ବିଭିନ୍ନ ସ୍ଥାନରେ ଖୋଜାଖୋଜି ସତ୍ତ୍ୱେ ଏ ପର୍ଯ୍ୟନ୍ତ ଅଭିମନ୍ୟୁର କୋଣସୀ ସୁରାକ ମିଳିନାହିଁ । ପୁଅକୁ ଝୁରି ଝୁରି ୨୦୧୫ ମସିହା ଜାନୁଆରୀ ୮ରେ ବାପା ଜଟାଧାରୀ ଓ ୨୦୧୬ ମସିହା ଅଗଷ୍ଟ ୧୫ରେ ମା ମାଗୁଣୀ ଆଖିବୁଜି ସାରିଲେଣି । କୌଣସୀ ସହୃଦୟ ବ୍ୟକ୍ତି ଅଭିମନ୍ୟୁ ବିଷୟରେ ଖବର ପାଇବା ମାତ୍ରେ ମୋବାଇଲ ନମ୍ବର ୯୫୫୬୭୮୯୬୨୬ରେ ଯୋଗାଯୋଗ କରିବାକୁ ଅଭିମନ୍ୟୁଙ୍କ ସମ୍ପର୍କୀୟ ମାନେ ଆକୁଳ ନିବେଦନ କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି



## ଜମିର କିସମ ପରିବର୍ତ୍ତନ ବନ୍ଦ ପାଇଁ ବିଧାନସଭାରେ ସଂକଳ୍ପ ପାରିତ କରାଯାଉ : ମନ୍ତ୍ରୀ

ଭୁବନେଶ୍ୱର,୨୫/୦୩ (ନି.ପ୍ର): ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ଜଳସେଚିତ ଜମି ଗୁଡିକ ହ୍ରାସ ପାଇବା ଫଳରେ ରାଜ୍ୟରେ ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଏଥିଲାଗି କିସମ ପରିବର୍ତନ (କନଭରସନ୍) କିପରି ବନ୍ଦ କରାଯାଇ ପାରିବ ସେଥିନେଇ ଗୃହରେ ଏକ ସଂକଳ୍ପ ପାରିତ କରିବାପାଇଁ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ବିଧାୟକମାନଙ୍କୁ ଅନୁରୋଧ କରିଛନ୍ତି। ଏହା ବ୍ୟତୀତ କିସମ ପରିବର୍ତନରେ ରାଜସ୍ୱ ବିଭାଗର ବିଶେଷ ଭୂମିକା ରହିଛି ମନ୍ତ୍ରୀ ବିଧାନସଭାରେ ପ୍ରକାଶ କରିଛନ୍ତି। ବିଧାୟକ ଅମର ପ୍ରସାଦ ଶତପଥୀ , ନରସିଂହ ମିଶ୍ର , ଲକ୍ଷ୍ମଣ ମୁଣ୍ଡା , ପ୍ରମିଳା ମଲ୍ଲିକ, ଭବାନୀ ଶଙ୍କର ଭୋଇ, ସନ୍ତୋଷ ସିଂ ସାଲୁଜା, ନାରାୟଣ ରାଓ, ଅତନୁ ସବ୍ୟସାଚୀ ନାୟକ , ପ୍ରଦୀପ ଅମାତ, ତାରା ପ୍ରସାଦ ବାହିନୀପତି, ଭାଗିରଥୀ ସେଠୀ ପ୍ରମୁଖଙ୍କ ମୂଳ ଓ ଅତିରିକ୍ତ ପ୍ରଶ୍ନରଉତର ଦେଇ ମନ୍ତ୍ରୀ ଶ୍ରୀ ଦାସ କହିଥିଲେ ଯେ ରାଜ୍ୟର ସମସ୍ତ ୩୧୪ ଟି ବ୍ଲକ୍ ମଧ୍ୟରୁ ୨୫୧ ଟି ବ୍ଲକ୍ ରେ ୩୫% ଜଳସେଚନର ସୁବିଧା ଯୋଗାଇ ଦିଆଯାଇଛି। ଅବଶିଷ୍ଟ ୬୩ଟି ବ୍ଲକ୍ କୁ ପର୍ଯ୍ୟାୟକ୍ରମେ ଜଳସେଚନର ସୁବିଧା କରାଯିବ। କୃଷ୍ଣ ପ୍ରସାଦ ବ୍ଲକ୍ ରେ ଜଳ ସେଚନ କରିବାପାଇଁ ସୁବିଧା ନଥିଲେ ହେଁ ଏହାକୁ କିପରି କରାଯାଇପାରିବ ସରକାର ଉଦ୍ୟମ କରୁଛନ୍ତି। ଲୋୟର ସୁକତେଲ ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କରାଯିବ। ଜଳ ମାଡୁନଥିବା ଅଂଚଳରେ ଜଳକର ଆଦାୟ ଜଳସେଚନ ବିଭାଗ ପରିବର୍ତେ ରାଜସ୍ୱ ବିଭାଗ ଆଦାୟ କରିଥାଏ। ଜଳସମ୍ପଦ ବିଭାଗର ଜବରଦଖଲ ହୋଇଥିବା ଜମିରୁ ଜବରଦଖଲ ହଟାଇବାପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାର ଉତର ଦେଇ ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ମୋଟ ପ୍ରାୟ ୩୫ ଲକ୍ଷ ୯୯ ହଜାର ହେକ୍ଟର ଚାଷ ଜମି ପାଇଁ ଜଳସେଚନ ବ୍ୟବସ୍ଥା କରାଯାଇଛି। ଏହା ମଧ୍ୟରୁ ଗତ ୫ ବର୍ଷ ମଧ୍ୟରେ ପ୍ରାୟ ୭ଲକ୍ଷ ୪୩ ହଜାର ହେକ୍ଟର ଚାଷଜମିକୁ ଜଳସେଚିତ କରାଯାଇଛି। ଏହି ପ୍ରସଙ୍ଗ ଉପରେ ୬୦ ଜଣ ବିଧାୟକ ବିଧାନସଭାରେ କହିବାକୁ ଚାହିଁଥିଲେ।

## ଆସନ୍ତାକାଲିର 'ଭାରତ ବନ୍ଦ'କୁ ସମାଜବାଦୀ ପାର୍ଟିର ସମର୍ଥନ

ଭୁବନେଶ୍ୱର,୨୫/୦୩ (ନି.ପ୍ର): ୩ଟି ଯାକ କୃଷି ଆଇନ୍ ବାତିଲ୍ ଦାବିରେ କୃଷକ ସଂଗଠନମାନଙ୍କ ପକ୍ଷରୁ ଡାକରା ଦିଆଯାଇଥିବାର ଆସନ୍ତାକାଲିର 'ଭାରତ ବନ୍ଦ' କୁ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ସମ୍ପୂର୍ଣ୍ଣ ସମର୍ଥନ କରିଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଏକ ପ୍ରେସ୍ ବିବୃତିରେରେ ଏହି 'ବନ୍ଦ'କୁ ଶାନ୍ତିପୂର୍ଣ୍ଣ ଭାବରେ ରାଜ୍ୟବାସୀ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପାଳନ କରିବା ସହିତ ବିଜେପି ସରକାରକୁ ଉଚିତ୍ ଜବାବ ଦେବାକୁ ଆହ୍ୱାନ ଦେଇଛନ୍ତି ।

## ଭାରତ ବନ୍ଦ ପାଇଁ ପଥପ୍ରାନ୍ତ ସଭା ଓ ଶୋଭାଯାତ୍ରା




ବାଲେଶ୍ୱର,୨୫/୦୩ (ନି.ପ୍ର): କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ପ୍ରତ୍ୟାହାର ଦାବିରେ ଗତ ନଭେମ୍ବର ୨୬ ତାରିଖରୁ ଦିଲୀ ଉପକଣ୍ଠରେ ଧାରଣାରତ କୃଷକଙ୍କୁ ସମର୍ଥନ କରି ସମଗ୍ର ଦେଶରେ ୨୬ ତାରିଖର ଭାରତ ବନ୍ଦ ପାଇଁ ବିଭିନ୍ନ ମହଲରୁ ପ୍ରସ୍ତୁତି ଶେଷ ହୋଇଛି। ବାଲେଶ୍ୱରରେ ଏହି ଆନ୍ଦୋଳନକୁ ବିଭିନ୍ନ କୃଷକ ସଂଗଠନ ସହ କଂଗ୍ରେସ, ସମସ୍ତ ବାମପନ୍ଥୀଦଳ ଓ ଶ୍ରମିକ ସଂଗଠନମାନେ ସମର୍ଥନ ଜଣାଇଛନ୍ତି। ଏନେଇ ଗୁରୁବାର ବାଲେଶ୍ୱର ସହରରେ ପଥପ୍ରାନ୍ତ ସଭା ଓ ମୋଟର ସାଇକେଲ ଶୋଭାଯାତ୍ରା ଦ୍ୱାରା ଭାରତବନ୍ଦକୁ ସଫଳ କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଏଥିରେ ବ୍ୟାଙ୍କ, ବୀମା, ଗାଡ଼ିମଟର, ଅଟୋ, ରିକ୍ସା, ରାଜ୍ୟ ଓ କେନ୍ଦ୍ର ସରକାରୀ ଅଫିସ, କୋର୍ଟ କଚେରୀ, ହାଟ ବଜାର, ଶିକ୍ଷାନୁଷ୍ଠାନ ଓ ରେଳ ଚଳାଚଳ ବନ୍ଦ ରଖାଯିବ ବୋଲି କୁହାଯାଇଛି। ଏହି ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନରେ ଯୋଗ ଦେବାକୁ ସମସ୍ତ ବର୍ଗର ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଆୟୋଜିତ ପଥପ୍ରାନ୍ତ ସଭା ଓ ଶୋଭାଯାତ୍ରାରେ ଗୌରାଙ୍ଗ ପାଣିଗ୍ରାହୀ, ନିକୁଞ୍ଜ ବସନ୍ତ ରାୟ, ଭାଗବତ ପ୍ରତିହାରୀ, ରାଜକିଶୋର ଲେଙ୍କା, ଅରୁଣ ଜେନା, ଶ୍ୟାମସୁନ୍ଦର ଜେନା, ଜତିନ ପାତ୍ର, ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନମାରଣ ନୀତିକୁ ଦୃଢ଼ ବିରୋଧ କରିଛନ୍ତି। ପୁଞ୍ଜିପତିଙ୍କ ସ୍ୱାର୍ଥରକ୍ଷା ପାଇଁ କେନ୍ଦ୍ର ସରକାର ଆଇନ ସଂଶୋଧନ ଆଳରେ କୃଷକ, ଶ୍ରମିକ ଏମିତିକି ସାଧାରଣ ଜନତାଙ୍କ ସାମ୍ବିଧାନିକ ଅଧିକାରକୁ ସଂକୁଚିତ କରି ଦେଇଛନ୍ତି ବୋଲି ସେମାନେ ମତ ପ୍ରକାଶ କରିଥିଲେ। ସରକାରଙ୍କ ବିରୋଧରେ ଦେଶବ୍ୟାପୀ ହେଉଥିବା ଭାରତ ବନ୍ଦକୁ ସଫଳ କରିବା ପାଇଁ ସେମାନେ ନିବେଦନ କରିଛନ୍ତି।

## ପୂର୍ବତନ ଆଇଆଇସିଙ୍କ ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ଜଳେଶ୍ୱରରେ

ଜଳେଶ୍ୱର, ୨୫/୩ (ନିପ୍ର) : ଜଳେଶ୍ୱର ଅଂଚଳର ଜନୈକ ବ୍ରାଉନ୍‌ସୁଗର ମାଫିଆଙ୍କ ସହିତ ପୂର୍ବତନ ଆଇଆଇସି ଧନେଶ୍ୱର ସାହୁଙ୍କ ଲିଙ୍କର ଏକ ଅଡିଓ କ୍ଲିପ ପ୍ରକାଶ ହେବାପରେ ଘଟଣାର ସତ୍ୟାସତ୍ୟ ଲାଗି ବାଲେଶ୍ୱର ଅତିରିକ୍ତ ଏସ୍‌ପି ଗୋବିନ୍ଦ ସେଠୀ ତଦନ୍ତ କରି ରିପୋର୍ଟ ଦେଇଥିଲେ। ଧନେଶ୍ୱର ବାବୁଙ୍କ ସ୍ୱର ସହିତ ଅଡିଓ କ୍ଲିପରର ସାମଞ୍ଜସ୍ୟ ଥିବାର ରିପୋର୍ଟ ଦେବାପରେ ପୋଲିସ୍ ଡିଜି ତାଙ୍କୁ ସସ୍‌ପେଣ୍ଡ କରିଥିଲେ । ପରବର୍ତ୍ତୀ ସମୟରେ କ୍ରାଇମବ୍ରାଞ୍ଚ ଟିମ୍ ବାରମ୍ବାର ଆସି ତଦନ୍ତ କରି ଫେରିଛନ୍ତି । ନିକଟରେ କ୍ରାଇମବ୍ରାଞ୍ଚର ଡିଏସ୍‌ପି ଅନାଦି ସେଠୀଙ୍କ ନେତୃତ୍ୱରେ ଏକ ତିନିଜଣିଆ ଟିମ୍ ଜଳେଶ୍ୱରରେ ପହଞ୍ଚି ଥାନା ଓ ତାଙ୍କ ବାସଗୃହ ରେ ଥିବା କେତେକ କାଗଜପତ୍ର ଯଞ୍ଚେ କରିଥିଲେ। ପରେ ସେମାନେ ଜଳେଶ୍ୱର ଏସ୍‌ଡିପିଓ ଅଂକିତା କୁମ୍ଭାରଙ୍କ ସହିତ ଦୀର୍ଘ ସମୟ ରୁଦ୍ଧଦ୍ୱାର ବୈଠକରେ ଆଲୋଚନା କରିଥିଲେ । ପ୍ରକାଶଯୋଗ୍ୟ ଏହି ଘଟଣାରେ ୨ଜଣ ହୋମଗାର୍ଡଙ୍କ ପ୍ରତ୍ୟେକ୍ଷ ହାତ ଥିବାର କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି । ଏବେ ଅନ୍ୟ କେତେକ ହୋମ୍‌ଗାର୍ଡ ଉପାନ୍ତ ଟୁଲପ୍ଲାଜା ନିକଟରେ କେତେକ ଯୁବକଙ୍କୁ ହାତରେ ରଖି ବ୍ୟାପକ ଚାନ୍ଦା ଆଦାୟ କରୁଥିବା ବିଭିନ୍ନ ମହଲରୁ ଅଭିଯୋଗ ହୋଇ ଆସୁଛି । କିନ୍ତୁ ଜଳେଶ୍ୱରବାସୀ ଭିଡିଓ ଅଡିଓ ଘଟଣା ସଂପର୍କରେ ନ୍ୟାୟ ଜାଣିବାପାଇଁ ଅପେକ୍ଷା କରିଛନ୍ତି ।

## ୧୩୦ଲି ମଦ ଜବତ୍ : ୬ ଅଭିଯୁକ୍ତ ଗିରଫ

ଜଳେଶ୍ୱର, ୨୫/୩ (ନିପ୍ର) : ବାଲେଶ୍ୱର ଜିଲା ଅବକାରୀ ଅଧିକ୍ଷକ ସେକ୍ ଆସଫ ଅଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଭୋଗରାଇ ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜଳେଶ୍ୱର ଓଆଇସି ଦେବେନ୍ଦ୍ର କୁମାର ବେହେରା ଓ ଭୋଗରାଇ ଓଆଇସି ଜୟନ୍ତ କୁମାର ଆଚାର୍ଯ୍ୟ ଏବଂ ଜଳେଶ୍ୱର ଥାନାର ସହଯୋଗରେ ବିଭିନ୍ନ ସ୍ଥାନରେ ମିଳିତ ଚଢାଉ କରାଯାଇଥିଲା । ଜଳେଶ୍ୱର ବ୍ଲକର ଗୋବର ଘଟ୍ଟା ଗାଁର ଶ୍ରୀକାନ୍ତ ପଣ୍ଡା, ଲକ୍ଷ୍ମଣନାଥ ଗାଁର ପ୍ରଫୁଲ୍ଲ ଦାସ, ନାମ୍ପୋ ଗାଁର ପବିତ୍ର ଦଳେଇ, କମର୍ଦ୍ଦା ଥାନା ଅନ୍ତର୍ଗତ ଦାରୁହା ଗାଁର ଗାୟତ୍ରୀ ପ୍ରଧାନ, ଭୋଗରାଇ ଥାନା ଅନ୍ତର୍ଗତ ଜଳେଶ୍ୱରପୁରର ଅନୀଲ ସାହୁ, ଜୟରାମପୁରର ଚନ୍ଦନ ସାମଲଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଏଥିରେ ୧୧୦ଲିଟର ମହୁଲି ମଦ, ୯.୬ଲି କଣ୍ଟ୍ରିସ୍ପିରିଟ୍, ୯.୮ ଲି. ପଶ୍ଚିମବଂଗ ମାର୍କା ବିଦେଶୀ ମଦ ଜବତ୍ କରାଯାଇଛି ।



## ବଦିରୁଦ୍ଦିନ ପୀରବାବାଙ୍କ ବାର୍ଷିକଉତ୍ସବ ଅନୁଷ୍ଠିତ

ବାଲିଆପାଳ,୨୫/୦୩ (ନି.ପ୍ର): ବାଲିଆପାଳ ବ୍ଲକ କଚୁଆପଡାରେ ଅବସ୍ଥିତ ବଦିରୁଦ୍ଦିନ ପୀରବାବାଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କରୋନା କଟକଣା ଯୋଗୁଁ ଚଳିତବର୍ଷ କେବଳ ବିଧି ମୂତାବକ ଏହି ଉତ୍ସବ ପାଳନ କରାଯାଇଛି ।ଏଥିପାଇଁ ପୀଠକୁ ସୁସଜ୍ଜିତ କରାଯାଇଛି । ଆଜି ସକାଳେ ବାଲିଆପାଳ, କଚୁଆପଡା, ଖଗଡାପାଳ, କୁହ୍ଲଚଡ, ପ୍ରଭୃତି ବସ୍ତିର ସଂଖ୍ୟାଲଘୁ ଭାଇ ମାନେ ନୂଆ ଲୁଗା ପିନ୍ଧି ପୀରବାବାଙ୍କୁ ଦର୍ଶନ କରିବା ସହ ପୂଜା ର୍ଚ୍ଚନା କରିଥିଲେ । ପରେ ନିଜର ମନସ୍କାମନା ପାଇଁ ପୀଠରେ ଚାଦର ଚଢାଇଥିଲେ । କାର୍ଯ୍ୟକ୍ରମରେ ମୌଲାନା ଗୁଲାଜା ବିଲ୍ଲାଲୀ, ଗୁଲାମ ସରଓର.ସୟଦ ମୁବସ୍ତିର ହୋସେନ ପ୍ରମୁଖ ଯୋଗଦେଇ ସମସ୍ତ ରିତିନିତି ସମ୍ପ କରିଥିଲେ । କାର୍ଯ୍ୟକ୍ରମକୁ ଜୁମ୍ମା ସାହା, ସେକ ଜହର, ସେକ ପାକ,ସେକ କାଲା, ସେକ ଦାଦୁ,ଏସକେ ଇମତାଜ, ସାହାବୁଦ୍ଦିନ ସାହା ସମେତ କଚୁଆପଡା, ବାଲିଆପାଳ ବସ୍ତିର ଯୁବକମାନେ ପରିଚାଳନା କରିଥିଲେ ।

## ବାଲେଶ୍ୱରରେ ୫୮୫ଜଣ ଶିକ୍ଷା ସହାୟକଙ୍କୁ କନିଷ୍ଠ ଶିକ୍ଷକକୁ ପଦୋନ୍ନତି

ବାଲେଶ୍ୱର,୨୫/୦୩ (ନି.ପ୍ର): ବାଲେଶ୍ୱର ଜିଲାର ବିଭିନ୍ନ ବ୍ଲକରେ ମୋଟ ୫୮୫ ଜଣ ଶିକ୍ଷା ସହାୟକ ନିୟମିତ କନିଷ୍ଠ ଶିକ୍ଷକକୁ ପଦୋନ୍ନତି ପାଇବାକୁ ନେଇ ଓଡ଼ିଶା ଶିକ୍ଷା ସହାୟକ ଆସୋସିଏସନ ସନ୍ତୋଷ ପ୍ରକାଶ କରିଛି। ଏଥିରେ ସୋର ବ୍ଲକରେ ୪୫ଜଣ, ଔପଦା ବ୍ଲକରେ ୩୪ଜଣ, ଖଇରା ବ୍ଲକରେ ୪୮ଜଣ, ବାହାନଗା ବ୍ଲକରେ ୪୦ଜଣ, ସିମୁଳିଆ ବ୍ଲକରେ ୩୨ଜଣ, ସଦର ବ୍ଲକରେ ୫୮ଜଣ, ରେମୁଣା ବ୍ଲକରେ ୫୦ଜଣ, ଜଳେଶ୍ୱର ବ୍ଲକରେ ୪୦ଜଣ, ଭୋଗରାଇ ବ୍ଲକରେ ୬୮ଜଣ, ବସ୍ତା ବ୍ଲକରେ ୬୧ଜଣ, ବାଲିଆପାଳ ବ୍ଲକରେ ୫୮ଜଣ ଓ ନୀଳଗିରି ବ୍ଲକରେ ୪୮ଜଣ ଅଛନ୍ତି। ଦୀର୍ଘ ବର୍ଷଧରି ଶିକ୍ଷା ସହାୟକ ଭାବେ କାର୍ଯ୍ୟ କରିବା ପରେ ନିୟମିତ ଶିକ୍ଷକର ମାନ୍ୟତା ପାଇଥିବାରୁ ସମସ୍ତେ ଖୁସୀବ୍ୟକ୍ତ କରିଛନ୍ତି। ଏନେଇ ଜିଲା କନିଷ୍ଠ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ରବିନାରାୟଣ ଦାସ, କାର୍ଯ୍ୟକାରୀ ସଭାପତି ଚନ୍ଦ୍ରମୋହନ ସାହୁ, ବିଷ୍ଣୁ ମୋହନ ମହାରତିରଂଜନ ମହାରଣା,କାଶୀନାଥ ମହାରଣା, ଅବିନାଶ ବିଶ୍ୱାଳ, ମାନସ କୁମାର ଦାସ, ରବୀନ୍ଦ୍ର ମଲିକ, ମନୋଜ କୁମାର ବାରିକ, ନିହାର ରଂଜନ ଜେନା, ବିଶ୍ୱମ୍ଭର ଗିରି, ଉଜ୍ଜ୍ୱଳ ମଣ୍ଡଳ, ଅବନୀକୁମାର ଗିରି ପ୍ରମୁଖ ଜିଲା ଶିକ୍ଷାଧିକାରୀଙ୍କୁ କୃତଜ୍ଞତା ପ୍ରକାଶ କରିଛନ୍ତି।

## ତାଳଚେର ଥର୍ମାଲ୍ ବନ୍ଦ ନେଇ ଗୃହରେ ଉଦବେଗ

ଭୁବନେଶ୍ୱର,୨୫/୦୩ (ନି.ପ୍ର): ଟିଟିପିଏସକୁ ଏନଟିପିସି କର୍ତୃପକ୍ଷ ବନ୍ଦ କରିବାକୁ ଧମକ ଦିଆ ଯିବା ପ୍ରସଙ୍ଗରେ ଆଜି ବିଧାନସଭାରେ ଶାସକ ଦଳ ପକ୍ଷରୁ ଉଦବେଗ ପ୍ରକାଶ ପାଇଥିଲା । ଶୂନ୍ୟକାଳରେ ଏ ସମ୍ପର୍କରେ ବିଜେଡି ବିଧାୟକ ବ୍ରଜ ପ୍ରଧାନ କହିଥିଲେ ଯେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମଧ୍ୟ ପତ୍ର ଲେଖିଛନ୍ତି। ସେ କହିଛନ୍ତି ଯେ ତାଳଚେର ସାର କାରଖାନା ମଧ୍ୟ ବନ୍ଦହୋଇ ଯାଇଛି । ବର୍ତମାନ ଯେଉଁ ନୂଆ କାରଖାନା ହେବାର ପ୍ରସ୍ତାବ ରହିଛି, ତାହା ମଧ୍ୟ ଚାଲୁ ହେଉ ନାହିଁ । ଏହାକୁ ଚାଲୁ କରିବା ପାଇଁ ମଧ୍ୟ ସେ ଦାବି କରିଛନ୍ତି ।

## କରୋନାରେ ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ପରିବାରକୁ ପଚାଶ ଲକ୍ଷ ଟଙ୍କାର ସହାୟତା



ପାରାଦୀପ,୨୫/୦୩ (ନି.ପ୍ର): ସଂପ୍ରତି କୋଭିଡ୍-୧୯ ରେ ଆକ୍ରାନ୍ତ ହୋଇ ଗତ ଅକ୍ଟୋବର ମାସରେ ପାରାଦୀପ ବନ୍ଦର ଚିକିତ୍ସାଳୟ ର କର୍ମଚାରୀ ତ୍ରିନାଥ ଚରଣ ଲେଙ୍କା ମୃତ୍ୟୁବରଣ କରିଥିଲେ । ପୂର୍ବ ରୁ କେନ୍ଦ୍ର ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ଏ ସଂପର୍କ ରେ ନିର୍ଦ୍ଦେଶନାମା ଜାରୀ କରିଥିଲେ ଯଦି କେହି ବନ୍ଦର କର୍ମଚାରୀ କରୋନା ରେ ମୃତ୍ୟୁବରଣ କରନ୍ତି ମୃତକଙ୍କ ପରିବାର କୁ ପଚାଶ ଲକ୍ଷ ଟଙ୍କା ର ଆର୍ଥିକ ସହାୟତା ପ୍ରଦାନ କରାଯିବ ।ଏହି କ୍ରମରେ ପାରାଦୀପ ବନ୍ଦର ପକ୍ଷରୁ ଗୁରୁବାର ଦିନ ଅପରାହ୍ନରେ ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷ ସ୍ୱର୍ଗତ ଲେଙ୍କାଙ୍କ ସହଧର୍ମିଣୀ ସବିତା ଲେଙ୍କାଙ୍କୁ ପଚାଶ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି । ବନ୍ଦରର ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରହଲ୍ଲାଦ ପଣ୍ଡା ଏବଂ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ପଚାଶ ଲକ୍ଷ ଟଙ୍କା ର ଚେକ୍ ପ୍ରଦାନ କରାଯାଇଛି । ସ୍ୱର୍ଗତ ଲେଙ୍କା ପାରାୀପ ବନ୍ଦର ଚିକିତ୍ସାଳୟ ରେ ଅବସର ପରେ ଅସ୍ଥାୟୀ ଭାବେ ଡ୍ରେସର ଭାବେ କାମ କରୁଥିଲେ । ଏହି ସମୟରେ କରୋନା ରେ ସଂକ୍ରମିତ ହୋଇ ସ୍ୱର୍ଗତ ଲେଙ୍କାଙ୍କର ମୃତ୍ୟୁ ହୋଇଥିଲା ।

## କଣ୍ଠଶିଳ୍ପୀ ସୁସ୍ମିତାଙ୍କ ଆଇୟୁସିଏନ୍ ସହ ଚୁକ୍ତିନାମା



ଭୁବନେଶ୍ୱର, ୨୫/୩/(ନି.ପ୍ର) ଓଡ଼ିଶାର ଘରେ ଘରେ ପରିଚିତ କଣ୍ଠଶିଳ୍ପୀ ସୁସ୍ମିତା ଦାସଙ୍କୁ ଏହି ନିକଟରେ ଇଣ୍ଟରନ୍ୟାସନାଲ୍ ୟୁନିୟନ୍ ଫର କନ୍‌ଜରଭେସନ୍ ଅଫ୍ ନେଚର୍ (ଆଇୟୁସିଏନ୍) ଦ୍ୱାରା ସମ୍ମାନୀତ କରାଯାଇଅଛି । ଆଇୟୁସିଏନ୍ ସବୁବେଳେ ପ୍ରଚେଷ୍ଟା ଥାଏ କିପରି ଭାବେ ଆମ ପ୍ରକୃତିକୁ ସୁରକ୍ଷାଦେବା । ଏହି ପରିପ୍ରେକ୍ଷୀରେ ଯେଉଁମାନେ ଆମ ସମାଜ ଏବଂ ଆମ ପ୍ରକୃତି ଓ ପରମ୍ପରାକୁ ବଞ୍ଚାଇ ରଖିଛନ୍ତି, ସେମାନଙ୍କୁ ଆଇୟୁସିଏନ୍ ସର୍ବଦା ସମ୍ମାନୀତ କରିଛି । ଏହାଛଡ଼ା ଆଇୟୁସିଏନ୍ ସୁସ୍ମିତାଙ୍କୁ ବିଶ୍ୱ ପର୍ଯ୍ୟାବରଣ ଦିବସ ଉପଲକ୍ଷେ ଏକ ଗୀତ ମଧ୍ୟ ପ୍ରସ୍ତୁତ କରିବା ପାଇଁ ଅନୁରୋଧ କରିଛି । ଯାହାର ବିଷୟ ବସ୍ତୁ ରହିବ "ପୃଥିବୀ ମନ୍ଥନ" । ଏହି ଗୀତରେ ମଧ ଆଇୟୁସିଏନ୍ ମିଳିତ ଭାବେ ସୁସ୍ମିତାଙ୍କ କାମ କରିବ ଏବଂ ଜୁନ ୫ ବିଶ୍ୱ ପର୍ଯ୍ୟାବରଣ ଦିବସରେ ଏହି ଗୀତଟିକୁ ଉନ୍ମୋଚନ କରାଯିବ, ଏହା ଯେ କେବଳ ସୁସ୍ମିତାଙ୍କ ପାଇଁ ଗର୍ବର କଥା ତାହା ନୁହେଁ ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ମଧ ଗୌରବର ପରିଭାଷା, ସୁସ୍ମିତା ଦାସ ଏହି ସଫଳତା ପାଇଁ ସେ ଆଇୟୁସିଏନ୍ ସହ ସମସ୍ତ ସ୍ରୋତ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଶ୍ରୀ ରାଧାମାଧବ ଓ କୃଷ୍ଣଚନ୍ଦ୍ର ଜୀଉଙ୍କ ଭବ୍ୟ ସିଂହାସନ ଆରୋହଣ ଉତ୍ସବ

ଭଦ୍ରକ,୨୫/୦୩ (ନି.ପ୍ର): ଭଦ୍ରକ ବ୍ଲକ୍ ଅଧୀନସ୍ଥ କଲେଇ ପଂଚାୟତର ବଳଭଦ୍ରପୁର ଠାରେ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ବର୍ଷ ଧରି ପୂଜା ପାଇଆସୁଥିବା ଶ୍ରୀ ରାଧାମାଧବ ଓ କୃଷ୍ଣଚନ୍ଦ୍ର ଜୀଉଙ୍କ ପୁନଃ ନିର୍ମିତ ମନ୍ଦିରର ଭବ୍ୟ ସିଂହାସନ ଆରୋହଣ ଉତ୍ସବ ଆଜିଠାରୁ କଳସ ଶୋଭାଯାତ୍ରାରେ ଆରମ୍ଭ ହୋଇଛି। ଏହି ଉତ୍ସବର ଉଦ୍‌ଯାପନ ଆସନ୍ତା ୨୬ ତାରିଖ ପୂର୍ଣ୍ଣାହୁତି ଓ ବିଗ୍ରହଙ୍କ ସିଂହାସନ ବିଜେରେ ସମାପନ ହେବ। ତେବେ ଆଜି ପ୍ରାତଃରେ ସ୍ଥାନୀୟ ଗ୍ରାମର ମହିଳାମାନେ ହଳଦିଆ ବସ୍ତ୍ର ପରିଧାନ ପୂର୍ବକ ଏକ ସୁଶୋଭିତ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ମନ୍ଦିର ନିକଟରୁ ବାହାରି ସ୍ଥାନୀୟ ଅଂଚଳ ପରିକ୍ରମା କରିବା ପରେ ମା' କ୍ଷେତ୍ରବାସିନୀ ପୀଠ ନିକଟ କପାଳୀ ନଦୀରେ ଘଟ ଉତ୍ତୋଳନ ପୂର୍ବକ ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ଏହାପରେ ପୁରୋହିତ ପୂର୍ଣ୍ଣଚନ୍ଦ୍ର ପାଣିଙ୍କ ଦ୍ୱାରା ହୋମାଦି ଯଜ୍ଞକାର୍ଯ୍ୟର ଶୁଭାରମ୍ଭ ହେବାପରେ ବିଗ୍ରହଗୁଡିକୁ ଯଜ୍ଞସ୍ଥଳ ବିମାନରେ ସ୍ଥାପନା ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ସଂକୀର୍ତ୍ତନ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ପୂର୍ଣ୍ଣଚନ୍ଦ୍ର ରାୟ ମୁଖ୍ୟ ପୁରୋଧାର ଦାୟିତ୍ୱ ତୁଲାଇଥିଲେ। ହୃଦାନନ୍ଦ ରାଉତ, ଗୟାଧର ରାୟ, ଜଗନ୍ନାଥ ରାୟ, ପ୍ରମୋଦ ରାୟ, ବାବୁଲା ରାଉତ, ମାନସ କୁମାର ରାଉତ, ରମାକାନ୍ତ ରାୟ, ସୁଶାନ୍ତ ମହାପାତ୍ର, ଶେଷଦେବ ରାୟ, ରବିନ୍ଦ୍ର ରାୟ, ଅଭିଜିତ୍ ମହାପାତ୍ର, ଅମର ରାୟ, ଉମାକାନ୍ତ ରାଉତ, ତପନ ରାଉତ, ରଂଗାଧର ରାଉତ, ଦେବେନ୍ଦ୍ର ରାୟ, ଶରତ ମହାପାତ୍ର ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସଂପନ୍ନ ହୋଇଥିଲା। ଶେଷରେ ସମସ୍ତଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରାଯାଇଥିଲା।

## ମଧୁପୁରା ପଞ୍ଚାୟତର ପମ୍ପ ହାଉସରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କଲା ବିଦ୍ୟୁତ ବିଭାଗ

ବାଲିଆପାଳ,୨୫/୦୩ (ନି.ପ୍ର): ଗତ ଏକ ସପ୍ତାହ ଧରି ବାଲିଆପାଳବ୍ଲକ ମଧୁପୁରା ପଞ୍ଚାୟତର ଜନସାଧାରଣ ପାଣି ପାଇଁ କଲବଲ ହେଉଛନ୍ତି । ପଞ୍ଚାୟତର ଅନେକସ୍ଥାନକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ହୋଇଛି ।ଏପରିକି ସିମୁଳିଆ ରାବଣ ପୋଡି ପଡିଆ ନିକଟରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ଏକ ଓଭରହେଡ ଟାଙ୍କି ନିର୍ମାଣ ହୋଇଛି ।କିନ୍ତୁ ଭୂତଳ ଜଳସ୍ତର ହ୍ରାସ ଯୋଗୁଁ ପାଇପରୁ ପାଣି ବାହାରୁ ନାହିଁ ।ଆଜି ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଏହାକୁ ସଜଡା ଯାଇଛି । କିନ୍ତୁ ସେପଟେ ଲକ୍ଷ ଲକ୍ଷ ଟଙ୍କା ବିଦ୍ୟୁତବିଲ ଯୋଗୁଁ ବିଦ୍ୟୁତ ବିଭାଗ ଏହି ପଞ୍ଚାୟତର ତିନୋଟି ପାଣି ପମ୍ପରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଦେଇଛି । ଫଳରେ ପାଣି ସମସ୍ୟା ଦୂର ହେବା ପରିବ ର୍ତେ ଅପରିବର୍ତ୍ତୀତ ରହିଛି ।ମିଳିଥିବା ସୂଚନା ଅନୁସାରେ ମଧୁପୁରା ପଞ୍ଚାୟତରେ ଥିବା ପାଣି ପମ୍ପ ଗୁଡିକରେ ୧୫ ଲକ୍ଷ ଟଙ୍କାର ବିଦ୍ୟୁତଦେୟ ବାକି ରହିଛି । ଦୀର୍ଘଦିନ ଧରି ଏହି ବିଦ୍ୟୁତ ଦେୟ ବାକି ରହିଥିବା ବେଳେ ବିଦ୍ୟୁତ ବିଭାଗ ଆଖିବୁଜି ଦେଇଥିଲା । ଏବେ ଖରାଦିନେ ପାଣି ପାଇଁ ଲୋକେ ହନ୍ତ ସନ୍ତ ହେଉଥିବା ବେଳେ ପାଣି ପମ୍ପ ଗୁଡିକରୁ ବିଦ୍ୟୁତସଂଯୋଗ ବିଚ୍ଛିନ୍ନକରିବା କେତେଦୂର ଯୁକ୍ତିଯୁକ୍ତ ତାକୁ ନେଇ ପ୍ରଶ୍ନ ଉଠିଛି । ଏହି ପଞ୍ଚାୟତରେ ରହିଛି ସିମୁଳିଆ ଦୈନିକ ମାର୍କେଟ । ଏଠାରେ ହଜାରେରୁ ଉର୍ଦ୍ଧ୍ୱ ଛୋଟ ବଡ ଦୋକାନ ରହିଥିବା ବେଳେ ପ୍ରତିଦିନ ଏହି ମାର୍କେଟକୁ ହଜାର ହଜାର ଲୋକ ଆସିଥାନ୍ତି । ଗତ ପାଞ୍ଚଦିନ ହେଲା ଏହି ମାର୍କେଟରେ ଲୋକ ପାଣି ପାଇ ନାହାନ୍ତି । ସେହିପରି ବିଭିନ୍ନ ଗ୍ରାମରେ ଥିବା ନଳକୂପ ଗୁଡିକ ଅଚଳ ହୋଇପଡିଛି । ଫଳରେ ଲୋକମାନେ ଦୁଇ ଚାରିକିଲୋମିଟର ଦୂରରେ ବିଲ ମଝିରେଥିବା ସେଲ୍ୟୁପଏଣ୍ଟରୁ ପାଣି ଆଣିବାକୁ ବାଧ୍ୟ ହୋଇଛନ୍ତି । ପ୍ରତିବର୍ଷ ଖରାଦିନ ପୂର୍ବରୁ ବିଭୀନ୍ନ ଛକ ମାନଙ୍କରେ ପଞ୍ଚାୟତ ପକ୍ଷରୁ ଜଳଛତ୍ର ମଧ୍ୟ ଖୋଲାଯାଏ ।କିନ୍ତୁ ଏବର୍ଷ ତାହା ମଧ୍ୟ ଦେଖିବାକୁ ମିଳୁନାହିଁ । ବୃଦଭାର ପାଣି ସମସ୍ୟାକୁ ନେଇ ମଧୁପୁରା ପଞ୍ଚାୟତର ମହିଳା ମାନେ ବ୍ଲକ ଅଫିସ ଆଗରେ ଧାରଣାରେ ବସିଥିଲେ । ଦୁଇଦିନ ଭିତରେ ସମସ୍ୟାର ସମାଧାନ କରାଯିବ ବୋଲି ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପ୍ରତିଶୃତି ଦେଇଥିଲା । କିନ୍ତୁ ପାଣି ପମ୍ପ ଗୁଡିକରୁ ବିଦ୍ୟୁତ ସଂଯୋଗ କଟିଥିବା ଯୋଗୁଁ ଏହି ସମସ୍ୟାର ସମାଧାନ ହେବା ଦେଖାଯାଉନାହିଁ ।

### ଓସିଏ 'ଭିଜନ-୨୦୨୪' ଆନ୍ତଃ ଜିଲ୍ଲା କ୍ଲବ ସିନିୟର ଲିଗ୍ ଟୁର୍ଣ୍ଣାମେଣ୍ଟ

## ଇଷ୍ଟକୋଷ୍ଟ ରେଲୱେ ଓ ସାଲନ୍ଦୀ କ୍ଲବ ବିଜୟୀ






ଭଦ୍ରକ,୨୫/୦୩ (ନି.ପ୍ର): ଚରମ୍ପା ରେଲୱେ ଗ୍ରାଉଣ୍ଡ ଓ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡ଼ିଆ ଦୁଇଟି ସ୍ଥାନରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ 'ଭିଜନ-୨୦୨୪' ପରିପ୍ରେକ୍ଷୀରେ ଜିଲ୍ଲା କ୍ରିକେଟ ଆସୋସିଏସନ ଦ୍ୱାରା ଆୟୋଜିତ ହୋଇ ଚାଲୁଥିବା ଆନ୍ତଃ ଜିଲ୍ଲା ସିନିୟର କ୍ଲବ ଲିଗ ଟୁର୍ଣ୍ଣାମେଣ୍ଟରେ ଆଜି ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଭଦ୍ରକ କଲେଜ ପଡ଼ିଆରେ ଜଗନ୍ନାଥପୁର କ୍ରିକେଟ କ୍ଲବ ଜେସିସି ଓ ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟ୍ସ ଏକାଡେମୀ ମଧରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଇଷ୍ଟକୋଷ୍ଟ ରେଲୱେ ଟସ୍ ଜିତି ବ୍ୟାଟିଂ କରି ୩୬.୩ ଓଭରରେ ୧୮୬ ରନ କରି ଅଲ୍ ଆଉଟ ହୋଇଥିଲେ। ଜ୍ୟୋତି ରଂଜନ ମହାରଣା ୫୪, ନୀହାର ଭୂୟାଁ ୪୩, ଓମ୍‌ଶ୍ରୀ ଯାଦବ୨୪ ରନ କରିଥିଲେ। ଜେସିସି ପକ୍ଷରୁ କ୍ଷିତିଶ ମହାନ୍ତି ୩ଟି, ସତ୍ୟକାମ ଭରଦ୍ୱାଜ ୩ଟି ଓ ସଚ୍ଚିଦାନନ୍ଦ ବଳ ଗୋଟିଏ ଉଇକେଟ ନେଇଥିଲେ। ପରେ ବ୍ୟାଟିଂ କରି ଜେସିସି ଦଳ ୩୭.୩ ଓଭରରେ ୧୩୯ ରନ କରି ଅଲ୍ ଆଉଟ ହୋଇ ଯାଇଥିଲେ। ସମ୍ବିତ ସାମଲ ୪୦, ଶାନ୍ତନୁ ଦାସ ୩୩ ଓ ସତ୍ୟକାମ ଭରଦ୍ୱାଜ ୧୪ ରନ କରିଥିବା ବେଳେ ମୃଣ୍ମୟ ତ୍ରିପାଠୀ ୪ଟି, ନୀହାର ଭୂୟାଁ ୨ଟି ଓ ଓମ୍‌ଶ୍ରୀ ଯାଦବ ୨ଟି ଉଇକେଟ ନେଇଥିଲେ। ନୀହାର ଭୂୟାଁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଏହି ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ ବିଜୟୀ ହୋଇଥିଲା। ମ୍ୟାଚକୁ ସାର୍ଥକ ବିଶ୍ୱାଳ ଓ ରଂଜନ ମହାନ୍ତି ଅମ୍ପାୟାର ଭାବେ ପରିଚାଳନା କରିଥିଲେ। ସେହିପରି ଅନ୍ୟ ଗୋଟିଏ ମ୍ୟାଚ ଚରମ୍ପା ରେଲୱେ ପଡ଼ିଆରେ ସାଲନ୍ଦୀ କ୍ଲବ ଓ ୟୁନାଇଟେଡ ଏକାଡେମୀ ମଧରେ ଖେଳା ଯାଇଥିଲା। ସାଲନ୍ଦୀ କ୍ଲବ ଟସ୍ ଜିତି ବ୍ୟାଟିଂ କରି ୪୪.୩ ଓଭରରେ ୨୮୭ ରନ କରି ଅଲ୍ ଆଉଟ ହୋଇ ଯାଇଥିଲା। ଇନ୍ଦ୍ରଜିତ ମହାନ୍ତି ୫୭, ଅନୁଭବ ବଳ ୫୫ ଓ ଅନିଲ କୁମାର ସାହା ୫୩ ରନ କରିଥିଲେ। ୟୁନାଇଟେଡ ଏକାଡେମୀ ପକ୍ଷରୁ ଚିତ୍ତରଂଜନ ବେହେରା ୩ଟି, ବିମଳ ଦାସ ୨ଟି ଓ ସାହିଲ ଖାନ୍ ୨ଟି ଉଇକେଟ ନେଇଥିଲେ। ୟୁନାଇଟେଡ ଦଳ ବ୍ୟାଟିଂ କରି ୪୫ ଓଭରରେ ୬ ଉଇକେଟରେ ୨୩୧ ରନ କରିବାକୁ ସମର୍ଥ ହୋଇଥିଲା। ଚିତ୍ତରଂଜନ ବେହେରା ଶତକୀୟ ଇନିଙ୍ଗସ ଖେଳି ୧୩୯ ରନ କରିଥିଲେ ମଧ ଦଳକୁ ଜିତାଇ ପାରି ନ ଥିଲେ। ଦଳ ପରାଜୟ ବରଣ କରିଥିଲା। ସାହିଲ ଖାନ ୫୧ ଓ ଅଭିଜିତ ଶୁଭଙ୍କର ଦାସ ୧୩ ରନ କରିଥିଲେ। ସାଲନ୍ଦୀ ପକ୍ଷରୁ ସଞ୍ଜୟ ଜେନା ୩ଟି, ନନ୍ଦ ମୁଣ୍ଡା ୨ଟି ଓ ଭବ୍ୟଭାନୁ ସ୍ୱାଇଁ ଗୋଟିଏ ଉଇକେଟ ନେଇଥିଲେ। ସଞ୍ଜୟ ଜେନାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଏହି ମ୍ୟାଚକୁ ଦେବବ୍ରତ ଦାଶ ଓ ଅବଦୁଲ ରହିମ ଖାନ୍ ଅମ୍ପାୟାର ଭାବେ ପରିଚାଳନା କରିଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo